


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 310 | ଭାଗ ୩୨ | ସଂଖ୍ୟା ୩୧୦
Bhubaneswar | Monday 3 February 2025 | Page 8 Rs. 4.00
ଭୁବନେଶ୍ୱର ସୋମବାର ୩ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଜେଣ୍ଡର ବଜେଟ୍ | ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

## ଗତବର୍ଷ ତୁଳନାରେ ୩୭.୨୫% ଅଧିକ ବ୍ୟୟବରାଦ

**ନୂଆଦିଲ୍ଲୀ,୨।୨(ସଂଚାର ବ୍ୟୁରୋ):** କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିଥିଲେ। ମୋଟ କେନ୍ଦ୍ର ବଜେଟରେ ଜେଣ୍ଡର (ଲିଙ୍ଗ) ବଜେଟ୍ ଆବଣ୍ଟନର ଅଂଶ ୨୦୨୪-୨୫ ଆର୍ଥିକ ବର୍ଷରେ ୬.୮ ପ୍ରତିଶତ ଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୮.୮୬ ପ୍ରତିଶତକୁ ବୃଦ୍ଧି ପାଇଛି।

୨୦୨୫-୨୬ ଆର୍ଥିକ ବର୍ଷର ଜେଣ୍ଡର ବଜେଟ ବିବରଣୀରେ ମହିଳା ଓ ବାଳିକାଙ୍କ କଲ୍ୟାଣ ପାଇଁ ୪.୪୯ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହା ୨୦୨୪-୨୫ ଆର୍ଥିକ ବର୍ଷର ୩.୨୭ ଲକ୍ଷ କୋଟି ଟଙ୍କାର ଜିବିଏସ୍ ତୁଳନାରେ ୩୭.୨୫ ପ୍ରତିଶତ ଅଧିକ। ୨୦୨୪-୨୫ ଆର୍ଥିକ ବର୍ଷରେ ୩୮ଟି



ମନ୍ତ୍ରଣାଳୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳ ଜେଣ୍ଡର ବଜେଟ୍ ଆବଣ୍ଟନ କରିଥିବାବେଳେ ଚଳିତ ବର୍ଷ ମୋଟ ୪୯ଟି ମନ୍ତ୍ରଣାଳୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳ ଆବଣ୍ଟନ କରିଛନ୍ତି ।

ଏହି ୪୯ଟି ମନ୍ତ୍ରଣାଳୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳ ଜେଣ୍ଡର ବଜେଟ୍ ଷ୍ଟେଟମେଣ୍ଟର ପାର୍ଟ ଏ, ପାର୍ଟ ବି ଏବଂ ପାର୍ଟ ସି'ରେ ଆବଣ୍ଟନ ରିପୋର୍ଟ କରିଛନ୍ତି। ପାର୍ଟ-ଏ ଅର୍ଥାତ ୧୦୦ ପ୍ରତିଶତ ମହିଳା-ନିର୍ଦ୍ଦିଷ୍ଟ ଯୋଜନାରେ ୧୭ଟି ମନ୍ତ୍ରଣାଳୟ ଓ ୫ଟି କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ୧,୦୫,୫୩୫.୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ପାର୍ଟ-ବି' ଅର୍ଥାତ ମହିଳାଙ୍କ ପାଇଁ ୩୦-୯୯ ପ୍ରତିଶତ ଆବଣ୍ଟନରେ ୩୭ଟି ମନ୍ତ୍ରଣାଳୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ୩,୨୬,୭୭୨.୦୦ କୋଟି ଟଙ୍କା ଏବଂ ପାର୍ଟ-ସି' ଅର୍ଥାତ ମହିଳାଙ୍କ ପାଇଁ ୩୦ ପ୍ରତିଶତରୁ କମ୍‌ରେ ୨୨ଟି ମନ୍ତ୍ରଣାଳୟ ଦ୍ୱାରା ୧୬,୮୨୧.୨୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଲିଙ୍ଗ ବଜେଟରେ ୩୦ ପ୍ରତିଶତରୁ ଅଧିକ ଆବଣ୍ଟନ କରିଥିବା ପ୍ରମୁଖ ୧୦ଟି ମନ୍ତ୍ରଣାଳୟ/ବିଭାଗଗୁଡ଼ିକ ହେଲା: ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ (୮୧.୭୯ ପ୍ରତିଶତ), ଗ୍ରାମ୍ୟ ଉନ୍ନୟନ ବିଭାଗ (୬୫.୭୬ ପ୍ରତିଶତ), ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ (୫୦.୯୨ ପ୍ରତିଶତ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ➪ପୃଷ୍ଠା-୬

# ବଜାରକୁ ଫେରିଲା ବର୍ଣ୍ଣବୋଧ



- ଓଡ଼ିଆ ଭାଷା ଶିକ୍ଷାରେ ବର୍ଣ୍ଣବୋଧର ବିକଳ୍ପ ନାହିଁ: ମୁଖ୍ୟମନ୍ତ୍ରୀ
- ଚଳିତ ବର୍ଷ ଛପାଯିବ ୧୦ ହଜାର କପି
- ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାଙ୍କୁ ଯଥୋଚିତ ସମ୍ମାନ ଦିଆଯାଉଛି
- ବର୍ଣ୍ଣବୋଧକୁ ଫେରିଲା ହରିଣ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ଓଡ଼ିଶା ଓ ଓଡ଼ିଆ ଭାଷା ଯେଉଁ କାଳଖଣ୍ଡରେ ନିଜର ଅସ୍ତିତ୍ୱ ଓ ଜାତୀୟତା ପାଇଁ ସଂଗ୍ରାମ କରୁଥିଲେ, ସେହି ସମୟରେ ଭକ୍ତକବି ମଧୁସୂଦନ ରାଓ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରି ରାଜ୍ୟର ହୃତ ଗୌରବ ଫେରାଇ ଆଣିଥିଲେ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି ଆୟୋଜିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଡିଜିଟାଲ କପି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ସକାଶେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପବିତ୍ର ଶ୍ରୀପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧର ନୂଆ ରୂପ ପ୍ରକାଶ ପାଇବା ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କୃଷି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଭାଷାର ନିଜତ୍ୱ ଓ ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ବର୍ଣ୍ଣବୋଧ ଲେଖା ହୋଇଥିଲା। ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ, ଶବ୍ଦ ଗଠନ, ବାକ୍ୟ ଗଠନକୁ ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇବା ଉପରେ ଗୁରୁତ୍ୱ ଦେଇଥିଲେ। ମା', ମାତୃଭୂମି ଏବଂ ମାତୃଭାଷା ଯେକୌଣସି ମାନବର ସବୁଠାରୁ ବଡ଼ ପରିଚୟ। ଯଦି କେହି ଏହାର ହତାଦର କରେ, ତାକୁ ସ୍ୱଭାବ କବି ଅଜ୍ଞାନ କହିଥିଲେ ନିଜ କାଳଜୟୀ ରଚନାରେ। ବର୍ଣ୍ଣବୋଧର ଭାଷା ଥିଲା ଅତ୍ୟନ୍ତ ସହଜ ଓ ସରଳ। ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ଦେଇ ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ। ଏହି ବହିଟି ଅତି କମ୍ ଦିନରେ ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟିଗଲା। ଘରେ ଘରେ ବର୍ଣ୍ଣବୋଧ ପହଞ୍ଚିଲା। ୧୮୯୫ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା। ➪ପୃଷ୍ଠା-୬

ନାକ୍ ରେଟିଂ କେଳେଙ୍କାରୀ

## ପ୍ରଫେସରଙ୍କ ସମେତ ୧୦ ଜଣଙ୍କୁ ଗିରଫ କଲା ସିବିଆଇ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ବିଶ୍ୱବିଦ୍ୟାଳୟକୁ ନାକ୍ ମାନ୍ୟତା ପାଇଁ ଲାଞ୍ଚ ନେବା ମାମଲାରେ ଘାଣ୍ଟିଛି ସିବିଆଇ। ଓଡ଼ିଶା ସମେତ ଦେଶର ୧୦ଟି ସ୍ଥାନରେ ସିବିଆଇ ରେଡ୍ କରିଛି। ଏହି କ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ସହ ମୋଟ ୧୦ ଜଣଙ୍କୁ ସିବିଆଇ ଟିମ୍ ଗିରଫ କରିଥିବା ଜଣାପଡ଼ିଛି। ନାକ୍ ରେଟିଂ ଦେବା ପାଇଁ ବଡ଼ ଧରଣର ଲାଞ୍ଚ କାରବାର






ହୋଇଥିବା ଜାଣିବା ପରେ ସିବିଆଇ ପକ୍ଷରୁ ତନାଘନା ଜାରି ରହିଛି।

ନାକ୍ ମାନ୍ୟତା ପାଇଁ ଲାଞ୍ଚ ନେବା ମାମଲାରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଓଡ଼ିଶା ବ୍ୟତୀତ ଚେନ୍ନାଇ, ବାଙ୍ଗାଲୋର, ବିଜୟୱାଡା, ସମ୍ବଲପୁର, ପାଲମୁ, ଭୋପାଳ, ଦିଲ୍ଲୀ ଆଦି ଅଞ୍ଚଳରେ ରେଡ୍ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବୁଲୁ ମହାରଣାଙ୍କୁ ସିବିଆଇ ଗିରଫ କରିଛି। ଆନ୍ଧ୍ର ପ୍ରଦେଶ ଗୁଣ୍ଟୁରର ଏକ ଶିକ୍ଷାନୁଷ୍ଠାନର ରେଟିଂ ବଢ଼ାଇବା ପାଇଁ ବଡ଼ ଧରଣର ଲାଞ୍ଚ କାରବାର ନେଇ ଅଭିଯୋଗ ହେବା ପରେ ଏହି ଆଧାରରେ ଦେଶର ୧୦ଟି ବିଶ୍ୱବିଦ୍ୟାଳୟରେ ଛାନ୍‌ଭିନ୍ କରିଛି ସିବିଆଇ ଅଧିକାରୀ। ସମ୍ବଲପୁର ➪ପୃଷ୍ଠା-୬

## ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବେ ଅର୍ଥ କମିଶନ

- ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ୧୫ ଜଣିଆ ଟିମ୍
- ରାଜନୈତିକ ଦଳ, ଟ୍ରେଡ୍ ୟୁନିୟନ ଓ ନିର୍ବାଚିତ ପ୍ରତିନିଧିଙ୍କ ସହ ବୈଠକ
- ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ଦାବିପତ୍ର ରଖିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨।୨ (ସଂଚାର ବ୍ୟୁରୋ):** ଚାରିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଷୋଡ଼ଶ ଅର୍ଥ କମିଶନ। ଡ଼. ଅରବିନ୍ଦ ପାନଗାରିଆଙ୍କ ସମେତ ଆସୁଥିବା ଏହି ୧୫ ଜଣିଆ ଟିମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଭେଟିବେ। କମିଶନଙ୍କ ଟିମ ଭୁବନେଶ୍ୱର, ପୁରୀ ଓ କୋଣାର୍କର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବେ।

ଟିମରେ ଅର୍ଥ କମିଶନ ଡ଼. ପାନଗାରିଆଙ୍କ ପତ୍ନୀ ଅମିତା ପାନଗାରିଆ ମଧ ରହିବେ। ସେହିପରି ସଦସ୍ୟ ଅଜୟ ନାରାୟଣ ଝା, ଆଣ୍ଟି ଜର୍ଜ ମାଥ୍ୟୁ, ଡ. ସୌମ୍ୟକାନ୍ତ ଘୋଷ, ଡ. ମନୋଜ ପଣ୍ଡା, ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ପଣ୍ଡା ମଧ ଟିମ୍‌ରେ ଅଛନ୍ତି। ଏହାଛଡ଼ା ଟିମର ସଚିବ ଋତ୍ୱିକ ପାଣ୍ଡେ, ଅର୍ଥନୈତିକ ପରାମର୍ଶଦାତା ଡ. ପ୍ରଶାନ୍ତ କୁମାର ପଣ୍ଡା, କମିଶନଙ୍କ ବ୍ୟକ୍ତିଗତ ସହାୟକ କୁମାର ବିବେକ, ଯୁଗ୍ମ ନିର୍ଦ୍ଦେଶକ ପ୍ରିୟା ସରାଫ, ଉପନିର୍ଦ୍ଦେଶକ ମାନସୀ ଗୁପ୍ତା, ଉପନିର୍ଦ୍ଦେଶକ ଶିକ୍ଷା ସିଂ, ସଦସ୍ୟଙ୍କ ପିପିଏସ ଜି.ଭି ସୁବ୍ରମଣ୍ୟମ, ଆସିଷ୍ଟାଣ୍ଟ ଆକାଉଣ୍ଟ ଅଫିସର ଗୌରବ କୁମାର ଦୌସା ଆସୁଛନ୍ତି।

ଆସନ୍ତା ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଏହି କେନ୍ଦ୍ରୀୟ ଟିମକୁ ଅର୍ଥ ବିଭାଗର ଅଧିକାରୀମାନେ ସ୍ୱାଗତ କରିବେ। ଟିମ୍ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ତାରକା ହୋଟେଲରେ ଅବସ୍ଥାନ କରିବେ। ମଧ୍ୟାହ୍ନଭୋଜନ ପରେ ଟିମ୍ ଅପରାହ୍ନରେ ଖଣ୍ଡଗିରି ଓ ଉଦୟଗିରି ପରିଦର୍ଶନ କରିବା ପରେ କଳାଭୂମିରେ ସମୟ ଅତିବାହିତ କରିବେ। ୫ ତାରିଖ ପୂର୍ବାହ୍ନରେ ➪ପୃଷ୍ଠା-୬

# ବିଜେପି ନେତାଙ୍କୁ ବଦନାମ କରିବାର ମାଷ୍ଟରମାଇଣ୍ଡ ଥିଲେ ସରୋଜ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ବିଜେଡିର ଗେହ୍ଲାପୁଅ ଅଫିସର ତଥା ବର୍ତ୍ତମାନର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ ବିଜେଡି ସରକାର ସମୟରେ ବିଜେପି ଓ ତା'ର ନେତା ତଥା ତତ୍କାଳୀନ କେନ୍ଦ୍ରମନ୍ତ୍ରୀ





- କେନ୍ଦ୍ରମନ୍ତ୍ରୀଙ୍କ ନାମରେ ରୁଜୁ ହୋଇଥିଲା ମାମଲା
- ସଂଘ ନେତା ଭାବେ ଗୋଟି ଚଳାଉଥିଲେ ସରୋଜ
- ବିଶେଶ୍ୱରଙ୍କ ନାମରେ ଲାଗିଥିଲା ୪ ଦଫା
- ବିଜେପି ନେତାଙ୍କୁ ବୟକଟ୍ କରିବାକୁ ଦେଇଥିଲେ ଆହ୍ୱାନ

ବିଶେଶ୍ୱର ଟୁଡୁଙ୍କୁ ବଦନାମ କରିବାର ମାଷ୍ଟରମାଇଣ୍ଡ ଥିବା ନେଇ ଆଲୋଚନା ହେଉଛି। ଓଏଏସ୍ ସଂଘ ବୁଦ୍ଧିରେ ପଡ଼ି ଦୁଇ ଅଫିସର ଟୁଡୁଙ୍କ ନାମରେ ମାଡ଼ମରାଯାଇଥିବା ଅଭିଯୋଗ ଆଣିଥିବା ବେଳେ ସଂଘ ନେତା ଭାବେ ସେତେବେଳେ ସରୋଜ ବିଜେପି ବିରୁଦ୍ଧରେ ମୋର୍ଚ୍ଚା ସମ୍ଭାଳିଥିଲେ। ଏଥିଯୋଗୁଁ ବିଜେପି କେବଳ ମୟୂରଭଞ୍ଜରେ ନୁହେଁ, ବରଂ ସାରା ରାଜ୍ୟରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଜାମିନରେ ଆସିବାକୁ ବାଧ ହୋଇଥିଲେ। ଏବେ ସେହି ସରୋଜଙ୍କୁ ବିଜେପିର କିଛି ନେତା ଓ ଅଫିସର କୌଣସି ଅକୁହା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ପୁରସ୍କାର ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି।

୨୦୨୨ ମସିହା ଜାନୁଆରୀ ଶେଷ ସପ୍ତାହରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ମାଡ଼ ମାରିଛନ୍ତି ବୋଲି ଅଭିଯୋଗ କରିଥିଲେ ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଓ ସହକାରୀ ନିର୍ଦ୍ଦେଶକ ଅଶ୍ୱିନୀ ମଲ୍ଲିକ। ଦୁଇ କର୍ମଚାରୀ ଡାକ୍ତରଖାନାରେ ଭର୍ତ୍ତି ହେବା ସହ ଟୁଡୁଙ୍କ ନାମରେ ଥାନାରେ ମାମଲା ରୁଜୁ କରିଥିଲେ। ସେତେବେଳେ ଓଏଏସ୍ ସଂଘ ଏହି ଦୁଇ କର୍ମଚାରୀଙ୍କ ପାଇଁ ମଇଦାନକୁ ଓହ୍ଲାଇଥିଲା। କର୍ମଚାରୀଙ୍କ ଚାପରେ କେନ୍ଦ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ଆଇପିସିର ଧାରା ୩୨୩, ୩୨୫, ୨୯୪ ଓ ୫୦୬ ଦଫାରେ ମାମଲା ରୁଜୁ ହୋଇଥିଲା। ଗିରଫ ଭୟରେ ଟୁଡୁ ଆଗୁଆ ଜାମିନରେ ଆସିବାକୁ ବାଧ ହୋଇଥିଲେ।

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପିକୁ ବଦନାମ କରିବା ପାଇଁ ବିଜେଡିର ଏହି ଗୋଟିଚାଳନାରେ ସେତେବେଳର ଓଏଏସ୍ ସଂଘର ହର୍ତ୍ତାକର୍ତ୍ତା ଥିବା ସରୋଜ ମୁଖ୍ୟ ଭୂମିକା ନିଭାଇଥିବା ଆଲୋଚନା ହୋଇଥିଲା। ସଂଘ କର୍ମଚାରୀଙ୍କୁ ଏକାଠି କରି ବିଜେପିକୁ ଯେତେ ବଦନାମ କରାଯାଇପାରିବ ତାହା ସେ କରିଥିଲେ। ଦୁଇ କର୍ମଚାରୀ ମୟୂରଭଞ୍ଜରୁ ଆସି କଟକରେ ଆଡମିଶନ ହେବା ସହ ଗଣମାଧ୍ୟମରେ ସୁଚିନ୍ତିତ ଉପାୟରେ ଖବରମାନ ପ୍ରକାଶ ପାଇଥିଲା। ସଂଘକୁ ବ୍ୟବହାର କରି ବିଜେଡି ସରକାର ବିଜେପିକୁ ବଦନାମ କରିବାରେ ସଫଳ ହୋଇଥିଲେ।

ଏଭଳି ସହାୟତା ପାଇଁ ସରୋଜଙ୍କୁ ପରବର୍ତ୍ତୀ ସମୟରେ ଝାରସୁଗୁଡ଼ାର ଜିଲ୍ଲାପାଳ ପଦବୀରେ ଅବସ୍ଥାପିତ କରାଯାଇଥିଲା। ହେଲେ ତାଙ୍କର ଦଳୀୟ ପ୍ରୀତି ଦେଖି ଭାରତର ନିର୍ବାଚନ କମିଶନ ତାଙ୍କୁ ସେଠାରୁ ହଟାଇ ଦେଇଥିଲେ। ହେଲେ ବିଜେଡି ସରକାରର ଅତ୍ୟନ୍ତ ଖାସ୍ ଅଫିସର ଥିବାରୁ ସରୋଜଙ୍କୁ ମିଳିଥିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ପଦବୀ। ନିର୍ବାଚନ ପୂର୍ବରୁ ରାଜ୍ୟର ଗଣମାଧ୍ୟମଗୁଡ଼ିକ କିଭଳି ସରକାରଙ୍କର ଗୁଣଗାନ କରିଥିଲେ ଓ ପୃଷ୍ଠା ପୃଷ୍ଠା ବିଜ୍ଞାପନରେ ସେମାନଙ୍କୁ ପୋତି ଦିଆଯାଇଥିଲା, ତାହା ରାଜ୍ୟବାସୀ ଦେଖିଛନ୍ତି। ବିଜେପି ନେତାମାନେ ମଧ ସେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲେ। ହେଲେ ସରକାର ତାହାକୁ ଶୁଣିନଥିଲେ।

ସରକାର ବଦଳିବା ➪ପୃଷ୍ଠା-୬

● ୧ କୋଟି ହିତାଧିକାରୀଙ୍କ ସହ ସବୁଠୁ ବଡ଼ ଯୋଜନା

## ୮ରେ 'ସୁଭଦ୍ରା' ଚତୁର୍ଥ ପର୍ଯ୍ୟାୟ ଟଙ୍କା

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା 'ସୁଭଦ୍ରା' ଟଙ୍କାର ଇତିମଧ୍ୟରେ ହିତାଧିକାରୀମାନେ ତୃତୀୟ ପର୍ଯ୍ୟାୟ ଟଙ୍କା ପାଇସାରିଛନ୍ତି। ଆସନ୍ତା ୮ ତାରିଖରେ 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଏଥର ଯାଜପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫର ହେବ ବୋଲି ଆଜି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏଥିସହ ଶ୍ରୀମତୀ ପରିଡ଼ା ଯେଉଁମାନେ ସେମାନଙ୍କର ଇ-କେୱାଇସି ଓ ଏନ୍‌ପିସିଆଇ କରିନାହାନ୍ତି, ସେମାନେ ତୁରନ୍ତ ଏହା କରାଇନେବାକୁ ଶ୍ରୀମତୀ ପରିଡ଼ା କହିଛନ୍ତି। ଆଜି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେବାକୁ ଯାଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାକିଥିବା ଇ-କେୱାଇସି ଓ ଏନ୍‌ପିସିଆଇରୁ ପାଖାପାଖି ୨୫ ପ୍ରତିଶତ କ୍ଲିଅର ହୋଇଛି। ଆହୁରି ୨.୫ ଲକ୍ଷ ଏନ୍‌ପିସିଆଇ ଓ ଇ-କେୱାଇସି ବାକି ରହିଛି। ଆସନ୍ତା ୮ ତାରିଖ ପୂର୍ବରୁ ଯେଉଁମାନେ ଏହା କ୍ଲିଅର୍ କରିଦେବେ, ସେମାନଙ୍କୁ ନିଶ୍ଚିତ ଭାବେ ଉପରୋକ୍ତ ତାରିଖରେ ଟଙ୍କା ମିଳିବ। ତେଣୁ ମହିଳାମାନେ ତୁରନ୍ତ ବ୍ୟାଙ୍କରେ ପହଞ୍ଚି ସେମାନଙ୍କ ବାଇଓମେଟ୍ରିକ୍ ସହ ଏନ୍‌ପିସିଆଇ କରାଇନିଅନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।




ସେହିପରି ଯେଉଁମାନଙ୍କର ଇ-କେୱାଇସି କିମ୍ବା ଏନ୍‌ପିସିଆଇ ଆସନ୍ତା ୮ ତାରିଖ ମଧ୍ୟରେ କ୍ଲିଅର୍ ହେବନାହିଁ, ସେମାନଙ୍କୁ ଆସନ୍ତା ମାର୍ଚ୍ଚରେ ଏକକାଳୀନ ଦୁଇଟି କିସ୍ତି ମିଳିବ ବୋଲି ମଧ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଯୋଗ୍ୟ ହିତାଧିକାରୀମାନଙ୍କୁ ନିଶ୍ଚିତ ଭାବେ ସବୁ କିସ୍ତି ମିଳିବ। ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଲିଙ୍କ୍‌ରେ ସମସ୍ୟା ଥିଲେ ସେମାନେ ଏହା କ୍ଲିଅର୍ କରାଇନେବା ମାତ୍ରେ ସୁଭଦ୍ରା ଟଙ୍କା ପାଇପାରିବେ। ଏହି କ୍ରମରେ ଆସନ୍ତାକାଲି ଓ ମଙ୍ଗଳବାର ବ୍ୟାଙ୍କ୍‌ରେ ହିତାଧିକାରୀଙ୍କ ଇ-କେୱାଇସି ଓ ଏନ୍‌ପିସିଆଇ କ୍ଲିଅର୍ କରିବା ଦିଗରେ ବ୍ୟାଙ୍କ୍‌ଗୁଡ଼ିକ ସ୍ୱତନ୍ତ୍ର ଦୃଷ୍ଟି ଦେବେ। ତେଣୁ ଏହି ଦୁଇଦିନରେ ମହିଳାମାନେ ସେମାନଙ୍କ ଏନ୍‌ପିସିଆଇ କରାଇ ନେବା ଉଚିତ। ସେହିପରି ସର୍ବାଧିକ ଏନ୍‌ପିସିଆଇ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ରେ ବାକି ରହିଛି। ତେଣୁ ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଥିବା ଆବେଦନକାରୀମାନେ ସେମାନଙ୍କ ➪ପୃଷ୍ଠା-୬



### କାନ ଡେରିଥା

ହାରୁ ନେତା ଏବେ ବିଜେଡି
ମୁଖିଆ।
ସବୁ ଯେ ପାଣ୍ଡୁ ଚାକର
ଚାଟୁକାରି ପୁଣି ଆରମ୍ଭ ହେଲାଣି
ଦଳ ଟି ହେବ ବେକାର
ଏବେଠୁ ହୁଅ ତୟାର...
ଯାହା ହାତେ ଦଳ ସମର୍ପି
ଦେଉଛ
ସେମାନେ ନୁହେଁ କାହାର।

■ ଦେବାଶିଷ

# ବାବୁ ବଦଳିଲେ, ଅଫିସ ଛାଡୁନାହାନ୍ତି

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ଯାନବାହାନ ଟେଣ୍ଡରରେ ବାବୁ ଦୁର୍ନୀତି କଲେ। ଧରାପଡ଼ିବା ପରେ ସେକ୍ସନରୁ ବିଦା ବି ହେଲେ। ଖାଲି ସେତିକିରେ ସରିଲାନି, ସରକାର ତାଙ୍କୁ ବିଏମ୍‌ସିରୁ ମଧ ବିଦା କରିଦେଲେ। କିନ୍ତୁ ବଦଳିକୁ ଇତିମଧ୍ୟରେ ସପ୍ତାହେ ପୂରିଯାଇଥିଲେ ମଧ ବାବୁ ଅଫିସ୍ ଛାଡୁନାହାନ୍ତି। ବାବୁଙ୍କୁ ଗାଦିଲୋଭ ଛାଡୁନି। ଗାଡ଼ି ତେଲ ଚୋରି ରୋକିବା ପାଇଁ ପେଟ୍ରୋକାର୍ଡ ବ୍ୟବସ୍ଥା କରାଯାଇଥିଲା। କାର୍ଡ ଜରିଆରେ ସମସ୍ତ ଗାଡ଼ିରେ ତେଲ ପଡୁଥିଲା। ଏହାର ହିସାବ ରଖିବା ପାଇଁ ବାବୁଙ୍କର ବିଏମ୍‌ସି ସ୍ଥାୟୀ କର୍ମଚାରୀଙ୍କର ଉପରେ ଭରସା ପାଇଲାନି। ଠିକା ସଂସ୍ଥା ଜରିଆରେ ଜଣେ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଗଲା। ତେଲରୁ ଯେଉଁ କମିସନ ରାଜସ୍ୱ ଆକାରରେ ବିଏମ୍‌ସିକୁ ଆସୁଥିଲା, ସେ ସମ୍ପୂର୍ଣ୍ଣ କମିସନ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ପକେଟ୍‌କୁ ଦରମା ଆକାରରେ ଗଲା। ବିଏମ୍‌ସି କୋଠାର ଦ୍ୱିତୀୟ ମହଲାରେ ସମ୍ପୃକ୍ତ ଠିକା କର୍ମଚାରୀଙ୍କୁ ଚାମ୍ବର ବି ମିଳିଲା। ଆଗରୁ ଯେଉଁ କାମ ସହ ଆଉ ତିନିଟି କାମ ଜଣେ ମାତ୍ର ଅଧିକାରୀ କରୁଥିଲେ, ସେଥିରୁ ଏହି ଗୋଟିଏ କାମ ଉକ୍ତ ମହିଳା କର୍ମଚାରୀ ମୋଟା ଅଙ୍କର ଦରମା ନେଇ

ବିଏମ୍‌ସି ଯାନବାହନ ଟେଣ୍ଡରରେ ଦୁର୍ନୀତି
- ମିଛ ଗାଡ଼ି ନମ୍ବରରେ ବିଲ୍ ହେଉଥିଲା
- ତେଲ କମିସନ ନେଉଛନ୍ତି ମହିଳା କର୍ମଚାରୀ

ଚାମ୍ବରରେ ବସି କରୁଛନ୍ତି। ବିଏମ୍‌ସିରୁ ବିଦା ହୋଇଥିବା ଅଫିସର କେବଳ ଜାଣିନାହାନ୍ତି, ବରଂ କମିସନରଙ୍କଠାରୁ ଆରମ୍ଭ କରି ମେୟରଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣିଛନ୍ତି। କେତେକ କର୍ପୋରେଟର ବି ଏ ନେଇ ପ୍ରଶ୍ନ ଉଠାଇଛନ୍ତି। ହେଲେ ମେୟର ଓ କମିସନରଙ୍କୁ ଚୁପ୍ କରାଇଦେଇଥିବା ଏହି ବାହୁବଳୀ ଅଧିକାରୀ କର୍ପୋରେଟରଙ୍କୁ କାହିଁକି ବା ଖାତିର୍ କରିବେ?

ପୂର୍ବରୁ ଜଣେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ (ମେକାନିକାଲ) ଯାନବାହନ ଉପବିଭାଗ ଚଳାଉଥିଲେ। ଅଶୋକ ଲେଙ୍କା ଡେପୁଟି କମିସନର ଭାବରେ କାର୍ଯ୍ୟରେ ଯୋଗଦେଇ ଯାନବାହନ ଉପବିଭାଗ ଦାୟିତ୍ୱ ନେବା ପରେ ଏଥିରେ ଦୁର୍ନୀତି ଚାଲିଥିବା ଅଭିଯୋଗ କଲେ। ବ୍ୟବସ୍ଥାକୁ ସଜାଡ଼ିବାକୁ ପରାମର୍ଶ ଦେଲେ। ତେଲ ବି ନଗଦ ନ କିଣିବା ଉପରେ ଜୋର୍ ଦେଲେ। ଶେଷରେ ଯାନବାହନ ପରିଚାଳନା ପାଇଁ ଠିକା ସଂସ୍ଥା ଚୟନ କରିବାକୁ ଟେଣ୍ଡର କଲେ। ପେଟ୍ରୋକାର୍ଡ ବ୍ୟବସ୍ଥା ବି କଲେ। ନିଜେ ଟେଣ୍ଡର ଆହ୍ୱାନ କଲେ, ଚୁକ୍ତିନାମା ବି ସ୍ୱାକ୍ଷର କଲେ। କିନ୍ତୁ ପୌର ଆଇନ ଅନୁସାରେ ଡେପୁଟି କମିସନର ଚୁକ୍ତିନାମା କରିବାକୁ କ୍ଷମତାପ୍ରାପ୍ତ ନଥିଲେ। ଯଦି କରିବେ ତେବେ କମିସନର ତାଙ୍କୁ ଅଧିକୃତ କରିବା କଥା। କିନ୍ତୁ ଏହି ଟେଣ୍ଡରରେ କମିସନର ତାଙ୍କୁ ଅଧିକୃତ କରି ନଥିଲେ। ଏଣେ ଟେଣ୍ଡରଟି ତ୍ରୁଟିରେ ଭର୍ତ୍ତି ଥିଲା। ଯେଉଁ ଗାଡ଼ି ବିଏମ୍‌ସିରେ ବ୍ୟବହାର ହୋଇନି, ସେହି ଗାଡ଼ି ନମ୍ବର ପକାଇ ବିଲ୍ ହୋଇଥିଲା। ➪ପୃଷ୍ଠା-୬

## ବୃଦ୍ଧ ଦମ୍ପତିଙ୍କୁ ଦଳିଦେଲା ହାତୀ

ବ୍ୟାପକ ଫସଲ ନଷ୍ଟ ସହ ଘର ଭାଙ୍ଗିଲେ ହାତୀପଲ



**ଭବାନୀପାଟଣା,୨।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ କ୍ରମାଗତ ଭାବେ ହାତୀ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ହାତୀ ଆକ୍ରମଣରେ ଜନୈକ ବୃଦ୍ଧ ଦମ୍ପତି ପ୍ରାଣ ହରାଇଛନ୍ତି। ବାରମ୍ବାର ହାତୀ ଆକ୍ରମଣ ଘଟଣା ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଧନଜୀବନ ହାନି ହେଉଥିବାରୁ ଏଥିପାଇଁ ଗ୍ରାମବାସୀ ବନ ବିଭାଗକୁ ଦାୟୀ କରିଛନ୍ତି। ମିଳିଥିବା ସୂଚନାନୁସାରେ, କଳାହାଣ୍ଡି ଜିଲ୍ଲାର ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବିଶ୍ୱନାଥପୁର ରେଞ୍ଜ ଅନ୍ତର୍ଗତ ଲାଞ୍ଜିଗଡ଼ ସେକ୍ସନର କାଦୋମାଳି ଗାଁ ଭିତରକୁ ବିଳମ୍ବିତ ରାତିରେ ହାତୀପଲ ପଶିଆସିଥିଲେ। ହାତୀମାନେ ଗାଁରେ ଅନେକ ଲୋକ ଫସଲ ନଷ୍ଟ ➪ପୃଷ୍ଠା-୬

# ମୋତେ ଭୁଲିଯିବନି ମୁନୁ



**ଅନୁପମା ବିଶ୍ୱାଳ**



ଦିନକର ନିଜ କର୍ତ୍ତବ୍ୟ ସାରି ଫେରି ଯାଉଥାନ୍ତି। ରକ୍ତିମ ଆଭାରେ ପଶ୍ଚିମାକାଶ ଅଧିକ ସୁନ୍ଦର ଦେଖାଯାଉଥାଏ। ଶୀତୁଆ ପବନ ହାଲୁକା ହାଲୁକା ଭାବେ ଆସି ଦେହରେ ବାଡେଇ ହେଉଥାଏ। ଉପର ଛାତରେ ନୀରବରେ ମାଧବ ବାବୁ ବସିଥାନ୍ତି।ମନଟି ସେଦିନ କାହିଁକି ଅଜଣା ଭାରାରେ ଭାରାକ୍ରାନ୍ତ ଥାଏ। ହାତରେ ଡାଏରୀ ଓ କଲମ।କିନ୍ତୁ ଲେଖିବାକୁ ଇଚ୍ଛା ନାହିଁ। ଅନେକ ଚିନ୍ତା ମୁଣ୍ଡ ଉପରେ।ଆଜିର ପରିସ୍ଥିତିରେ ଘର ଚଳାଇବା କି କଷ୍ଟ।ଓହୋ ! ବେସରକାରୀ ଚାକିରି।ଦରମା ମାପଚୁପ। ହିସାବରେ ହିଁ ଚଳିବାକୁ ପଡେ।
ଶିକ୍ଷକ, ଢୋକେ ପି ଦାଣ୍ଡେ ଜୀ ଅବସ୍ଥା ।

କୁନି ଝିଅଟି ଦୌଡ଼ି ଦୌଡ଼ି ବାପାଙ୍କ ପାଖକୁ ଆସି କହିଲା,"ବାପା ତୁମ ପାଖକୁ କେହି ଜଣେ ଆସିଛନ୍ତି। ଜାଣିଛ ,ସେ ଭାରି ବଡ଼ ଘରର ଜଣାପଡୁଛନ୍ତି।କାହିଁକି କହିଲ? ସେ ନା ଆମପାଇଁ କେତେ ଖାଇବା ଜିନିଷ ଆଣିଛନ୍ତି। ତୁମେ ଶୀଘ୍ର ତଳକୁ ଆସ।"

ଝିଅ ମୁହଁରେ ଖୁସି ଦେଖି ଡେରି ନକରି ମାଧବ ବାବୁ ତଳକୁ ଗଲେ। ମହାପାତ୍ର ବାବୁ ତାଙ୍କୁ ଦେଖି କହିଲେ, ଆପଣ ମାଧବ ବାବୁ ତ?

ଆଜ୍ଞା। ମୁଣ୍ଡ ହଲାଇଲେ ମାଧବ।

ମୁଁ ମହାପାତ୍ର ବାବୁ। ମାନେ ସୁମନ୍ତ ମହାପାତ୍ର

ଏପଟେ ମୋ ବଡ଼ ଭଉଣୀ ଘରକୁ ଯାଉଥିଲି। ଜାଣିଲି ଆପଣ ଙ୍କ ଘର ଦେଇ ମୋତେ ଯିବାକୁ ହେବ।ତେଣୁ ବହୁତ ଖୁସି ହେଲି ଆଉ ଆସିଲି ମଧ । ଆପଣଙ୍କୁ ଫୋନ କରିଥିଲି, ହେଲେ ଆପଣ ବୋଧହୁଏ ବ୍ୟସ୍ତ ଥିଲେ ।ଫୋନ ଉଠାଇଲେ ନାହିଁ। ମୁଁ ଭୁଲ କରିନାହିଁ ତ।

ଆରେ ନା ନା। ବରଂ ମୁଁ ଭୁଲ କରିଛି।ଫୋନ ଉଠେଇନି ବୋଲି।ଆପଣଙ୍କ ସହ ପୂର୍ବରୁ କଥା ହୋଇଥିଲେ ମଧ କେବେ ଭେଟ ହୋଇ ନଥିଲି।ଯା ହେଉ ମୋ ସୌଭାଗ୍ୟ ,ଆପଣ ଆସିଲେ।

ହାତରେ ଧରିଥିବା ମିଠା,,ବିସ୍କୁଟ,ଫଳ ସବୁ ପାଖରେ ଥିବା ଏକ ନଡ଼ବଡ଼ ଟେବୁଲ ଉପରେ ଥୋଇଦେଇ ହାତ ନଥିବା ଏକ ଚୌକିରେ ବିନା ଅନୁମତିରେ ମହାପାତ୍ର ବାବୁ ବସିପଡିଲେ। ମାଧବଙ୍କ ସ୍ତ୍ରୀ ନାଲି ଚା କପେ ତାଙ୍କୁ ଧରାଇ ମୁଣ୍ଡିଆଟିଏ ମାରିଲା। କୁନି ଝିଅ ବି ପାଦ ଛୁଇଁଲା।

ବୁଝିଲେ ମାଧବ ବାବୁ! ମୋତେ ଘରେ ରହିବାକୁ ଆଦୌ ମନ ଲାଗେନାହିଁ। ଘରେ କେହି ନାହାନ୍ତି।ପୁଅ ଝିଅ ବାହାରେ ପାଠ ପଢୁଛନ୍ତି। ସ୍ତ୍ରୀ ସରକାରୀ ବିଦ୍ୟାଳୟରେ ଚାକିରି କରେ। ସେ ବି ପାଖରେ ରହେ ନାହିଁ।ଛୁଟି ଦେଖି ଆସେ।

ଆପଣଙ୍କ ଲେଖା ମୋର ସାଙ୍ଗ ,ପ୍ରେମିକା,ପତ୍ନୀ ସବୁକିଛି।ମୁଁ ତା ସହ ଆଳାପ କରେ,ସୁଖ ଦୁଃଖ ବାଣ୍ଟେ । କହିବାକୁ ଗଲେ, ମୁଁ ସେଥିରୁ ସତ୍ୟର ଆନନ୍ଦ ପାଏ।ସତରେ ଆପଣଙ୍କ ଲେଖାଗୁଡିକ ଜୀବନ୍ତ ।ମୁଁ ପୁଅ ବୋଲି ଆପଣଙ୍କ କବିତାକୁ ପ୍ରେମ କରୁଛି ,ଯଦି ଝିଅ ହୋଇଥାନ୍ତି ନା ଆପଣଙ୍କୁ ........।

ଆପଣ ମଜାଦାର ଲୋକଟିଏ।କହି କହି ଜୋରରେ ହସିଲେ ମାଧବ।

କିଛି ସମୟ ପରେ ମହାପାତ୍ର ବାବୁ ଅଧିକ କିଛି ନକହି ନିଜ ଠିକଣା ଦେଇ ଚାଲିଗଲେ।

ମାଧବ ନିଜ ପତ୍ନୀଙ୍କ ସହ ମହାପାତ୍ର ବାବୁଙ୍କ ବିଷୟରେ ଅନେକ କଥାବାର୍ତ୍ତା ହେଲେ ଏବଂ ସ୍ଥିର କଲେ ଦିନେ ତାଙ୍କ ଘରକୁ ଯିବେ।ଏହି ସମୟରେ ଟି.ଭି.ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଦେଖାଉଥିଲା।ଭିଡ଼ ଭିତରେ ଏକ ମୃତ ଦେହ ମାଧବଙ୍କୁ କାହିଁକି ବ୍ୟସ୍ତ କରୁଥାଏ। କିଏ ସେ ମହିଳା?

କାହିଁକି ଏମିତି ଲାଗୁଛି ସେ ଅତି ନିଜର। ଆରେ ଏ କଣ?ପାଖରେ ମହାପାତ୍ର ବାବୁ! ସେ କାହିଁକି ମହିଳାଙ୍କ ମୃତ ଦେହ ଜାବୁଡି ଧରିଛନ୍ତି।

ତରବର ହୋଇ ମୋବାଇଲ ଧରି ରିଙ୍ଗ କଲେ । ହେଲେ ମହାପାତ୍ର ବାବୁ ଫୋନ ଧରିଲେ ନାହିଁ। ହେ ଭଗବାନ!କିଛି ଅଘଟଣ ହୋଇ ନାହିଁ ତ?ମୋ ବାମ ଆଖି ଡେଉଁଛି କାହିଁକି?ମୋ ଉପରେ କେହି ବୋମା ପକାଇଲା ପରି ଲାଗୁଛି କାହିଁକି ?

କିଛିଦିନ ଗଲାପରେ ଏକ ପାର୍ଶଲ ଆସିଲା। ଦେଖି ଆଶ୍ଚର୍ଯ୍ୟ ହେଲେ ମାଧବ,ତିନି ଚାରିଟି ପୁସ୍ତକ ଓ ସାଙ୍ଗକୁ ଚିଠିଟିଏ। ମୁନୁ, ମୋର ଶୁଭେଚ୍ଛା ନେବ। ମୁଁ ଭଲରେ ନଥିଲେ ବି ଭଲରେ ଅଛି।ଆଉ ତୁମେ......।ଆମ ପ୍ରେମ ତ ଅଧୁରା ପ୍ରେମ। ମୋତେ ତୁମେ ସ୍ୱୀକାର କଲ ନାହିଁ ବୋଲି ଅନ୍ୟ ହାତରୁ ଶଙ୍ଖା ସିନ୍ଦୁର ନାଇଁଛି।କାରଣଟି ମଧ କେବେ ଜଣାଇଲ ନାହିଁ ।ହେଲେ ତୁମେ ମୋ ହୃଦୟରେ ଏବେବି ଅଛ, ଆଉ ରହିବ ମଧ। ଏହି ଅମୂଲ୍ୟ ଉପହାର ଅନାଦର କରିବ ନାହିଁ, ପଢ଼ିକି ସାଇତି ରଖିବ। ପ୍ରତିଟି କବିତାରେ ମୋ ହୃଦୟର ସ୍ୱର ରହିଛି।ଜାଣିଛ ମୁନୁ! ଆମର ଶେଷ ଦେଖା ଯେଉଁଦିନ ହୋଇଥିଲା,ତୁମେ କହିଥିଲ ,ମୁଁ ତୁମକୁ ଭୁଲିଯିବି ବୋଲି।ହେଲେ ଘର ସଂସାର କରି ବି ତୁମକୁ ଭୁଲି ପାରିଲି ନାହିଁ।କବି ନହୋଇ ବି କବିତା ଲେଖିଲି ତୁମରି ପାଇଁ।ପ୍ରମାଣ ଏଇ ପୁସ୍ତକ।ଆମ ପ୍ରେମକୁ ଏ ପୁସ୍ତକ ସବୁଦିନ ବଞ୍ଚେଇ ରଖିବ। ମୋତେ ତୁମେ କେବେ ଭୁଲିବନି ମୁନୁ! ମୋ ରାଣ।

ତୁମର...ଜ୍ୟୋତି

ଦେହରୁ ଗମ ଗମ ଝାଳ ବାହାରୁଥାଏ। ମନେ ପଡିଗଲା ଗୋଟି ଗୋଟି କରି ଅତୀତରେ ଅତିବାହିତ କରିଥିବା ଜ୍ୟୋତିଙ୍କ ସହ ସେହି ମୁହୂର୍ତ୍ତଗୁଡିକ। ଅଭାବ ଯୋଗୁଁ ଜ୍ୟୋତିର ହାତ ଧରିପାରି ନଥିଲେ ମାଧବ। ଜ୍ୟୋତିଙ୍କ ସହ ଏକାସାଙ୍ଗରେ ପଢୁଥିଲେ ଏବଂ ପରସ୍ପରଙ୍କୁ ପ୍ରେମ କରୁଥିଲେ। ହେଲେ ପାର୍ଶଲ ମହାପାତ୍ର ବାବୁ କାହିଁକି ପଠାଇଲେ। କିଛି ବୁଝିବା ଆଗରୁ ଝିଅ କହିଲା,

ବାପା ତୁମ ଫୋନ ।

ମହାପାତ୍ର ବାବୁ ନମସ୍କାର। ମାଧବ କହିଲେ।

ଆପଣ ପାର୍ଶଲ ପାଇଲେ ତ?

ମହାପାତ୍ର ବାବୁଙ୍କ ଗମ୍ଭୀର ସ୍ୱର ଆଗରୁ ଶୁଣି ନଥିଲେ ମାଧବ। ମୁଁ ଜାଣିଛି ଆପଣ ଆଶ୍ଚର୍ଯ୍ୟ ହେଉଥିବେ। ଜ୍ୟୋତି ମୋର ସ୍ତ୍ରୀ। ମାସେ ପୂର୍ବରୁ ଦୁର୍ଘଟଣାରେ ସେ ଆରପାରିକୁ ଚାଲିଯାଇଛି। ମୋତେ ତା ରୁମରୁ ଏହି ଉପହାର ସହ ଚିଠିଟି ମିଳିଥିଲା। ପଢ଼ିଲା ପରେ ନିଜକୁ ଦୋଷୀ ମନେକଲି। ଆଗରୁ ଜାଣିଥିଲେ ନିଶ୍ଚୟ ତୁମ ଦୁହିଁଙ୍କୁ ଭେଟ କରେଇଥାନ୍ତି। ମାଧବ କେବଳ ଶୁଣୁଥାନ୍ତି ସେଦିନ।କହିବାକୁ ଭାଷା ତ ନଥିଲା ,ବଳ ବି ନଥିଲା।ଆଖିରୁ ଅବିଶ୍ରାନ୍ତ ଭାବେ ଲୁହ ଝରି ଚାଲିଥାଏ। ଝିଅ ତ ବୁଝି ପାରୁନଥିଲା କିନ୍ତୁ ତାଙ୍କ ପତ୍ନୀ ସ୍ୱାମୀଙ୍କ ଲୁହର ସାଥୀ ହୋଇଥିଲେ।

ମାଧବଙ୍କ କାନରେ ଗୋଟିଏ କଥା କେବଳ ଶୁଭୁଥାଏ,"ମୋତେ ଭୁଲିଯିବନି ମୁନୁ"।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୭୩୨୨**

# ଦେଇଥିଲେ ପାଇ

**ପବିତ୍ର ବେହେରା**



ଗୋଟିଏ ରାଜ୍ୟରେ ଦୁଇଜଣ ଗରିବ ବ୍ରାହ୍ମଣ ବାସ କରିଥିଲେ। ବଡଭାଇଙ୍କର ନାମ ରାମ ଓ ସାନ ଭାଇଙ୍କ ନାମ ଲକ୍ଷ୍ମଣ। ସେମାନଙ୍କ କେହି ବି ନଥିଲେ। ସେମାନେ ମୂଲ ମଜୁରୀ କରି ପେଟ ପୋଷୁଥିଲେ। ଦିନେ ସେମାନେ ଗୋଟିଏ ଜଙ୍ଗଲ ବାଟଦେଇ କାମ କରିବାକୁ ଯାଉଥିଲେ। ସେମାନେ ବାଟରୁ କିଛି ଧନ ପାଇଲେ। ସେମାନେ ଯା ଦେଖି ଖୁସି ହୋଇ ଘରକୁ ଆସି କିଛି ଘର ପାଇଁ ସାମଗ୍ରୀ ଆଣିଲେ। କିଛି ଖାଦ୍ୟ, ବସ୍ତ୍ର ଆଣି ପକେଇଲେ। କିଛି ଦିନ ପରେ ସେମାନଙ୍କ ସବୁ ସରିଗଲା। ବଡ଼ ଭାଇ ସାନଭାଇକୁ କିଛି କାମ କରୁନୁ କହି ଚିଡୁ ଥାଏ। ସେମାନେ ଦୁହେଁ କାମକୁ ବାହାରିଲେ। ବଡ଼ ଭାଇ ଗୋଟିଏ ଗ୍ରାମ ବାଟଦେଇ ଗଲେ ଏବଂ ସାନଭାଇ ଲକ୍ଷ୍ମଣ ଜଙ୍ଗଲ ବାଟଦେଇ ଯିବାକୁ ଲାଗିଲେ।। ଲକ୍ଷ୍ମଣ ସାଥିରେ କିଛି ଖାଦ୍ୟ, ଜଳ ଧରି ବାହାରିପଡିଲା।

କିଛି ବାଟ ଗଲାପରେ ସେ ଦେଖିଲା ଗୋଟିଏ ବୁଢ଼ା ଟିଏ ଗଛମୂଳେ ଶୋଇ ଶୋଷ ବିକଳରେ ପାଣି ପାଣି କହିବାରେ ଲାଗିଛି। ଟାଣ ଖରା। ଲକ୍ଷ୍ମଣ ରଖିଥିବା ପାଣି ଓ ଖାଦ୍ୟରୁ କିଛି ତାଙ୍କୁ ଦେଲା। ବୃଦ୍ଧ ଲୋକ ଜଣଙ୍କ ପାଖ ଗାଁ ରୁ ସେଇ ବାଟ ଦେଇ ହାଟ କରିସାରି ଫେରୁଥିଲେ। ବୃଦ୍ଧ ଲୋକ ଲକ୍ଷ୍ମଣକୁ ଧନ୍ୟବାଦ ସହ ଆଶୀର୍ବାଦ ଦେଇ ଘରକୁ ଗଲେ। ଲକ୍ଷ୍ମଣ ଆଗକୁ ଚାଲିଲା। କିଛି ବାଟ ଗଲାପରେ ହଠାତ୍ ଗୋଟିଏ ଶବ୍ଦ ଶୁଭିଲା। କେହି ଜଣେ ବିପଦରେ ପଡ଼ି ଡାକୁଛି। ସେ ଶବ୍ଦ ଆସୁଥିବା ଦିଗରେ ଦୌଡ଼ି ଗଲା। ସେ ଦେଖିଲା କେହି ଜଣେ ଲୋକ କୂଅରେ ପଡି ଚିତ୍କାର କରୁଛି। ଲକ୍ଷ୍ମଣକୁ ପ୍ରଚୁର ଭୋକ ଲାଗୁଥାଏ ଖାଦ୍ୟ ବି ସରିଯାଇଛି, ସେ କ'ଣ କରିବ ଚିନ୍ତା କଲା। ସେ ନିଶ୍ଚୟ ଲୋକଟିକୁ ଉଦ୍ଧାର କରିବ ବୋଲି ନିଷ୍ପତ୍ତି ନେଲା। ସେ ପାଖରେ ଥିବା ବରଗଛ ଲଟାକୁ ଧରି କୂଅ ଭିତରକୁ ପଶିଲା। ବହୁତ ପରିଶ୍ରମ କରି ତାକୁ ଉଦ୍ଧାର କଲା। ଲୋକଟିର ଶରୀର କ୍ଷତ ହୋଇଯାଇଥିଲା, ଲକ୍ଷ୍ମଣ ଗାମୁଛା ଚିରି କିଛି ଔଷଧିୟ ପତ୍ର ଦେଇ ବାନ୍ଧିଦେଲେ। ଲକ୍ଷ୍ମଣ ଠାରୁ ମଧ ରକ୍ତ ବାହାରୁଥିଲା, ସେ ଲୋକଟି ମଧ କପଡା ବାନ୍ଧିଦେଲେ। ପ୍ରକୃତରେ ସେ ଥିଲେ ରାଜ୍ୟର ରାଜା। ସେ ଲକ୍ଷ୍ମଣକୁ କିଛି ସୁନା ଦେଲେ ଏବଂ ରାଜପ୍ରାସାଦରେ ଏକ ଉଚ୍ଚ ପଦବୀ ରେ ରଖିଲେ। ରାମକୁ ମଧ ଗୋଟିଏ ଭଲ କାମ ମିଳିଗଲା। ଦୁଇଜଣ ଭାଇ ଖୁସିରେ ରହିଲେ। ସେମାନେ କିଛି ଦିନ ପରେ ବିବାହ କରି ଖୁସିରେ ଜୀବନ ଅତିବାହିତ କଲେ। ଯଦି ଆମେ ନିଃସ୍ୱାର୍ଥପର ସେବା କରିବା ନିଶ୍ଚିତ ଭାବେ କେହିନା କେହି ଆମକୁ ବିପଦ ସମୟରେ ଯେକୌଣସି ରୂପରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ, ତେଣୁ କଥାରେ ଅଛି "ଦେଇଥିଲେ ପାଇ ବୁଣିଥିଲେ ଦାଇ"।

**ବକ୍ସି ବଜାର, ବାଟଗାଁ, ନାକଟିଦେଉଳ, ସମ୍ବଲପୁର**
**ମୋବାଇଲ୍: ୭୭୫୧୦୭୫୩୫୦**



**ଅମିୟ ବେଜ୍**



ବୋଉ କହୁଥିଲା, ବାପାଙ୍କ ଆଖିକୁ ଆଉ ଦିଶୁନି। ପରେ ସଂଶୋଧନ କରିଲା ଓ କହିଲା କମ୍ ଦିଶୁଛି। ମୁଁ ହଠାତ ସେ ରୋଗଟା'ର ନାମ ମନେ ପକାଇନପାରି ବୋଉକୁ ସାନ୍ତ୍ୱନା ଦେଇ କହିଲି, ବୟସ ହୋଇଗଲେ, ଏଇ କମ୍ ଦିଶିବା, କମ୍ ଶୁଭିବାଟା ଗୋଟେ ସାମାନ୍ୟ କଥା ବୋଉ। ଏସବୁରେ ଏତେ ବ୍ୟସ୍ତ ହ'ନା ଯମା। ବୋଉର ମନ ବୁଝିଲାନି। ମୋତେ ଗପ ଶୁଣାଇଲା। ଅବହେଳା ଯୋଗୁଁ ମଦନ କକାଙ୍କ କେମିତି ଆଖି ଦି'ଟା ଏକଦମ୍ ନଷ୍ଟ ହୋଇଗଲା। ଲୋକଟା ବୟସ ଥାଉଥାଉ କଷ୍ଟ ପାଇପାଇ ଚାଲିଗଲା। ବୋଉ ତାଗିଦା କଲା ମୋତେ। ଜଲଦି ଆସି ବାପାଙ୍କୁ ନେଇ ଅପରେସନ କରାଅ...। ବାପାଙ୍କୁ ପରିଷ୍କାର ଦେଖାଯିବ, ଏକଥା ଭାବି ମୁଁ ପ୍ରଥମେ ଘାବରେଇଗଲି। ପ୍ରତ୍ୟାଶାକୁ କହିବା ମାତ୍ରେ ସିଏ ଜିଭ କାମୁଡି ପକାଇଲା। ମୁଁ ସୁଜୟକୁ ଫୋନ୍ କଲି। ସୁଜୟ ସାନ ମୁଁ ବଡ଼। ଜୟ।

ସିଏ ବୋଧେ ବାହାର କାମରେ ଥିଲା। ବିରକ୍ତ ହେଲା। କହିଲା-ବେକାର କଥା ସବୁ। ଏଗୁଡା ଖାଲି ବୋଉର ନାଟ। ମୁଁ ଭାବିଲି, ଝିଲ୍ଲୀକୁ ଜଣାଏ। ଅବଶ୍ୟ ସିଏ ବୋଉଠୁ ଜାଣିସାରିବଣି। ତା'ର ବୋଉସହ ନିତିଦିନିଆ ଟେଲିକାଷ୍ଟ।

ଝିଲ୍ଲୀ ଆଗ ହସିଲା। କହିଲା-ବାପାଙ୍କୁ କାହିଁକି କମ୍ ଦିଶିବମ ଭାଇ? ତଥାପି ତୁ ଥରେ ଯା'। ବୋଉର ମନଟା ବୁଝା। ମୁଁ ମୋ' କାମ ଆଳକରି ବେଶ୍ କିଛିଦିନ ପାରି ପାଇଗଲି। ବୋଉ ଥିଲା ନଛୋଡ଼ବନ୍ଧା। ଫୋନ୍ ଉପରେ ଫୋନ୍। ଦିନେ ନିଷ୍ପତ୍ତି ନେଲି ଗାଁ କୁ ଯିବି। ପ୍ରତ୍ୟାଶା ପ୍ରଥମେ କଳି କଲା ଓ ଶେଷରେ ମୋତେ ସର୍ତ୍ତମୂଳକ ଅନୁମତି ଦେଇଦେଲା। ଗାଁଛକରେ ଓହ୍ଲାଇଲା ବେଳେ ଦେଖିଲି ବାପା। ମୋଟରସାଇକେଲ୍ ଧରି ଛିଡାହୋଇଛନ୍ତି। ବୋଉଟା ଯେ ଏତେ ଚାଲାଖ ହେଲାଣି ମୁଁ ଜାଣିପାରିନି କେମିତି? ପଚାରିଲି, ସଂଜଟାରେ ତୁମେ ଗାଡି ନେଇ...! ଆଗ ତୁ ବସ ଜଲଦି। ଅନ୍ଧାର ହେଲାଣି ପା ... ବାପା ଆଜିଯାଏଁ ଚଲାନ୍ତି। ମୁଁ ପଛରେ ବସେ। ମୁଁ ଚଲାଇବା କଥା କହିଲେ ଚିଡ଼ନ୍ତି ।ଘରେ ପହଞ୍ଚି ଆଗ ବୋଉକୁ ପଚାରିଲି, ଦିଶୁନି ପା' ତାଙ୍କୁ ? ସିଏ ବିକଳ ହେଇ ଚାହିଁଲା ମୋତେ। ଯେମିତି କି ପୁଅଟେ' ହେଇକି ନିଜ ମା' କଥାକୁ କେମିତି ଅବିଶ୍ୱାସ କରିପାରୁଛି ମୁଁ ? ବୋଉ କିଛି କହିବା ପୂର୍ବରୁ ବାପାଙ୍କ ବସାରୁ କଣଗୋଟେ ଶବ୍ଦ ହେଲା। ଖୁବ୍ ଜୋରରେ। ଧାଇଁଲା ବୋଉ। ପଛେପଛେ ମୁଁ। ଫୁଲଦାନୀଟା ପଡି ଚୁନା ହୋଇଯାଇଛି ତଳେ। ବାପା ଅପରାଧୀଙ୍କ ପରି କହିଲେ – ହାତ ବାଜିଗଲା ... ମୁଁ ଏବେ ସଅଳ ପଚାରିନେଲି, ସତରେ କଣ ବାପା ତୁମକୁ ଭଲକି ଦିଶୁନି ଆଉ ? କେବେଠୁଁ ଏମିତି? ବାପା ଉତ୍ତର ଦେଉଥିଲେ –

–ଏଇତ ମାତ୍ର ଅଂଧ ହୋଇଯାଇଛି ରେ ପୁଅ ....

**ଘଟଗାଁ, କେନ୍ଦୁଝର**



## ବିଦ୍ୟାର ଦେବୀ ମାଆ ସରସ୍ୱତୀ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ହେ ମାଆ ବିଦ୍ୟାଦାୟିନୀ
ବ୍ରହ୍ମାଙ୍କ କୁଳନନ୍ଦିନୀ
ମାଘ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ
ଆସନ୍ତି ମା ବୀଣାପାଣି।
ଶ୍ୱେତବସ୍ତ୍ର ପରିହିତା
କଣ୍ଠରେ ହାର ମୁକୁତା
ବୀଣା ହସ୍ତେ ଧରି ଶୋଭାପାଉଥାନ୍ତି
ଦେବୀ ସେ ତ ଜଗତମାତା...
ପ୍ରଜ୍ଞାଦାତ୍ରୀ ମାଆ ଦେବୀ
ତାଙ୍କରି ଚରଣ ସେବି
ଆଶିଷ ତାଙ୍କର ପାଇ କାଳିଦାସ
ହୋଇଥିଲେ ମହାକବି।
ସବୁ ତାଙ୍କ ବରଦାନ
ତାଙ୍କରି ଶ୍ରୀପାଦେ ମନ
ହୃଦୟେ ଶ୍ରଦ୍ଧାର ଭକତି ସୁମନ
କରିବା ଆମେ ଅର୍ପଣ।
ଅମାପ ସମୁଦ୍ର ଜ୍ଞାନ
ମୂରୁଖ ପାଏ କଷଣ
ବଡ଼ ହେବା ପାଇଁ ଯେବେ ଅଛି ମନ
କରିବା ଜ୍ଞାନ ଅର୍ଜନ।
ବିଦ୍ୟା ଅଟେ ମହାଧନ
ନ ହେଲେ ଜୀବନ ହୀନ
ମାତା ସରସ୍ୱତୀ ଦିବ୍ଯ ମୂରତିକୁ
ଭକ୍ତିରେ କରିବା ଧ୍ୟାନ ॥

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲିଆ, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**

## କୁହୁକ ଥାଳି

**ବାସନ୍ତୀ ଲତା ଜେନା**

ଛୋଟ ଶିଶୁଟିଏ ରାଜୁ ବୋଲି ଥିଲା
ଲୋଭ ତ ତାର ନ ଥିଲା
ରାସ୍ତା କଡ଼ରୁ ଥାଳିଟିଏ ପାଇ
ମାଟି ଘସି ସଫା କଲା ।୧।

ଥାଳିର ଭିତରୁ ଲୋକଟି ବାହାରି
ଖାଦ୍ୟ କିଛି ଆଣି ଦେଲା
ଆଶ୍ଚର୍ଯ୍ୟରେ ରାଜୁ ତାକୁ ପଚାରିଲା
ଏ ଖାଦ୍ୟ କା' ପାଇଁ ଭଲା ।୨।

ଲୋକଟି କହିଲା ଏ ମୋର ଥାଳିଟି
କୁହୁକ ଥାଳି ଅଟଇ
ସଫା କରିବାରୁ ବାହାରି ଆସିଲି
ଉପକାର ଦାନ ପାଇଁ ।୩।

ରାଜୁ ଖୁସି ହୋଇ ଖାଦ୍ୟକୁ ଖାଇଲା
ଗରୀବଙ୍କୁ ବାଣ୍ଟିଦେଲା
ସେହି ଦିନ ଠାରୁ କୁହୁକ ଥାଳିଟି
ରାଜୁ ପାଖରେ ରହିଗଲା ।୪।

ବିପଦରେ ଥିବା ଲୋକଙ୍କୁ ସାହାଯ୍ୟ
ଶିଶୁ ରାଜୁ କରୁଥିଲା
ଯାଦୁ ଥାଳି ସହ ମିତ ବସିଥିଲା
ନିଜ ସ୍ୱାର୍ଥ ଭୁଲିଗଲା ।୫।

ଲୋକଙ୍କ ସେବାରେ ରାଜୁ ରହିଥିଲା
କୋମଳ ମନଟେ ନେଇ
ସତ୍ୟପଥେ ରହି କାଯ୍ୟ କରୁଥିଲା
ସ୍ନେହ ପ୍ରେମ ଭରି ଦେଇ ।୬।

**ଗାନ୍ଧୀନଗର, ନବରଙ୍ଗପୁର**



## ଅନ୍ତରଙ୍ଗ

**ସ୍ୱାଗତିକା ସାହୁ**

ଭାବନାର ଲତା ମାଡ଼ି ମୁହଁ ନଦିଶିଲେ
ମୁଁ ତୁମକୁ ହାତ ଠାରି ଡାକେ
ଝୁଲୁଥିବା ଏ ବିରାଟ ପୃଥିବୀଟା ଉପରେ
ମୋ ହାତ ସଙ୍କୁଚିତ ହୋଇଯାଏ....
ଅଣ ନିଶ୍ୱାସି ହୁଏ ନାଶାରନ୍ଧରେ
ହେ ସ୍ରଷ୍ଟା !
ତୁମ ସୃଷ୍ଟିର ସତ୍ତା କେଉଁଠି ?
ତୁମ ନାମ ନେଇ ପାପୀ କରେ କେତେ ଛାରଖାର
ତୁମେ ସହୁଛ କିପରି ??
ପାହାନ୍ତି ପ୍ରହରୁ ବାରୁଦ ଲେସା ଶବ୍ଦ
ଶବ୍ଦର ମଲମରେ ବଧିର ହୁଅନି କି ?
ବଗିଚାର ଫୁଲଠାରୁ ପ୍ଲାଷ୍ଟିକ ଫୁଲମାନେ
ଏବେ ଆହୁରି ରଙ୍ଗୀନ ଦିଶନ୍ତି ।

ରକ୍ତ ମାଂସରେ ଭରପୂର ତୁମ ପୃଥିବୀଟା
ବର୍ଣ୍ଣହୀନ ହୋଇଯାଏ......
ଏମିତି ହୁଏ କାହିଁକି ?
ପ୍ରତ୍ୟାଖ୍ୟାନର ଜୁଇରେ ଜଳୁଛି ପ୍ରତିଦିନ
ମିଥ୍ୟା ଆବରଣର ପ୍ରତିଶ୍ରୁତି
ମଳିନ ପଡେ ସତେ ସତ୍ୟ ....
ମହଣ ମହଣ ମୂର୍ଦ୍ଧନ୍ୟ ମନସ୍ତତ୍ତ୍ୱରେ
ଭରେ ବିଶ୍ୱାସରେ ବିଷ...!
ଜଣକୁ ନୁହେଁ ଅନେକଙ୍କୁ...
ବିବେକ ରେ ଯେମିତି ଲାଗିଛି କଳଙ୍କ
ତୁମେ ଠିକ୍ ଠଉରେଇ ନିଅ ପ୍ରଭୁ...
ଚଉରାଅଶୀ ଲକ୍ଷ୍ୟ ଯୋନିରେ ଯେ ଜନ୍ମ
କର୍ମ ଫଳ ତ ଅବସମ୍ଭବି
ତୁମ ଭଳି ଆମେ ନୋହୁଁ ଦେହାତୀତ
ଅଭିନୟ କରିବୁ କିପରି କାହିଁ ସୀତା କାହିଁ
ଇଚ୍ଛାହୁଏ ହଜିଯିବାକୁ
ଏଇ ନିର୍ବିକଳ୍ପ ସମାଧି ଭିତରେ ....!
ବିଶ୍ୱାସ କରି ହୁଏନି ପୃଥିବୀଟାକୁ
ଆକାଶକୁ,ଆଉ ଚତୁଃପାଶ୍ୱର୍ର ମାୟାକୁ....
କାହିଁକି ଏଠି ଜୀବନ୍ତ ଶବମାନେ
ବଞ୍ଚିବାର ସଂଗ୍ରାମ କରନ୍ତି
ମାୟାର କୁହେଳିକାରେ ଘୂରି ଘୂରି
ସ୍ୱପ୍ନ ଦେଖିବାରେ ସମୟ କଟାନ୍ତି ?
ନିଜ ସ୍ତ୍ରୀ ରେ ଶୋଷ ମେଣ୍ଟେନି...
ତୁମେ ଦେଖି ସହି ପରୁଛ ପ୍ରଭୁ ?
ପାପ ଚକ୍ରନ୍ତର ବାସ୍ନାରେ ଫସି
ଆପେ ଆପେ କରନ୍ତି ଆୟୁଷକୁ କ୍ଷୁର୍ଣ୍ଣ ....

ହେ ଇଶ୍ୱର !
ତୁମକୁ କେବେ ଅବିଶ୍ୱାସ କରି ହୁଏନା
ତୁମ ଶକ୍ତିକୁ କେବେ ଅଣଦେଖା କରି ହୁଏନା
ସୁତରାଂ ଚିର ଶାଶ୍ୱତ
ତୁମେ ମୋର ଅନ୍ତରଙ୍ଗ ବୋଲିତ ।

**ଉମରକୋଟ, ନବରଙ୍ଗପୁର**





## ସାଧୁ ସଙ୍ଗ

**ଅନୁପମା ବିଶ୍ୱାଳ**

ସରସ ସୁନ୍ଦର ଭାଓ୍ୱ ମନୋହର
ସାଧୁ ସଙ୍ଗତେ ମିଳଇ
ଆଳାପେ ରହିଲେ ସଜ୍ଜନ ସହିତେ
ନିର୍ମଳ ବୁଦ୍ଧି ଆସଇ।
ଜ୍ଞାନୀ ଗୁଣୀ ଜନ ହରନ୍ତି ଅଜ୍ଞାନ
ଶାସ୍ତ୍ର ପୁରାଣରେ ରହି
ପ୍ରମାଣ ସହିତ ଆଲୋଚନା କରି
ଦିଅନ୍ତି ସୁକଥା କହି।
ସତ୍ୟ ବଚନରେ ଲାଖିଯାଏ ମନ
ଶୁଣିବାକୁ ବାରମ୍ବାର
ସାଧୁଜନ ସିନା ମନକୁ ମୋହନ୍ତି
ନ ପାରନ୍ତି ଯେ ଇତର।
ରଖି ମନ ଧ୍ୟାନ ସାଧୁ ସଂଗତରେ
କରି ତାଙ୍କ ପାଶେ ବାସ
ପ୍ରଶ୍ନ ଉତ୍ତରରେ ବୁଝାମଣା ହେଲେ
ଫୁଟିଉଠେ ମଧୁ ବାସ।
ମାୟା ସଂସାରରେ ସବୁ ବିଷ ପରି
ଲାଗୁଥାଏ ନିରନ୍ତର
ସେ ବିଷ କୁଣ୍ଡରୁ ଅମୃତ ଟୋପାଏ
ସନ୍ଧାନ କରେ ଆତ୍ମାର।
ଆତ୍ମା ପରମାତ୍ମା ଜ୍ଞାନରେ ମାନବ
ପାଇଥାଏ ସଦଗତି
ଜୀବନ କାଳରେ ଅନ୍ୟଥା ହୋଇଲେ
ମିଳିଥାଏ ଯେ ଦୁର୍ଗତି।
ଜୀବନ ମୃତ୍ୟୁର ରହସ୍ୟ ଜାଣିବା
ନୁହେଁ କେବେ ସାଧାରଣ
ସାଧୁ ସଂଗତରେ ଅବଶ୍ୟ ହୁଅଇ
ଇନ୍ଦ୍ରିୟର ନିୟନ୍ତ୍ରଣ।
ଭଜନ କୀର୍ତ୍ତନ ଶାସ୍ତ୍ର ଆଲୋଚନ
ସାଧୁସଙ୍ଗେ ଲାଭହୁଏ
ପ୍ରଭୁଙ୍କ ପୟରେ ହସଖୁସି ମନେ
ସମୟ ଯେ ବିତିଯାଏ।

**ସମ୍ବଲପୁର**

## ଋତୁରାଜ ବିଦଗ୍ଧ ବସନ୍ତ

**ଡ.ଶୁଭେନ୍ଦୁ ମେହେର**



ଋତୁଚକ୍ରର ଆବର୍ତ୍ତନେ
ମହୁଲି ମଳୟ ହୋଇଛି ଜୀବନ୍ତ ।
ଉତ୍ଫୁଲ୍ଲିତ ଶୀତର ଶୀର୍ଣ୍ଣତାକୁ ଡେଇଁ
ଧରା ପୃଷ୍ଠେ ଆସିଛି ବସନ୍ତ ......!!
ଜୀର୍ଣ୍ଣତା, ନିରସତା, ରୁକ୍ଷତାକୁ ତେଜି
ପୁଲକିତ ବସୁନ୍ଧରା
ପଲ୍ଲବିତ ତରୁଲତା
ଆମ୍ବ ବଉଳର ଆବେଗରେ ସମ୍ମୋହିତ ।
କଅଁଳ ଛନଛନ କୁଆଁରୀ ପତ୍ରଙ୍କ ଗହଳେ
ଅଳସ ଭାଙ୍ଗେ ପହିଲି ବସନ୍ତ ।।
ପ୍ରକୃତି ରାଣୀର ଆଜି
ଋତୁରାଜଙ୍କ ଆବାହନୀ ମନ୍ତ୍ର ।
କୋମଳ ବସନ୍ତର କମନୀୟ କାନ୍ତିରେ
ବିମୁଗ୍ଧ ପ୍ରାୟ ହଳଦୀ ବସନ୍ତ ।।
ସତେ, ଯମୁନା କୁଳର କୁହୁକ ବଂଶୀ
ଗୋପ ଗୋପାଙ୍ଗନାଙ୍କ ବିରହ
ବସନ୍ତ ବିଜୟ ଗାଥା ।
ପଳାଶ, ସିମୁଳିର ରକ୍ତିମ ଆଭାରେ
ପ୍ରକୃତି କୋଳରେ ପ୍ରଣୟ ରାସ ।।
ଚୈତ୍ରର ଚଇତାଳିରେ ମା' ଆସିବେ ବୋଲି
ଧରଣୀ ରାଣୀର ଏ ଯୌବନ ବେଶ ।।
କୁଙ୍କୁମ, କଜ୍ୱଳ, ଅଳତାର ଧାରେ
ରଙ୍ଗ ରୋଷଣୀର ମୂର୍ଚ୍ଛନା ସୁରେ
ପ୍ରେୟସୀ ପାଲିଙ୍କିରେ ଶତ-ସୁମନର ସମ୍ଭାରେ ।
ପ୍ରେମ ପ୍ରଣୟରେ ଉନ୍ମତ୍ତ
ସ୍ନିଗ୍ଧତା ସବୁଜିମାରେ ବିଚିତ୍ରବର୍ଣ୍ଣା ବସନ୍ତ
ଅବିରର ସାତ ରଙ୍ଗେ ଆମନ୍ତ୍ରଣ କରେ ।।
ବିଦଗ୍ଧ ବସନ୍ତ......!
ରସିକ ମନକୁ ବିମୋହିତ କରେ
ରଜନୀ ରାଣୀର ସଂଭୋଗ ଆଶେ ।
ଅପୂର୍ବ ମଞ୍ଜୁଳ କାନ୍ତି
ମଧୁ ଗୁଞ୍ଜରଣେ କାକଳି ଭାଷେ ।।
ଦଲକାଏ ପବନରେ ଦୋହଲି ଯାଉଛି
ଋତୁରାଜ ବସନ୍ତ ।
ଦେଖ, ଆମ୍ବ ବଉଳର ସନ୍ଧିରୁ କୋଇଲି ଗାଉଛି
ପ୍ରୀତି ପ୍ରଣୟର ମଧୁର ସଙ୍ଗୀତ ।
ଯାହା ପ୍ରକୃତିକୁ କରେ ବିମୋହିତ ।
ସିଏ ତ ଋତୁରାଜ ବିଦଗ୍ଧ ବସନ୍ତ ।।।

**ଯାଲୋଏ, ସୁବର୍ଣ୍ଣପୁର**
**ମୋବାଇଲ୍: ୯୯୩୮୪୩୩୬୬୪**

● ଅଧାରେ ରହିଲା ସରସ୍ୱତୀ ପୂଜା

## ଦୁର୍ଘଟଣାରେ ଛାତ୍ର ମୃତ, ଜଣେ ଗୁରୁତର

**ସୁବର୍ଣ୍ଣପୁର,୨।୨(ସଂଚାର ବ୍ୟୁରୋ):** ଆଜି ପବିତ୍ର ସରସ୍ୱତୀ ପୂଜା ଅବସରରେ ସବୁଠି ଉତ୍ସବର ମାହୋଲ୍ ପରିଲକ୍ଷିତ ହୋଇଥିଲା। ବିଶେଷକରି ଛାତ୍ରଛାତ୍ରୀମାନେ ନୂତନ ବସ୍ତ୍ର ପରିଧାନ କରି ମା'ଙ୍କୁ ପୁଷ୍ପାଞ୍ଜଳି ଦେବା ସକାଶେ ସବୁଠି ଭିଡ଼ କରିଥିଲେ। କିନ୍ତୁ ବୀର ମହାରାଜପୁରରେ ଦୁଇ ଜଣ ଛାତ୍ର ମା' ସରସ୍ୱତୀଙ୍କ ପୂଜାରେ ଯୋଗଦେବା ସକାଶେ ଆସୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ସେମାନେ ମା'ଙ୍କ ଆରାଧନା କରିପାରିନାହାନ୍ତି। ଏହି ଦୁର୍ଘଟଣାରେ ଜଣେ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଉଭୟ ଛାତ୍ର ସୁବର୍ଣ୍ଣପୁର ଜିଲ୍ଲା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ଜଣାପଡ଼ିଛି। ମୃତ ଛାତ୍ରଙ୍କ ନାମ ତନ୍ମୟ ମହାକୁଡ଼ ଓ ସେ ନବମ ଶ୍ରେଣୀରେ ପଢୁଥିଲେ। ସେହିପରି ଗୁରୁତର ଭାବେ ଆହତ ହୋଇଥିବା ଛାତ୍ର ଦେବାଶିଷ ମଲ୍ଲିକ ଓ ସେ ଦଶମ ଶ୍ରେଣୀର ଛାତ୍ର। ଉଭୟ ଛାତ୍ର ଆଜି ବିଦ୍ୟାଳୟକୁ ସରସ୍ୱତୀ ପୂଜା କରିବା ପାଇଁ ମୋଟର ସାଇକେଲ ଯୋଗେ ଆସୁଥିଲେ। କିନ୍ତୁ ମୁର୍ଷୁଣ୍ଡି ମେଟାକାନୀ ଛକରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବା ସହ ସେଠାରୁ ଫେରାର ହୋଇଯାଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତନ୍ମୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଦେବାଶିଷଙ୍କୁ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏପରି ଏକ ଅଘଟଣ ପରିପ୍ରେକ୍ଷୀରେ ଗାଁ ସ୍କୁଲରେ ପୂଜାକୁ ସ୍ଥଗିତ ରଖାଯିବା ସହ ଛୁଟି ଘୋଷଣା ପରେ ସ୍କୁଲ ଫାଟକରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପୁଅର ମୃତ୍ୟୁ ଖବର ପାଇ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି।

● ଅପହରଣ ପରେ ପୋତିଦେଇଥିଲେ, ମାଟି ତଳୁ ମିଳିଲା ମୃତଦେହ

## ସନ୍ଦେହରେ ୫ ଅଟକ, ପୁଲିସ୍‌ର ପଚରାଉଚରା



**ମୟୂରଭଞ୍ଜ,୨।୨(ସଂଚାର ବ୍ୟୁରୋ):** ଅପହରଣ ପରେ ମାରି ପୋତିଦେଲେ। ୪ ଦିନ ପରେ ମାଟି ତଳୁ ଉଦ୍ଧାର ହେଲା ମୃତଦେହ। ବାରିପଦା ଭଞ୍ଜପୁର ଥାନା ବଢ଼େଇସାହି ଅଞ୍ଚଳରେ ଗତ ୨୯ ତାରିଖରେ ଜମି ବିକ୍ରି ଟଙ୍କା ଭାଗବଣ୍ଟାକୁ ନେଇ ଘଟିଥିଲା ଏପରି କାଣ୍ଡ। ମୃତକ ହେଲେ ଶାଲଖୁ ମାରାଣ୍ଡି। ଏହି ଘଟଣାରେ ଭଞ୍ଜପୁର ଥାନା ପୁଲିସ ୫ ଜଣଙ୍କୁ ଅଟକ ରଖିଛି। ସାଲଖୁ କେତେକ ଲୋକଙ୍କ ସହ ମିଶି ଜମି କିଣାବିକା ବ୍ୟବସାୟ କରୁଥିଲେ। ତେବେ ଏକ ଜମି ବିକ୍ରି ଟଙ୍କାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ୩ ଦିନ ପୂର୍ବେ ସାଲଖୁ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପତ୍ନୀ ଭଞ୍ଜପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ସ୍ୱାମୀଙ୍କୁ ଜନୈକ ବ୍ୟକ୍ତି ଅପହରଣ କରିନେଇଥିବା ସେ ସନ୍ଦେହ ପ୍ରକାଶ କରିଥିଲେ। ଏହାକୁ ଭିତ୍ତି କରି ପୁଲିସ ଖୋଳତାଡ଼ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ୫ ଜଣକୁ ଅଟକ ରଖି ତଦନ୍ତ କରୁଛି । ପ୍ରାଥମିକ ତଦନ୍ତରୁ ଟଙ୍କା ପାଇଁ ସୁପାରି କିଲର୍ ଦ୍ୱାରା ସାଲଖୁଙ୍କୁ ମାରି ପୋତି ଦିଆଯାଇଥିବା କୁହାଯାଇଛି।

## ଓକିଲଙ୍କୁ ଏସିଡ୍ ମାଡ଼ ଘଟଣାରେ ୨ ଗିରଫ



**ଗଜପତି,୨।୨(ସଂଚାର ବ୍ୟୁରୋ):** ଆଇନଜୀବୀ ପି.ରାମାରାଓଙ୍କ ଘରେ ପଶି କେତେକ ଦୁର୍ବୃତ୍ତ ଏସିଡ୍ ମାଡ଼ କରିଥିବା ବେଳେ ଏହି ଘଟଣାରେ ଆଜି ସ୍ଥାନୀୟ ପୁଲିସ୍ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାରଳାଖେମୁଣ୍ଡିର ଡି. ଭେଙ୍କଟ ରାଓ ଏବଂ ବିଶାଖାପାଟଣାର ଡି. ସତୀଶ କୁମାର। ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି।

ତାଙ୍କ କହିବାନୁସାରେ, ଆର୍ଥିକ କାରବାରକୁ ନେଇ ଏହି ଏସିଡ ମାଡ ହୋଇଥିଲା। ୨୦୦୫ରେ ଜଣେ ବସ ମାଲିକ ଏକ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଡି. ଭେଙ୍କଟ ରାଓଙ୍କଠାରୁ ୩୧ ଲକ୍ଷ ଟଙ୍କା ଧାର ନେଇଥିଲେ। ହେଲେ ଉକ୍ତ ବସ ମାଲିକ ନିଜ ବ୍ୟବସାୟରେ କ୍ଷତି ଦେଖାଇ ସେହି ଟଙ୍କାକୁ ଫେରାଇ ନଥିଲେ। ଏହାପରେ ପୁଣି ତାଙ୍କ ସହାୟତାରେ ବ୍ୟାଙ୍କରୁ ୫୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ହେଲେ ସେ କୌଣସି ଟଙ୍କା ଫେରସ୍ତ କରି ନଥିଲେ। ତେବେ ଏହି ଘଟଣାର ସମସ୍ତ କାଗଜପତ୍ର ଓ ଚେକ୍ ଆଇନଜୀବୀ ଶ୍ରୀ ରାମାରାଓଙ୍କ ନିକଟରେ ରହିଥିଲା। ଭେଙ୍କଟ ରାଓ ବାରମ୍ବାର ସେହିସବୁ କାଗଜପତ୍ରକୁ ଆଇନଜୀବୀ ଶ୍ରୀ ରାମାରାଓଙ୍କ ମାଗିଆସିଥିଲେ ମଧ୍ୟ ଏହା ପାଇବାରେ ସକ୍ଷମ ହୋଇନଥିଲେ। ଫଳରେ ଭେଙ୍କଟ ମାନସିକ ସ୍ତରରେ ଭାଙ୍ଗି ପଡ଼ିବା ସହ ଆଇନଜୀବୀଙ୍କୁ ଜବାବ ଦେବା ପାଇଁ ବିଶାଖାପାଟଣାର ଡି. ସତୀଶ କୁମାର ଓ ତାଙ୍କର ଜଣେ ବନ୍ଧୁଙ୍କୁ ସୁପାରି ଦେଇଥିଲେ। ସେମାନେ ବିଶାଖାପାଟଣାରୁ ଏସିଡ୍ ଆଣିବା ସହ କୋରିୟର ବୟ ଭାବେ ଆଇନଜୀବୀଙ୍କ ଘରକୁ ଯାଇ ତାଙ୍କ ଉପରେ ଏସିଡ ମାଡ଼ କରିଥିଲେ। ତେବେ ଏହି ଘଟଣାରେ ପୀଡ଼ିତ ଆଇନଜୀବୀ କାହାକୁ ସନ୍ଦେହ କରୁନଥିବାରୁ ପୁଲିସକୁ ତଦନ୍ତ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ବୋଲି ଏସ୍‌ପି କହିଛନ୍ତି। ପୁଲିସ୍ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ଲେଖାଏଁ ମୋଟର ସାଇକେଲ୍ ଓ ମୋବାଇଲ୍ ଜବତ କରିଛି। ଏହି ଘଟଣାରେ ଆହତ ହୋଇଥିବା ଶ୍ରୀ ରାମାରାଓ ଏବେ ବି ବିଶାଖାପାଟଣାରେ ଚିକିତ୍ସାଧୀନ ଅଛନ୍ତି।

### ଗଞ୍ଜେଇ ଚାଲାଣର ନୂଆ କରିଡର ପାଲଟିଛି ଖୋର୍ଦ୍ଧା

# ମାସକରେ ଜବତ ହେଲାଣି ୫ ଗାଡ଼ି ସହ ୭୦ ଲକ୍ଷର ଗଞ୍ଜେଇ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ବ୍ରାଉନସୁଗର କାରବାର ଉପରେ ପୁଲିସର କଡ଼ା ନଜର ପଡ଼ିବା ପରେ ଏବେ ନିଶା ବେପାରୀମାନେ ଗଞ୍ଜେଇ କାରବାର ଉପରେ ଫୋକସ୍ କରିଛନ୍ତି। ଖୋର୍ଦ୍ଧାର ବିଭିନ୍ନ ଥାନା ଅଞ୍ଚଳରୁ ଗତ ମାସକ ଭିତରେ ଅବକାରୀ ବିଭାଗ ପକ୍ଷରୁ ୫ଟି ଗାଡ଼ି ସହ ମୋଟ ୭୦ ଲକ୍ଷର ଗଞ୍ଜେଇ ଧରାପଡ଼ିଛି। ମାମଲାରେ ଅଦ୍ୟାବଧି ୮ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ବାନ୍ଧିସାରିଛି। ନାମୀଦାମୀ କାରରେ ଗଞ୍ଜେଇ ଚାଲାଣ କରାଯାଉଛି। ପୁଲିସ୍‌କୁ କାଉଣ୍ଟର୍ କରିବା ସକାଶେ ବେପାରୀମାନେ ସାଙ୍ଗରେ ମାରଣାସ୍ତ୍ର ଓ ଏସକର୍ଟ ଟିମ୍ ନେଇ ଏହି ଚାଲାଣ କରୁଛନ୍ତି। ପ୍ରତିଦିନ ନିଶାବେପାରୀମାନେ ନୂଆ ନୂଆ ତରିକାରେ କାରବାର କରୁଥିବା ବେଳେ ଅବକାରୀ ବିଭାଗ କି ପୁଲିସ ସୁରାକ ପାଉନଥିବା ଅଭିଯୋଗ ହୋଇଛି।






ଅନ୍ୟପକ୍ଷରେ ଅବକାରୀ ବିଭାଗ ଚୋରାଚାଲାଣ ରୋକିବାକୁ ସମସ୍ତ ପ୍ରକାର ପଦକ୍ଷେପ ନେବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଆସିଛି।

ନିଶା କାରବାରର ନୂଆ କରିଡ଼ର ପାଲଟିଛି କନ୍ଧମାଳ, କୋରାପୁଟ, ମାଲକାନାଗିରି ଭାୟା ଖୋର୍ଦ୍ଧା। ଏନଏଚ୍ ୫୭ ଓ ଏନଏଚ୍ ୧୬ ସାଜିଛି ଗଞ୍ଜେଇ ମାଫିଆଙ୍କ ସିକ୍ରେଟ୍ ରୁଟ୍। ବ୍ରାଉନ୍‌ସୁଗର୍ କାରବାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପରେ ଏବେ ବେପାରୀମାନେ ଗଞ୍ଜେଇ କାରବାର ଆଡ଼କୁ ଢଳିଛନ୍ତି। ଗତ ମାସକ ମଧ୍ୟରେ ପ୍ରାୟ ୭୦ ଲକ୍ଷ ଟଙ୍କାର ଗଞ୍ଜେଇ ଧରାପଡ଼ିବା ପରେ ଅବକାରୀ ବିଭାଗ ଅଧିକ ସତର୍କ ହୋଇଛି।

ନିକଟରେ ପିତାପଲ୍ଲୀ ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏକ କାର୍। ଦୁର୍ଘଟଣା ପରେ କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକେ ଉକ୍ତ କାର୍‌ରେ ପୁଳାପୁଳା ଗଞ୍ଜେଇ ପ୍ୟାକେଟ୍ ରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଅବକାରୀ ବିଭାଗ ସେଠାରୁ ୧ କୁଇଣ୍ଟାଲ ୭୦ କିଲୋ ଓଜନର ଗଞ୍ଜେଇ ଜବତ କରିଛି। ଠିକ୍ ସେହିପରି ଏକ ପିକଅପ ଭ୍ୟାନରେ ୪ କୁଇଣ୍ଟାଲ ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ନିରାକାରପୁର ଲେଭୁଲ କ୍ରସିଂ ନିକଟରୁ ଏହା ଧରାପଡ଼ିଥିଲା। ତେବେ ଖୋର୍ଦ୍ଧା ଅଞ୍ଚଳରେ ବ୍ରାଉନସୁଗର କାରବାର ଉପରେ ପୁଲିସ ଓ ଅବକାରୀ ବିଭାଗ ନଜର ରଖିଥିବା ବେଳେ ଏବେ ଗଞ୍ଜେଇ ଚୋରା କାରବାର ବଢୁଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି।

## ମାର୍ଚ୍ଚ ୨ରେ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍-ମାରାଥନ୍

### ଲୋଗୋ ଓ ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ଓଡ଼ିଶାର କ୍ରୀଡା କ୍ୟାଲେଣ୍ଡରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପ୍ରଥମ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍-ମାରାଥନ୍ ଆସନ୍ତା ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହେବ। ଏହି ମାରାଥନ୍ ସକାଶେ ଆଜି ଏଠାରେ ଲୋଗୋ ଓ ଜର୍ସି ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମ ଶକ୍ତି ପ୍ରମୁଖ କୋଲ୍ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ପାଳନର ଏକ ପ୍ରମୁଖ ଆକର୍ଷଣ। ଫିଟନେସ୍ ଓ ସମ୍ପ୍ରଦାୟ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏମ୍‌ସିଏଲ୍‌ର ବ୍ୟାପକ ପଦକ୍ଷେପର ଏହା ଏକ ଅଂଶବିଶେଷ।




ଲୋଗୋ ଓ ଜର୍ସି ଉନ୍ମୋଚନ ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଭାରତୀୟ ଆଥଲେଟିକ୍ସ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତି ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ପର୍ସନେଲ୍) କେଶବ ରାଓ ଯୋଗଦେଇ ଏମ୍‌ସିଏଲ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ରାଓ କହିଛନ୍ତି ଯେ ହାଫ୍ ମାରାଥନ୍ ଓଡ଼ିଶାରେ ଦୀର୍ଘ ଦୂରତା ଦୌଡ଼ ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଆସିଛି। ଜର୍ସି ଓ ଲୋଗୋ କେବଳ ଆମ ଇଭେଣ୍ଟର ଆତ୍ମାକୁ ପ୍ରତୀକ କରେ ନାହିଁ, ବରଂ ସାମୁଦାୟିକ ବିକାଶ ଏବଂ କ୍ରୀଡା ଉତ୍କର୍ଷତା ପ୍ରତି ଆମର ଉତ୍ସର୍ଗକୁ ମଧ୍ୟ ପ୍ରତିପାଦିତ କରୁଛି। ଏମ୍‌ସିଏଲ୍‌ର କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍-ମାରାଥନ୍ ଏହି ଅଞ୍ଚଳର ସବୁଠାରୁ ବଡ଼ ଇଭେଣ୍ଟ ମଧ୍ୟରୁ ଗୋଟିଏ। ଏହାର ମୋଟ ପୁରସ୍କାର ରାଶି ୪୫.୩୪ ଲକ୍ଷ ରହିଛି। ଏକ ଏସ୍ମ-ପ୍ରମାଣିତ ଇଭେଣ୍ଟ ଭାବରେ ଏହା ଆଥଲେଟ୍‌ମାନଙ୍କୁ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଦୌଡ଼ ପାଇଁ ଯୋଗ୍ୟତା ହାସଲ ଦିଗରେ ସହଯୋଗ କରିଥାଏ। ଏହି ମାରାଥନ୍‌ରେ ଅଂଶଗ୍ରହଣକାରୀମାନେ ଦେଢ଼ କିମି (ଛୋଟ ପିଲା, ପରିବାର ଓ ବରିଷ୍ଠ ନାଗରିକ), ୫ କିମି ଓ ୧୦ କିମି ଟାଇମଡ୍ ଦୌଡ଼ ଏବଂ ୨୧ କିମି ହାଫ୍-ମାରାଥନ୍ ସମେତ ବିଭିନ୍ନ ଇଭେଣ୍ଟରେ ଭାଗନେବେ।

## ଅଧଘଣ୍ଟାରେ ସରିଗଲା ବାରବାଟୀ ଦିନିକିଆ ଟିକେଟ

**କଟକ,୨।୨(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ଇଂଲଣ୍ଡ-ଭାରତ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବେଳେ ଆଜି ଅନଲାଇନ୍ ଟିକେଟ୍ ବିକ୍ରି ହୋଇଥିଲା। କିନ୍ତୁ ଅଧିକାଂଶ ଦର୍ଶକଙ୍କୁ ଏହି ମ୍ୟାଚ୍ ଦେଖିବାର ସୁଯୋଗ ମିଳିବ ନାହିଁ। କାରଣ ସେମାନେ ଉତ୍କଣ୍ଠା ସହ ଅନଲାଇନ୍ ଟିକେଟ୍ ବିକ୍ରିକୁ ଅପେକ୍ଷା କରିଥିଲେ ମଧ୍ୟ ମାତ୍ର ଅଧଘଣ୍ଟା ମଧ୍ୟରେ ସବୁ ଟିକେଟ୍ ଶେଷ ହୋଇଯାଇଛି। ତେଣୁ ଅଧିକାଂଶ ଦର୍ଶକ ନିରାଶ ହୋଇଛନ୍ତି।

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ, ଅପରାହ୍ନ ୪ଟା ସମୟରେ ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। କିନ୍ତୁ ପ୍ରଥମ ଅଧଘଣ୍ଟା ମଧ୍ୟରେ ୨ ଓ ୪ ନମ୍ବର ଗ୍ୟାଲେରୀ ଟିକେଟ ଶେଷ ହୋଇଯାଇଥିଲା। ଏହାପରେ ସ୍ପେଶାଲ ଏନ୍‌କ୍ଲୋଜର, ଏସି ଗ୍ୟାଲେରୀ ବକ୍ସ ଓ ନ୍ୟୁ ପାଭିଲିୟନ ଭଳି ଦାମୀ ଟିକେଟ ମଧ୍ୟ ଶେଷ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଟିକେଟ ବୁକିଂ କରିବାରେ କେତେକ ଦର୍ଶକ ସଫଳ ହୋଇଥିଲେ ମଧ୍ୟ ଅଧିକାଂଶଙ୍କୁ ନିରାଶ ହେବାକୁ ପଡ଼ିଛି। ବିଶେଷକରି ଟିକେଟ୍ ବୁକିଂ ପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଓ ଆପ୍ଲିକେସନ୍ ବ୍ୟବସ୍ଥାକୁ ଦର୍ଶକ ନାପସନ୍ଦ କରିଛନ୍ତି। କିନ୍ତୁ ଯେଉଁମାନେ ଅନଲାଇନ୍‌ରେ ଟିକେଟ୍ ବୁକ୍ କରିପାରିନାହାନ୍ତି ସେମାନେ ଆସନ୍ତା ୫ରୁ ଆରମ୍ଭ ହେବାକୁ ଥିବା କାଉଣ୍ଟର ଟିକେଟ୍ ବିକ୍ରିର ଫାଇଦା ଉଠାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଓସିଏ ପକ୍ଷରୁ ଆସନ୍ତାକାଲି ଓ ୪ ତାରିଖରେ ପ୍ରାୟ ୮ ହଜାର ଟିକେଟ ଓସିଏ ସହ ଅନୁବନ୍ଧିତ ସଂଗଠନଗୁଡ଼ିକୁ ବିକ୍ରି କରାଯିବ। ଏଥିପାଇଁ ଓସିଏ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ୫ ଓ ୬ ତାରିଖ ଦିନ ଷ୍ଟାଡିୟମର କାଉଣ୍ଟର ଟିକେଟ ବିକ୍ରି କରାଯିବ। ସେଥିପାଇଁ ମଧ୍ୟ ଓସିଏ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

## ଅନୁକୂଳ ହେଲା ଶ୍ରୀଜୀଉଙ୍କ ରଥକାଠ

**ପୁରୀ,୨।୨(ସଂଚାର ବ୍ୟୁରୋ):** ଆସନ୍ତା ରଥଯାତ୍ରା ପାଇଁ ରଥକାଠର ଅନୁକୂଳ ଆଜି ପବିତ୍ର ଶ୍ରୀପଞ୍ଚମୀ ଅବସରରରେ ହୋଇଛି। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରଥଖଳାରେ ୩ଟି ଧଉରା କାଠ ରଖାଯାଇ ପୂଜାର୍ଚ୍ଚନା କରାଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ଏହି କାଠ ଗୁଡ଼ିକ ସଂସ୍କାର ଓ ପୂଜାର୍ଚ୍ଚନା ସହ ରଥକାଠ ଅନୁକୂଳ ହୋଇଥିଲା। ସେପଟେ ଆଜି ରବିବାର ଥିବାରୁ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରବିବାର ପବିତ୍ର ଶ୍ରୀପଞ୍ଚମୀ ଅବସରରେ ରଥକାଠ ପୂଜାର୍ଚ୍ଚନା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ତିନିରଥ ପାଇଁ ତିନିଖଣ୍ଡ ୧୨ ଫୁଟିଆ ଧଉରା କାଠ ଗଜପତି ମହାରାଜାଙ୍କ ରାଜଗୁରୁ ଓ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ଏହା ପୂର୍ବରୁ ଆଜି ସକାଳୁ ରଥ ତତ୍ତ୍ୱାବଧାରକଙ୍କ ତତ୍ତ୍ୱାବଧାନରେ ଭୋଇ ସର୍ଦ୍ଦାରଙ୍କ ସହ ଭୋଇ ସେବକମାନେ ତିନୋଟି ୧୨ ଫୁଟିଆ ଧଉରା କାଠକୁ



ପୂଜା କରାଯିବା ସ୍ଥାନରେ ଆଣି ରଖିଥିଲେ। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରଥମେ ବାଗଦେବୀ ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିବା ତିନୋଟି ଧଉରା କାଠର ଚତୁଃପାର୍ଶ୍ୱରେ ଚୂନପାଣି ପକାଯାଇ ପବିତ୍ର କରାଯିବା ପରେ କାଠ ତିନୋଟିକୁ ମାଜଣା କରାଯାଇଥିଲା। ପରେ ରାଜଗୁରୁ ଓ ପୁରୋହିତଙ୍କ ଦ୍ୱାରା କାଠତ୍ରୟର ପୂଜାର୍ଚ୍ଚନା ହୋଇଥିଲା।

ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୨୮ ତାରିଖରେ ନୟାଗଡ଼ ବନଖଣ୍ଡରୁ ୧୦୧ ଖଣ୍ଡ ରଥକାଠ ପୁରୀ ଆସି ସାରିଛି। ପୂର୍ବ ବର୍ଷର ୫୧ ଖଣ୍ଡ କାଠ ବଳକା ଥିବା ବେଳେ ଆଜି ରଥକାଠ ଅନୁକୂଳ ପରେ ବିଭିନ୍ନ ପର୍ଯ୍ୟାୟରେ ସର୍ବମୋଟ ୭୧୩ ଖଣ୍ଡ ରଥକାଠ ଆସି ପହଞ୍ଚିବ। ସେପଟେ ଆସନ୍ତା ରାମନବମୀ ତିଥିରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହେବାର ମଧ୍ୟ ବିଧି ରହିଛି। ଚଳିତବର୍ଷ ରଥଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ସେନେଇ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରାଯିବ ବୋଲି ବରିଷ୍ଠ ରଥ ତତ୍ତ୍ୱାବଧାରକ ଏବଂ ସେବାୟତ କହିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ଓ ଜାତିଆଣ ଆକ୍ଷେପ ଅଭିଯୋଗ

### ପ୍ରଧାନଶିକ୍ଷକ ଓ ସିଡିଇଓଙ୍କ ବିରୋଧରେ ମାମଲା ରୁଜୁ

**କଟକ,୨।୨(ସଂଚାର ବ୍ୟୁରୋ):** କଟକ ସଦର ଥାନା ଅନ୍ତର୍ଗତ କଟକ ସଦର ବ୍ଲକ୍ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମଥ ନାଥ ଦେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀ (ସିଡିଇଓ) ସନ୍ତୋଷ କୁମାର ରାଉତଙ୍କ ବିରୋଧରେ ମାନସିକ, ଶାରୀରିକ ନିର୍ଯାତନା ଓ ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଛି। ଗତ ୨୮ ତାରିଖରେ କଟକ ସଦର ଥାନାରେ ଲକ୍ଷେଶ୍ୱର ବିଦ୍ୟାଳୟର କର୍କଟ ରୋଗରେ ପୀଡ଼ିତା ହିନ୍ଦୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଏହି ଅଭିଯୋଗ କରିବା ପରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସ୍ୱର୍ଣ୍ଣଲତା ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତର ମହିଧରପଡ଼ାରେ ରହୁଥିବା ବେଳେ କିଛି ମାସ ପୂର୍ବରୁ ଶ୍ରୀ ଦେ ଓ ଶ୍ରୀ ରାଉତ ତାଙ୍କୁ ପ୍ରଧାନଶିକ୍ଷକଙ୍କ ରୁମ୍‌କୁ ଡାକି ସିସି ଟିଭି କ୍ୟାମେରା ବନ୍ଦ କରି ୪/୫ଟି ସାଦା କାଗଜରେ ଜୋର୍‌ଜବରଦସ୍ତି ଦସ୍ତଖତ କରିବାକୁ କହିଥିଲେ। କିନ୍ତୁ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ଧମକ ଦେବା ସହ ଭୟଭୀତ କରାଇବାକୁ ଉଦ୍ୟମ କରିଥିଲେ। ଏଥିସହ ସେମାନେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଜାତିଆଣ ଆକ୍ଷେପ କରିବାକୁ ବି ପଛାଇନଥିଲେ। ଶେଷରେ ସେମାନେ ଜୋର୍‌ଜବରଦସ୍ତି ତାଙ୍କଠାରୁ ଦସ୍ତଖତ ନେଇଥିବା ସ୍ୱର୍ଣ୍ଣଲତା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖରେ ସ୍ୱର୍ଣ୍ଣଲତାଙ୍କ ନାମରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରୁ ଆସିଥିବା ଏକ ଚିଠି ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଅନ ହାତରେ ତାଙ୍କ ନିକଟକୁ ପଠାଇଦେଲେ। ଏହି ଚିଠି ପାଇବା ପରେ




ସ୍ୱର୍ଣ୍ଣଲତା ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ। ଜଣେ କର୍କଟ ପୀଡ଼ିତା ହୋଇଥିଲେ ମଧ୍ୟ ଉଭୟ ଶ୍ରୀ ଦେଓ ଶ୍ରୀ ରାଉତ ତାଙ୍କୁ ମାନସିକ ଭାବେ ଦୁର୍ବଳ କରିଦେବା ସକାଶେ ଉଦ୍ଦେଶ୍ୟମୂଳକ ଭାବେ ଏପରି ଚିଠି ପଠାଇଥିବା ସ୍ୱର୍ଣ୍ଣଲତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ୱର୍ଣ୍ଣଲତାଙ୍କ ଅଭିଯୋଗ ଆଧାରରେ କଟକ ସଦର ଥାନା ପୁଲିସ୍ ୬୭/୨୫ରେ ଏକ ମାମଲା ରୁଜୁ କରିବା ସହ ଭାରତୀୟ ନ୍ୟାୟ ସଂହିତା-୨୦୨୩ ଅଧିନିୟମ ଅନୁସାରେ ଧାରା ୨୯୬,୩୫୧(୩),୩(୫) ଓ ଅନୁସୂଚିତ ଜାତି ଓ ଜନଜାତି ଅଧିନିୟମରେ ଧାରା ୩(୧) ଆର୍,୩(୧) ଏସ୍,୩(୨) ଭିଏ ଦଫା ଲାଗୁ ହୋଇଛି। ଏହି ମାମଲାର ତଦନ୍ତ ଦାୟିତ୍ୱ କଟକ ଜୋନ୍-୪ ଏସିପିଙ୍କୁ ଦିଆଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଶ୍ରୀ ଦେ'ଙ୍କ ନାମରେ ଉକ୍ତ ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ସହକାରୀ ନାରାୟଣ ସ୍ୱାଇଁ ମାନସିକ ନିର୍ଯାତନା ଓ ଦୁର୍ବ୍ୟବହାର ନେଇ ଅଭିଯୋଗ କରିଥିଲେ।

### 'ମଧୁଲିତା'ର ବାର୍ଷିକ ଉତ୍ସବ

## ଓଡ଼ିଆ ଭାଷା ଉପରୁ ବିପଦ ହଟିନି: ପ୍ରଫୁଲ୍ଲ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ଉପରୁ ବିପଦ ହଟିନି, ଏବେ ବି ଅବକ୍ଷୟମୁଖୀ। ଆମ ରାଜ୍ୟକୁ ସୁରକ୍ଷିତ ରଖିବା ଦିଗରେ ସାହିତ୍ୟ ପତ୍ରିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ବ୍ୟକ୍ତ କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। 'ମଧୁଲିତା'ର ଊନବିଂଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମତ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଗତକାଲି ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶରେ ପୂର୍ବତନ ସାଂସଦ ତଥା ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରି ଗୋଟିଏ ପତ୍ରିକା ପ୍ରକାଶ କରିବା ସହଜ, ମାତ୍ର ଏହାକୁ ଜାରି ରଖିବା କଷ୍ଟକର। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ପତ୍ରିକାଗୁଡ଼ିକର ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ମତ ବ୍ୟକ୍ତ କରିଛନ୍ତି।

ସେହିପରି ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନେହୁର ସାହିତ୍ୟ ଓ ଓଡ଼ିଆ ପତ୍ରପତ୍ରିକାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଛନ୍ତି ଯେ ସାହିତ୍ୟ ଯେଉଁ ଅନୁଭବ ଦିଏ, ତାହା ଆଉ କେହି ଦେଇପାରିବେ ନାହିଁ। ପତ୍ରପତ୍ରିକା ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟକ ଭୂମିକା ଗ୍ରହଣ କରିଆସିଛନ୍ତି। ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର (ଉତ୍ତର)ର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଚାର୍ଟର୍ଡ ଆକାଉଣ୍ଟାଣ୍ଟ୍ ଶରତ ଚନ୍ଦ୍ର ଭଦ୍ର ଓ ପତ୍ରିକାର ପୂର୍ବତନ ସମ୍ପାଦିକା ତଥା ସମାଜସେବୀ ମଧୁଲିତା ପରିଡ଼ା ଯୋଗଦେଇଥିଲେ। କବି ମନୋରଞ୍ଜନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବାବେଳେ କଥାକାର କିଶୁଚାନ୍ଦ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବି ଇଂ ବିଜନ ବେହେରାଙ୍କ ୨ଟି କବିତା ପୁସ୍ତକ 'କ୍ଳାନ୍ତ ଅପରାହ୍ନ' ଓ 'ଅନ୍ତଃସ୍ୱର' ସହ ଲେଖକ ବାବାଜୀ ଚରଣ ଦାସଙ୍କ ଶିଶୁ ଉପନ୍ୟାସ 'ଚନ୍ଦ୍ରଯାନ' ଉନ୍ମୋଚିତ ହୋଇଛି। ମଧୁଲିତା ବରିଷ୍ଠ ନାଗରିକ ସମ୍ମାନ ଇଂ ଲକ୍ଷ୍ମୀକାନ୍ତ ଚୌଧୁରୀ ଓ ସୁଦେଷ୍ଣା



ଦାସଙ୍କୁ, ସମାଜସେବା ସମ୍ମାନ ଆଲୋକ କୁମାର ଜେନାଙ୍କୁ, ସାମ୍ବାଦିକତା ସମ୍ମାନ ଅପୂର୍ବ କୁମାର ମହାନ୍ତିଙ୍କୁ, ଶିକ୍ଷାବିତ ସମ୍ମାନ ଜ୍ୟୋତି ପ୍ରକାଶ ସାହୁଙ୍କୁ, କବିତା ସମ୍ମାନ ସଂଯୁକ୍ତା ଦାଶଙ୍କୁ ଏବଂ ଗଳ୍ପ ସମ୍ମାନ ପ୍ରୀତିପ୍ରଜ୍ଞା ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।

ପ୍ରଥମ ଅଧିବେଶନରେ ପତ୍ରିକାର ପରିଚାଳନା ସମ୍ପାଦିକା ତଥା ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀକୁ କବୟିତ୍ରୀ କ୍ଷଣପ୍ରଭା ମହାନ୍ତି ସଂଯୋଜନା କରିଥିଲେ। ଶେଷରେ ତୋଷାଳୀ ୱାର୍କର୍ସ କ୍ଲବ୍ ପକ୍ଷରୁ ଦୀପ୍ତିମୟୀ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'ବାପା ଓ ମା'ଙ୍କ ଋଣ କ'ଣ ଶୁଝିହେବ?'' ଏବଂ ଶ୍ରୁତି ପରିଡ଼ା ଓ ପ୍ରିୟଙ୍କା ବେହେରାଙ୍କ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।

# ମଶା ତେଲ ପକାଇବାକୁ ନାହାନ୍ତି କର୍ମଚାରୀ

**ଭୁବନେଶ୍ୱର,୨।୨(ତଥ୍ୟ):** ରାଜଧାନୀରେ ମଶା ନିୟନ୍ତ୍ରଣ ପାଇଁ ସରକାର ବିଭିନ୍ନ କିସମର ହଜାର ହଜାର ଲିଟର ମଶାମରା ତେଲ କିଣୁଛନ୍ତି। ହେଲେ ଏହି ତେଲକୁ ପକାଇବା ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ କିମ୍ବା ସାଜସରଞ୍ଜାମ ନାହିଁ। ଫଳରେ ବ୍ୟାପକ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସହରରେ ମଶାଙ୍କ ପ୍ରାଦୁର୍ଭାବ କମିବା ବଦଳରେ ବରଂ ବଢ଼ିବାରେ ଲାଗିଛି। ସହରରୁ ମଶାବଂଶ ନିପାତ ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଏବେ ୪୩୭୫ ଲିଟର ମଶା ଲାର୍ଭା ମାରିବା ପାଇଁ ପଡୁଥିବା ତେଲ ମହଜୁଦ ଥିବା ବେଳେ ୧୩୫୦ ଲିଟର ଟେମେଫୋସ୍, ୨୨୫୦ ଲିଟର କିନ୍‌ଫଗ୍ ଏବଂ ୮୨୫ ଲିଟର ପାଇରେଥିରମ ରହିଛି। ଏହି ସମସ୍ତ ତେଲ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଯୋଗାଇଦେଇଛନ୍ତି। ସେହିଭଳି ମଶା ତେଲ ପକାଇବାକୁ ରହିଛି ୭୦ଟି ବ୍ୟାଟେରୀ ଚାଳିତ ସ୍ପ୍ରେୟର ମେସିନ।

କିନ୍ତୁ ରାଜଧାନୀର ବିଭିନ୍ନ ୱାର୍ଡରେ ଏହି ତେଲ ପକାଇବା ପାଇଁ ଆବଶ୍ୟକ ସଂଖ୍ୟକ ମାନବ ସମ୍ବଳ ନାହାନ୍ତି। ମଶାଲାର୍ଭା ବିନାଶ ପାଇଁ ରାଜଧାନୀର ୬୭ଟି ୱାର୍ଡ ପାଇଁ ୧୭୦ ଜଣ କର୍ମଚାରୀ ଥିବାବେଳେ ସେମାନଙ୍କ ମଧ୍ୟରେ ୨୦ ଜଣ ସୁପରଭାଇଜର ରହିଛନ୍ତି।



ମାତ୍ର ୧୫୦ କର୍ମଚାରୀଙ୍କ ପାଇଁ ୬୭ଟି ୱାର୍ଡରେ ବୁଲି ବୁଲି ତେଲ ପକାଇବା ସମ୍ଭବପର ହେଉନାହିଁ। ବିଏମସି ନିକଟରେ ମଶାତେଲ ସିଞ୍ଚନ ପାଇଁ ଯେତିକି ମାନବସମ୍ବଳ ରହିଛ, ସେମାନେ ସାଇକେଲରେ ବୁଲି ବୁଲି ମଧ୍ୟ ତେଲ ସିଞ୍ଚନ କରିପାରୁନାହାନ୍ତି। ଯେତିକି କର୍ମଚାରୀ ରହିଛନ୍ତି, ସେମାନଙ୍କର ଅଧିକାଂଶ ସମୟ ଭିଆଇପି ଓ ଭିଭିଆଇପି ଅଞ୍ଚଳରେ ବିତୁଛି। ତେଣୁ ମଶାଙ୍କ ଉତ୍ସ ସ୍ଥାନରେ ଲାର୍ଭାମରା ତେଲ ପକାଇବାକୁ ସେମାନେ ସମୟ ପାଉନାହାନ୍ତି। ସେହିଭଳି ମଶାଧୂଆଁ ଯନ୍ତ୍ର ମଧ୍ୟ ଅଧିକାଂଶ ସମୟରେ କେବଳ ଭିଆଇପି ଓ ଭିଭିଆଇପି ଅଞ୍ଚଳରେ ଚକ୍କର କାଟୁଥିବା ଦେଖିବାକୁ ମିଳୁଛି।

ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ରାଜଧାନୀରେ ମଶା କାମୁଡ଼ା ସ୍ଥିତି ସମୀକ୍ଷା କରୁଥିବା ସମୟରେ କର୍ମଚାରୀ ଅଭାବ ସମସ୍ୟା ତାଙ୍କ ଦୃଷ୍ଟିକୁ ଆସିଥିଲା। ଏହାପରେ ସେ ଅଧିକ ସଂଖ୍ୟକ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଠିକା କର୍ମଚାରୀଙ୍କ ହାତରେ ମଶା ନିୟନ୍ତ୍ରଣରେ ଅଭ୍ୟସ୍ତ ଥିବା ବିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ରାଜ୍ୟରେ ନୂଆ ସରକାର ଆସିବା ପରେ ରାଜଧାନୀରେ ଏବେ ଗୋଟିଏ ପରେ ଗୋଟିଏ ଜାତୀୟ ସ୍ତରର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶ ବିଦେଶରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଆସୁଥିବାବେଳେ ଏମାନଙ୍କୁ ମଶା କାମୁଡ଼ାରୁ ରକ୍ଷା କରିବା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ ହେଲାଣି। ତେଣୁ ମଶାବଂଶ ନିୟନ୍ତ୍ରଣ ପାଇଁ ଆଗାମୀ ଦିନରେ ଯେଉଁସବୁ ପଦକ୍ଷେପ ଗ୍ରହଣ ପାଇଁ ସମୀକ୍ଷା ବୈଠକରେ ସ୍ଥିର ହେଉଛି, ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମତ ପ୍ରକାଶ ପାଉଛି।

SANCHAR
ସଂଚାର

୪

ସୋମବାର ୩ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର

Monday 3 February 2025 Bhubaneswar


# ମଧ୍ୟବିତ୍ତ ବର୍ଗଙ୍କୁ ଗୁରୁତ୍ୱ

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ମୋଟ ୫୦.୬୫ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ବଜେଟରେ ଆକଳନ ଅନୁଯାୟୀ ବିଭିନ୍ନ ସୂତ୍ରରୁ ପ୍ରାୟ ୩୪ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହେବ। ବାକି ୨୨ ହଜାର କୋଟି ଟଙ୍କା ଋଣ ଏବଂ ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ ହେବ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରର ତୃତୀୟ ପାଳିରେ ଏହା ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ। ଗତ ବର୍ଷ ନିର୍ବାଚନ ପରେ ଜୁଲାଇରେ ଆର୍ଥିକ ବର୍ଷର ବାକି ୮ ମାସ ପାଇଁ ବଜେଟ ଉପସ୍ଥାପନ କରାଯାଇଥିଲା। ଏଥର ପୂର୍ଣ୍ଣାଙ୍ଗ ବଜେଟକୁ ଗୁରୁତ୍ୱ ଦିଆଯାଉଥିଲା ଏଥିପାଇଁ ଯେ, ନିର୍ବାଚନ ଚାପରୁ ମୁକ୍ତ ହୋଇ ଏଥର ଅର୍ଥମନ୍ତ୍ରୀ ଏକ ଭଲ ବଜେଟ ଉପସ୍ଥାପନ କରିବେ ଏବଂ ଦେଶର ବଜେଟରେ ସେପରି କିଛି ଶସ୍ତା କାର୍ଯ୍ୟକ୍ରମ ବା ଯୋଜନା ଲାଗି ଅଯଥା ବ୍ୟୟ ବରାଦ କରାଯିବନି ଏବଂ ଦେଶର ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ଯାହା ଆଶା କରାଯାଉଥିଲା ବାସ୍ତବରେ ତାହା ହିଁ ହୋଇଛି। ବଜେଟରେ କିଛି ନୂଆ ଶସ୍ତା କାର୍ଯ୍ୟକ୍ରମ ପାଇଁ ଅର୍ଥ ବରାଦ କରାଯାଇନି। କିନ୍ତୁ ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷ କରି ସର୍ବାଧିକ ସଂଖ୍ୟକ ମଧ୍ୟବିତ୍ତ ବର୍ଗ ପାଇଁ ବଜେଟରେ ଅନେକ ପ୍ରସ୍ତାବ ରହିଛି। ସବୁ ବର୍ଗର ଲୋକଙ୍କୁ ଖୁସି କରିବା ପାଇଁ ବଜେଟରେ ବ୍ୟବସ୍ଥା ରହିଛି। ଗରିବ, କୃଷକ, ମହିଳା ଏବଂ ଯୁବବର୍ଗଙ୍କ ବିକାଶକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଯଥାର୍ଥରେ ବଜେଟରେ ସବକା ସାଥ, ସବକା ବିକାଶ ଲକ୍ଷ୍ୟ ପ୍ରତିଫଳିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବେତନଭୋଗୀଙ୍କ ସପକ୍ଷରେ ଯାଇଛି। ତାହା ହେଲା ବାର୍ଷିକ ୧୨ ଲକ୍ଷ ଟଙ୍କାର ଆୟ ପର୍ଯ୍ୟନ୍ତ ଆୟକର ଛାଡ଼ ନିଷ୍ପତ୍ତି। ୭୫ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକସନକୁ ମିଶାଇଲେ ବାର୍ଷିକ ୧୨ ଲକ୍ଷ ୭୫ ହଜାର ଟଙ୍କାର ପର୍ଯ୍ୟନ୍ତ ଦରମା ପାଉଥିବା ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ। କିନ୍ତୁ କ୍ୟାବିଟାଲ ଗେନ ଏଥିରୁ ବାଦ ପଡ଼ିଛି। ବାର୍ଷିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାପିଟାଲ ଗେନ ବାବଦ ଆୟ ଟିକସ ମୁକ୍ତ ହେବ। ଏହାଠାରୁ ଅଧିକ ଆୟ ଉପରେ ଟିକସ ପଡ଼ିବ। କିନ୍ତୁ ବେତନଭୋଗୀ ମାନେ ଏଥିରୁ ବାଦ ପଡ଼ିଛନ୍ତି। ଏହି ବର୍ଗର ସଂଖ୍ୟା ସମାଜରେ ସର୍ବାଧିକ। ସେମାନେ ବଜେଟରେ ଥିବା ଆୟକର ଛାଡ଼ ସୀମାକୁ ନେଇ ଖୁସ। ବଜେଟରେ ଏଭଳି କିଛି ବ୍ୟବସ୍ଥା ହେବ ବୋଲି ଆଶା କରାଯାଉଥିଲା। ବଜେଟ ଉପସ୍ଥାପନ ପୂର୍ବଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି କିଛି ସଙ୍କେତ ପ୍ରଦାନ କରିଥିଲେ। ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ଏଥର ବଜେଟ ଖୁସି ଆଣିଦେବ ବୋଲସି ପ୍ରଧାନମନ୍ତ୍ରୀ କହିଥିଲେ। ଏହା ସତ ପ୍ରମାଣିତ ହୋଇଛି। ବର୍ତ୍ତମାନର ମୁଦ୍ରାସ୍ଫୀତି ହାରକୁ ଦୃଷ୍ଟିରେ ରଖି ସରକାର ଆୟକର ଛାଡ଼ ସୀମାକୁ ବଢ଼ାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ବାସ୍ତବରେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରାଯିବା ଅପେକ୍ଷା ଟିକସ ହାରକୁ କମାଇବା ଉଚିତ ଥିଲା। ଅର୍ଥାତ ବାର୍ଷିକ ୬ ଲକ୍ଷରୁ ଅଧିକ ଆୟ ଥିଲେ ସେମାନେ ସ୍ୱଳ୍ପ ପରିମାଣର ଟିକସ ଦେବା ଉଚିତ। ଏ କ୍ଷେତ୍ରରେ ସରକାର ଅତି ମାତ୍ରାରେ କୋହଳ ନୀତି ଅବଲମ୍ବନ କରିଛନ୍ତି। ଲୋକଙ୍କୁ ଖୁସି କରିବା ପାଇଁ ଏହା ଉଦ୍ଦିଷ୍ଟ। କିନ୍ତୁ ଏହା ଦ୍ୱାରା ରାଜସ୍ୱ ସଂଗ୍ରହ ବାଧାପ୍ରାପ୍ତ ହୋଇପାରେ। ନୂତନ ଆୟକର ନୀତି ଅନୁଯାୟୀ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କର ପ୍ରାୟ ୮୦ ହଜାର ଟଙ୍କା ସଂଚିତ ହୋଇପାରିବ। ମଧ୍ୟବିତ୍ତ ବର୍ଗ ପାଇଁ ଏହା ବହୁତ ଅଧିକ। ବାର୍ଷିକ ୮୦ ହଜାର ଟଙ୍କା ସଂଚୟ କରିପାରିଲେ ଏହା ସେମାନଙ୍କ ପାଇଁ ବହୁତ ମୂଲ୍ୟବାନ ସାବ୍ୟସ୍ତ ହେବ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଆସନ୍ତା ସପ୍ତାହରେ ସଂସଦରେ ନୂଆ ଆୟକର ବିଲ ଆଗତ ହେବ। ତେଣୁ ଏବେ ଦେଖିବାର କଥା ନୂଆ ଆୟକର ଆଇନରେ କ'ଣ ବ୍ୟବସ୍ଥା ରହୁଛି, ଏଥିରୁ ମଧବତ୍ତ ବର୍ଗ କେତେ ଉପକୃତ ହୋଇପାରିବେ ତାହା ଅନୁଧାନ ଯୋଗ୍ୟ। ବଜେଟରେ ଆହୁରି ଅନେକ ବ୍ୟବସ୍ଥା ରହିଛି ଯାହା ଗରିବ ଏବଂ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇପାରେ। ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଲାଗି ସର୍ବାଧିକ ୬.୮୧ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ବ୍ୟୟ ବରାଦ ହୋଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପାଇଁ। ରେଳବାଇର କ୍ୟାପେକ୍ସ ପୂର୍ବ ବର୍ଷ ପରି ୨.୫୨ ଲକ୍ଷ କୋଟି ଟଙ୍କାରେ ଅପରିବର୍ତ୍ତିତ ରହିଛି। ଆଶା କରାଯାଉଥିଲା ଏଥର ରେଳବାଇ ପାଇଁ ଅଧିକ ବ୍ୟୟ ବରାଦ ହେବ। କିନ୍ତୁ ତାହା ହେଲା ନାହିଁ। ଏହା ନିଶ୍ଚିତ ଭାବେ ନୈରାଶ୍ୟଜନକ। ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ବ୍ୟାପକ ବ୍ୟୟ ବରାଦ କରାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଆସନ୍ତା ୫ ବର୍ଷ ଭିତରେ ଦେଶରେ ୭୫ ହଜାର ନୂଆ ମେଡିକାଲ ସ୍ଥାପନ ହେବ। ଆସନ୍ତା ବର୍ଷ ଦେଶରେ ଏମବିବିଏସ ପାଠ୍ୟକ୍ରମରେ ୧୦ହଜାର ନୂଆ ସିଟ ପ୍ରତିଷ୍ଠା ହେବ। ଏହା ଦ୍ୱାରା ଦେଶରେ ଡାକ୍ତରଙ୍କ ଅଭାବ ଦୂର ହୋଇପାରିବ ଏବଂ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ହେବ। ବଜେଟରେ ୩୬ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ଉପରେ ଶୁଳ୍କ ହ୍ରାସ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଅନେକ ରୋଗର ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ ଏବଂ ଗରିବ ଲୋକଙ୍କ ଉପରୁ ଚିକିତ୍ସା ଖର୍ଚ୍ଚ ବାବଦ ବୋଝ ହ୍ରାସ ପାଇବ। ବଜେଟରେ ଏକ ବଡ଼ ନିଷ୍ପତ୍ତି ହେଲା ଇଭି ଏବଂ ମୋବାଇଲ ବ୍ୟାଟେରୀ ଉପରେ ଟିକସ ହ୍ରାସ। ଏହା ଦ୍ୱାରା ଇଭି ମୂଲ୍ୟ ହ୍ରାସ ପାଇବ ଏବଂ ଏହାର ଆଦୃତି ବଢ଼ିବ। ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସରେ ଏହା ସହାୟକ ହେବ। ଦ୍ୱିତୀୟରେ ମୋବାଇଲ ବ୍ୟବହାର ଦିନକୁ ଦିନ ବଢ଼ୁଥିବାରୁ ଏବଂ ଏହାର ଆବଶ୍ୟକତା ଥିବାରୁ ମୋବାଇଲ ଫୋନ ଦର ହ୍ରାସକୁ ସ୍ୱାଗତ କରାଯାଇପାରେ। ବଜେଟରେ କୃଷକ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଲୋନ ପରିମାଣ ୩ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା କୃଷି କ୍ଷେତ୍ରରେ ନିବେଶ ବଢ଼ିବ। ନିଜ ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଆର୍ଥିକ ବର୍ଷରେ ୧.୭୫ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଉତ୍ପାଦନ ହେବ ଏବଂ ୨୦୨୯ ସୁଦ୍ଧା ଏହା ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ବଜେ୍ଟରେ ଏମଏସଏମଇ ସେକ୍ଟରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହାକୁ ବିକାଶର ଦ୍ୱିତୀୟ ଇଞ୍ଜିନ ବୋଲି କୁହାଯାଇଛି। ଅନ୍ୟ ପକ୍ଷରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଲାଗି ଏଥର ବ୍ୟୟ ବରାଦ ପୂର୍ବ ବର୍ଷ ତୁଳନାରେ ୧୦% ହ୍ରାସ ପାଇଛି। କିନ୍ତୁ ଉଡ଼ାନ ଯୋଜନାରେ ଅଧିକ ୧୨୦ଟି ସ୍ଥାନକୁ ବିମାନ ସଂଯୋଗ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ମହିଳା ଏସଏଚଜିକୁ ବଜେଟରେ ପ୍ରୋତ୍ସାହନ ରାଶି ବଢ଼ିଛି। ଦେଶରେ ମହିଳା ଉଦ୍ୟୋଗୀ ସୃଷ୍ଟି ପାଇଁ ଲକ୍ଷ୍ୟ ରଖି ବଜେଟରେ ଅର୍ଥ ବରାଦ କରାଯାଇଛି। ସେହିପରି ଷ୍ଟାର୍ଟଅପ ଲାଗି ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ପରମାଣୁ ଶକ୍ତି ଉତ୍ପାଦନ ବୃଦ୍ଧି ନିମନ୍ତେ ୨୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଦ୍ୱାରା ଦେଶରେ ପରମାଣୁ ଶକ୍ତି ଉତ୍ପାଦନ ୧୧ ଗିଗାୱାଟକୁ ବୃଦ୍ଧି ପାଇବ। ବଜେ୍ଟରେ ପର୍ଯ୍ୟଟନ ଶିଳ୍ପ ବିକାଶ ନିମନ୍ତେ ମଧ୍ୟ ୨୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମୋଟ ଉପରେ କହିଲେ ବଜେଟରେ ନୂଆ ଭାରତ ଗଠନକୁ ଲକ୍ଷ୍ୟ ରଖି ବିଭିନ୍ନ କ୍ଷେତ୍ର ଲାଗି ବ୍ୟୟ ପରାଦ କରାଯାଇଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ଉଲ୍ଲେଖନୀୟ।

# ଦିଲ୍ଲୀ ଦଖଲ ପାଇଁ କର ବା ମର ସ୍ଥିତି

**ମାତୃଦତ୍ତ ମହାନ୍ତି**





ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଉ ମାତ୍ର ଦିନ କେତେଟା ବାକି ଥିବା ବେଳେ ରାଜନୈତିକ ମତ ମନ୍ତବ୍ୟ ନେଇ ଦେଶର ରାଜଧାନୀ ଉଠୁଛି ପଡୁଛି। ପ୍ରତିକ୍ଷଣ ରାଜନୈତିକ ଦଳର ପ୍ରବକ୍ତା ଏବଂ ପ୍ରାର୍ଥୀ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ବେଳେ ବେଳେ ପରିସ୍ଥିତି ଏମିତି ହେଉଛି ଯେ ମାମଲା ଥାନା ବାରଣ୍ଡା ପର୍ଯ୍ୟନ୍ତ ଯାଉଛି। ରାତି ପାହିଲେ ମାଳ ମାଳ ଅଭିଯୋଗ ଫର୍ଦ୍ଦ ନିର୍ବାଚନ ଆୟୋଗଙ୍କ ଟେବୁଲ ଉପରେ ପହଚିଂ ଯାଉଛି। ଆରୋପ, ପ୍ରତ୍ୟାରୋପ, କଥା କଟାକଟି, ଗାଳି ଗୁଲଜ, ତୁ ତା ବେ ବା ଭିତରେ ଗତିଶୀଳ ଦିଲ୍ଲୀ ନିର୍ବାଚନୀ ରେଳ। ତେବେ ଚଳିତ ନିର୍ବାଚନରେ ଦିଲ୍ଲୀ କାହା ହାତକୁ ଯିବ ସେ ନେଇ କେବଳ ଦେଶ କାହିଁକି ବିଦେଶୀମାନଙ୍କ ନଜର ମଧ୍ୟ ଲାଖି ରହିଛି। ପୂର୍ବ ଦୁଇ ଗୋଟି ବିଧାନସଭା ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନର ରୂପ ରଙ୍ଗ ସମ୍ପୂର୍ଣ୍ଣ ଅଲଗା। ଆପ୍ (ଆମ ଆଦମି ପାର୍ଟି)ର୍ ଓ ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟରେ ମିତ୍ରତା ବୁଝମଣା ଭାଙ୍ଗି ଯିବା ଯୋଗୁଁ ଦିଲ୍ଲୀ ନିର୍ବାଚନ ରୋଚକ ମୋଡରେ ପହଁଚିଛି। ଚଳିତ ନିର୍ବାଚନରେ ଆପ୍ ଓ କଂଗ୍ରେସ ଅଲଗା ଅଲଗା ନିର୍ବାଚନ ଲଢୁଛନ୍ତି। ଦିନେ ମିତ୍ର ଥିବା ଦୁଇ ଦଳ ଆଜି ପ୍ରତିଦ୍ୱନ୍ଦି ଭୂମିକାରେ। ଏହାର ସୁଯୋଗ ନେଇ ଏଥର ଦିଲ୍ଲୀ ଦଖଲ କରିବାର ଆଶା ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଉଙ୍କି ମାରିଛି। ଆପ୍ ଯଦି ଚଳିତ ନିର୍ବାଚନରେ ସରକାର ଗଢିବାର ସୁଯୋଗ ପାଏ ତେବେ ଏହା ହେବ ତାର ତୃତୀୟ ପାଳିର ସରକାର। କେଜ୍ରିୱାଲ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହେବେ। ୨୦୧୩ ମସିହାରେ ପ୍ରଥମ ଥର ଆପ୍ ଦିଲ୍ଲୀ ଦଖଲ କରିଥିଲା। ସଦ୍ୟ ଜନଲୋକପାଳ ବିଲ ଦାବି ମଂଚରୁ ତଳକୁ ଓହ୍ଲାଇଥିବା ଉଚ୍ଚଶିକ୍ଷିତ ତଥା ଆଦର୍ଶବାନ ଯୁବ ଚେହେରା ଅରବିନ୍ଦ କେଜ୍ରିୱାଲଙ୍କୁ ଲୋକ ଭରଷା କଲେ। ପ୍ରଥମ ନିର୍ବାଚନରେ ଦିଲ୍ଲୀର ୭୦ ଗୋଟି ଆସନରୁ ୨୮ ଗୋଟି ଆସନରେ ଜିତି ଦ୍ୱିତୀୟ ସ୍ଥାନରେ ରହିଲା ଆମ ଆଦମି ପାର୍ଟି। ୨୦୧୩ ସେପ୍ଟେମ୍ବର ୧୩ ତାରିଖରେ ବିଜେପି ମୋଦୀଙ୍କୁ ପ୍ରଧା।ନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲା। ୨୦୧୩ ଡିସେମ୍ବର ୪ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେଲା। ଏହି ନିର୍ବାଚନରେ ବିଜେପିକୁ ୩୧ ଆସନ ଦେଇଥିଲେ ଲୋକେ। ୩୧ ଗୋଟି ଆସନରେ ଜିତି ଭାରତୀୟ ଜନତା ପାର୍ଟି ପ୍ରଥମ ସ୍ଥାନରେ ରହିଥିଲେ ସୁଦ୍ଧା ମ୍ୟାଜିକ ନମ୍ବର ହାସଲ କରିବାରେ ବିଫଳ ହେବାରୁ ସରକାର ଗଢିବାରୁ ବଂଚିତ ହେଲା। ସେଥର ଭିଜେପିର ଭୋଟ ହାର ଥିଲା ୩୩.୦୭ ପ୍ରତିଶତ। ସେହିପରି ଆପ୍ ର ଭୋଟ ହାର ଥିଲା ୨୯.୪୯ ପ୍ରତିଶତ। ସରକାର ଗଢିବା ମୋହରେ କେଜ୍ରିୱାଲ ତାଙ୍କ ଭ୍ରଷ୍ଟାଚାରୀ ତାଲିକାର ଏକ ନମ୍ବର ଦଳ କଂଗ୍ରେସ ସହ ବୁଝମଣା କଲେ। କଂଗ୍ରେସର ୮ ଗୋଟି ଆସନ ସମର୍ଥନରେ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ୨୦୧୫ ନିର୍ବାଚନରେ କେଜ୍ରିୱାଲଙ୍କ ପ୍ରତି ଜନସମର୍ଥନ ଢେର ବଢିଗଲା। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଆପ୍ ହୋଇଗଲା ଦିଲ୍ଲୀର ସର୍ବଶ୍ରେଷ୍ଠ ରାଜନୈତିକ ଦଳ। ମୋଟ ୭୦ ଆସନରୁ ଆପ୍ ନେଇଗଲା ୬୭ ଗୋଟି ଆସନ। ବିଜେପିର ଭୋଟ ହାର ଭଲ ଥିଲେ ମଧ୍ୟ ଆସନ ସଂଖ୍ୟା ଭୟଙ୍କର ଭାବେ ହ୍ରାସ ପାଇଲା। ୨୦୧୫ରେ ଆପ୍‌ର ଆସନ ସଂଖ୍ୟା ଥିଲା ୬୭, ଭୋଟ ପ୍ରତିଶତ ଥିଲା ୫୪ ପ୍ରତିଶତ। ସେହିପରି ୨୦୨୦ରେ ଆପର ଆସନ ସଂଖ୍ୟା ଥିଲା ୬୨, ଭୋଟ ହାର ଥିଲା ୫୩ ପ୍ରତିଶତ। ୨୦୧୫ରେ ବିଜେପିର ଭୋଟ ହାର ଥିଲା ୪ ପ୍ରତିଶତ,୨୦୨୦ରେ ୧୧ ପ୍ରତିଶତ। ଦିଲ୍ଲୀରେ ବିଜେପି ରାଜନୈତିକ ଯାତ୍ରା ବଡ ବିଚିତ୍ର। ୧୯୮୩ ବିଧାନସଭା ନିର୍ବାଚନରେ ବିଜେପିର ଆସନ ସଂଖ୍ୟା ଥିଲା ୧୯। ୧୯୯୩ରେ ଏହି ସଂଖ୍ୟା ବୃଦ୍ଧି ପାଇଲା ୪୯କୁ। ୧୯୯୩ରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ ସରକାର ଗଢିଲା। ଶେଷ ଥର ୧୯୯୩ରେ ବିଜେପି ଦିଲ୍ଲୀରେ ସରକାର କରିଥିଲା। ପରବର୍ତ୍ତୀ ୧୯୯୮ ନିର୍ବାଚନରେ ବିଜେପି ସିଟ ସଂଖ୍ୟା ହ୍ରାସ ପାଇ ୧୫ରେ ସୀମିତ ହୋଇଗଲା। ୨୦୦୩ରେ ୨୦, ୨୦୦୮ରେ ୨୩, ୨୦୧୩ରେ ୩୧, ୨୦୧୫ରେ ୩, ୨୦୨୦ରେ ୮ ଗୋଟି ଆସନରେ ବିଜେପି ବିଜୟୀ ହୋଇଥିଲା। କହିବା ପାଇଁ ଗଲେ ଦିଲ୍ଲୀ ରାଜନୀତିରୁ ବିଜେପିର ଏକ ପ୍ରକାର ବନବାସ ହୋଇଗଲା। କେଜ୍ରିୱାଲଙ୍କ ପରି ଜଣେ ଉଦୀୟମାନ ଶିକ୍ଷିତ ବ୍ୟକ୍ତିଙ୍କ ରାଜନୈତିକ ପ୍ରବେଶ ପରେ ଦିଲ୍ଲୀରେ ବିଜେପି ଏକବାର ସଫା ହୋଇଗଲା। ତେବେ ଏହା ପଛର କାରଣ ମଧ୍ୟ ସ୍ପଷ୍ଟ। କେଜ୍ରିୱାଲ ଆଖିବୁଜା ମାଗଣା ଯୋଜନା ଦେଇ ଭୋଟରଙ୍କୁ ବାନ୍ଧି ରଖିବାରେ ସଫଳ ହେଲେ। ଅନ୍ୟପକ୍ଷରେ ଦିଲ୍ଲୀରେ ବିଜେପିର ନେତୃତ୍ୱ ଶଙ୍କଟ ଦଳ ପାଇଁ ଘାତକ ସାବ୍ୟସ୍ତ ହେଲା। ମଦନ ଲାଲ ଖୁରାନା, ସାହିବ ସିଂହ ବର୍ମା, ସୁଷମା ସ୍ୱରାଜଙ୍କ ପରେ ଦିଲ୍ଲୀ ବିଜେପିର କୌଣସି ପ୍ରଭାବଶାଳି ଜାତୀୟ ଚେହେରା ଦେଖିବାକୁ ମିଳିଲା ନାହିଁ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚେହେରାରେ ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନ ମଧ୍ୟ ଲଢୁଛି। ମୋଦୀଙ୍କ ନାମରେ ଲଢି ଥିବାରୁ ବିଜେପିକୁ ଲୋକସଭା ନିର୍ବାଚନର ଫଳାଫଳ ସଫଳତା ଆଣି ଦେଇଥିଲା। ୨୦୨୪ ଲୋକସଭା ନିର୍ବାଚନରେ ଦିଲ୍ଲୀରେ ବିଜେପି ଭୋଟ ହାର ଥିଲା ୫୪ ପ୍ରତିଶତ। ଲାଗାତାର ତୃତୀୟ ଥର ବିଜେପି ଦିଲ୍ଲୀର ୭ଗୋଟି ଲୋକସଭା ଆସନ ଅକ୍ତିଆର କରିଥିଲା। କିନ୍ତୁ ବିଜେପିର ପ୍ରଦର୍ଶନ ବିଧାନସଭାରେ ନିରାଶାଜନକ ରହି ଆସିଛି। ଚଳିତ ନିର୍ବାଚନରେ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚେହେରାରେ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ମୋଦୀଙ୍କ ପ୍ରଚାର ଶୈଳୀ ଓ ପ୍ରତିପକ୍ଷଙ୍କ ଉପରେ ଆକ୍ରମଣ ଅନ୍ଦାଜ ଦେଖିଲେ ଲାଗୁଛି ଚଳିତ ନିର୍ବାଚନ ପାଇଁ ଦଳର କିଛି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ନିର୍ବାଚନୀ ପ୍ରକ୍ରୀୟା ଆରମ୍ଭ ହେବା ପରେ ଜାନୁଆରୀ ୩ ତାରିଖରେ ଦିଲ୍ଲୀର ଅଶୋକ ବିହାରଠାରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଏକ ସାଧାରଣ ସଭାକୁ ସଂବୋଧନ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାୟ ୪୫ମିନିଟ ଭାଷଣ ଦେଇଥିଲେ। ଏହି ୪୫ ମିନିଟରେ ହିଁ ସ୍ପଷ୍ଟ ହୋଇ ଯାଇଥିଲା ଯେ, ଏଥର ବିଜେପି ଆପ୍ ଉପରେ ଭାରି ପଡିବ। ମୋଦୀଙ୍କ ଭାଷଣରେ ପ୍ରଥମ ଥର ପାଇଁ 'ଆପଦା' ବୋଲି ଏକ ନୂଆ ଶବ୍ଦ ଶୁଣିବା ପାଇଁ ମିଳିଲା। ଆପ୍‌କୁ କଟାକ୍ଷ କରି ମୋଦୀ 'ଆପଦା' ଶବ୍ଦ ବ୍ୟବହାର କରିବା ସହ କ୍ରେଜିୱାଲ ଓ ତାଙ୍କ ପାର୍ଟିକୁ ପ୍ରତ୍ୟାଖାନ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ପରେ ପରେ ମୋଦୀ ଦିଲ୍ଲୀରେ ଅନେକ ନିର୍ବାଚନୀ ସଭାରେ ଲୋକମାନଙ୍କୁ ସମ୍ବୋଧନ କରିଛନ୍ତି। ପ୍ରତିଥର କେଜ୍ରିୱାଲଙ୍କ ଉପରେ ସେ ବର୍ଷିଛନ୍ତି। ପୂର୍ବ ନିର୍ବାଚନ ପରି ଚଳିତ ନିର୍ବାଚନ କେଜ୍ରିୱାଲଙ୍କ ପାଇଁ ସହଜ ହେଉ ନାହିଁ। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବିଜେପି କେଜ୍ରିୱାଲଙ୍କ ବିରୁଦ୍ଧରେ ଅସ୍ତ୍ର କରିଛି। କେବଳ ସେତିକି ନୁହେଁ ବିଜେପି ହାତରେ ଏବେ ଅନେକ ପ୍ରସଙ୍ଗ ରହିଛି ଯାହାକି କେଜ୍ରିୱାଲଙ୍କ ପାଇଁ ଅଡୁଆ ସୃଷ୍ଟି କରୁଛି। ମଦ ନୀତି ଦୁର୍ନୀତି ଏବଂ ଏହାକୁ ନେଇ କେଜ୍ରିୱାଲଙ୍କ ଜେଲ ଯିବା ପ୍ରସଙ୍ଗକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ସେହିପରି ମୋହଲା କ୍ଲିନିକ୍ ଦୁର୍ନୀତି, କେଜ୍ରିୱାଲଙ୍କ ସିସ୍ ମହଲକୁ ନେଇ ବିଜେପି କେଜ୍ରିୱାଲଙ୍କୁ ଘେରୁଛି। ତେବେ ନିର୍ବାଚନରେ ସବୁଠାରୁ ବଡ ପ୍ରସଙ୍ଗ ହୋଇଛି ଯମୁନା ନଦୀ। ପ୍ରତି ନିର୍ବାଚନରେ ଯମୁନା ପାଣିକୁ ପରିଷ୍କାର କରିବା ପାଇଁ ପ୍ରତିଶ୍ରୁତି ଦେଇ ନିର୍ବାଚନ ପରେ ତାହା ପାଳନ ନକରିବା ଆମ ଆଦମି ପାର୍ଟି ପାଇଁ ଏକ ବଡ ସମସ୍ୟା ସୃଷ୍ଟି କରିଛି। ଚଳିତ ନିର୍ବାଚନରେ ମଧ୍ୟ ପୁଣି ଥରେ କେଜ୍ରିୱାଲ ଯମୁନା ପାଣିକୁ ପରିଷ୍କାର କରିଦେବା କଥା କହି ଭୋଟରଙ୍କୁ ଭୋଟ ମାଗୁଛନ୍ତି। କଥା ଦେଇ କଥା ନରଖିବା କେଜ୍ରିୱାଲଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ନିକଟରେ ପଞ୍ଜାବର ସ୍କୁଲ ଶିକ୍ଷକମାନେ କେଜ୍ରିୱାଲଙ୍କ ସରକାରୀ ବାସଭବନ ଆଗରେ ଧାରଣା ଦେଇଥିଲେ। ପଞ୍ଜାବର ଆପ୍ ସରକାର ନିଯୁକ୍ତିକୁ ନେଇ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନଥିବା ଅଭିଯୋଗ କରିଛନ୍ତି ଶିକ୍ଷକମାନେ। ସେହିପରି ଦିଲ୍ଲୀର ମୌଲବୀମାନେ ମଧ୍ୟ କେଜ୍ରିୱାଲଙ୍କ ଘର ଆଗରେ ପହଁଚି ଯାଇଛନ୍ତି। ସେମାନଙ୍କୁ ଦୀର୍ଘମାସ ଧରି ଦିଲ୍ଲୀ ସରକାର ଭତା ଦେଉ ନଥିବା ଅଭିଯୋଗ ହୋଇଛି। ପରକୁ ପର ଘଟି ଚାଲିଥବା ଏହି ସମସ୍ତ ଘଟଣା ସତେ ମେଯିତି ନିଆଁରେ ଘିଅ ଢାଳିବା ସଦୃଶ। ଏ ସବୁ ବ୍ୟତୀତ ଆଉ ଦୁଇଟି ବଡ ଘଟଣା ଯାହାକି କେଜ୍ରିୱାଲଙ୍କ ସାମନାରେ ପାହାଡ ପରି ଛିଡା ହୋଇଛି। କେଜ୍ରିୱାଲଙ୍କ ଦିଲ୍ଲୀ ମିତ୍ର କଙ୍ଗ୍ରେସ ଏଥର ତାଙ୍କ ହାତ ଛାଡି ଦେଇଛି। ବିଜେପି କେଜ୍ରିୱାଲଙ୍କୁ ଯେମିତି ଆକ୍ରମଣ କରୁଛି କଂଗ୍ରେସ ମଧ୍ୟ ସମାନ ଢଙ୍ଗରେ ଆପକ୍‌କୁ ଘେରୁଛି। ଯେଉଁ କଂଗ୍ରେସ ପାର୍ଟି କେଜ୍ରିୱାଲଙ୍କ ଜେଲ ଯିବା ଘଟଣାକୁ ଅଗଣତାନ୍ତ୍ରିକ କହି ଦିଲ୍ଲୀରେ ସଭା ଆୟୋଜନ କରିଥିଲା ସେହି କଙ୍ଗ୍ରେସ ଆଜି କେଜ୍ରିୱାଲଙ୍କୁ ଭ୍ରଷ୍ଟାଚାରୀ କହୁଛି। ପରମ ମିତ୍ର ଯେବେ ଶତ୍ରୁ ପାଲଟିଯାଏ ସେ କେତେ ଭୟଙ୍କର ସାବ୍ୟସ୍ତ ହୁଏ ତାହା ଏବେ ଆପ୍ ନେତା ଅନୁଭବ କରୁଛନ୍ତି। ସବୁଠାରୁ ବଡ କଥା ହେଲା ଚଳିତ ନିର୍ବାଚନରେ କେଜ୍ରିୱାଲଙ୍କ ବିରୁଦ୍ଧରେ ଆଟିଂ ଇନକମ୍ବେସି ଲହର ଆରମ୍ଭ ହୋଇଛି। ଲୋକେ ଯଦି ପରିବର୍ତନ ପାଇଁ ମନବଳାଇଥିବେ ତେବେ ଫଳାଫଳ ଭିନ୍ନ ପ୍ରକାର ହେବ। ଦିଲ୍ଲୀର ଏକ ସିଂହଭାଗ ଭୋଟରଙ୍କୁ ଟାର୍ଗେଟ କରିଛି ବିଜେପି। ସେମାନେ ହେଲେ ବସ୍ତି ବାସିନ୍ଦା। ଦିଲ୍ଲୀର ୭୦ ଗୋଟି ବିଧାନସଭା ଆସନରୁ ପ୍ରାୟ ୫୦ରେ କଚ୍ଚା ଝୋପଡି ରହିଛି। ଏଥିରେ ଦିଲ୍ଲୀର ଏକ ବଡ ଅଂଶ ଭୋଟର ବସବାସ କରୁଛନ୍ତି। ସେହିପରି ୨୫ ଗୋଟି ଆସନର ପ୍ରାର୍ଥୀଙ୍କ ହାର ଜିତ୍ ବସ୍ତି ବାସିନ୍ଦା ସ୍ଥିର କରନ୍ତି। ଦିଲ୍ଲୀରେ ଥିବା ୧୮୦୦ ଅବୈଧ ବସ୍ତି ଓ ପକ୍କାଘର ଥିବା କଲୋନୀରେ ପ୍ରାୟ ୨୦ଲକ୍ଷରୁ ଅଧିକ ଭୋଟର ରହୁଛନ୍ତି। ଏହିଭଳି ବସ୍ତି ବାସିନ୍ଦାଙ୍କ ପାଇଁ ମୋଦୀ ପକ୍କାଘର ଯୋଜନା ଆରମ୍ଭ କରିଛନ୍ତି। ଏମିତିକି ପ୍ରଥମ ପର୍ଯ୍ୟାୟରେ କିଛି ବସ୍ତିବାସିନ୍ଦାଙ୍କୁ ପକ୍କାଘରେ ଥଇଥାନ ମଧ୍ୟ କରାଯାଇଛି। ଏହାର ପ୍ରଭାବ ଅନ୍ୟ ବସ୍ତି ଉପରେ ପଡିବାର ଆଶା କରୁଛି ବିଜେପି। ବିଜେପି ଚଳିତ ନିର୍ବାଚନରେ ତାର ଦମଦାର ନେତାଙ୍କୁ ଦିଲ୍ଲୀ ମଇଦନାକୁ ଓହ୍ଲାଇଛି। ସେଥିରେ ଯୋଗୀ ଆଦିତ୍ୟ ନାଥ, ହିମନ୍ତ ବିଶ୍ୱ ଶର୍ମା, ଅମିତ ଶାହା, ସାଏବ ସିଂ ସୈନି, ପୁଷ୍କର ସିଂ ଧାମିଙ୍କ ପରି ଫାୟାର ବ୍ରାଣ୍ଡ ନେତା ଅଛନ୍ତି। ଏମାନେ ବିଭିନ୍ନ ସ୍ଥାନରେ ସାଧାରଣ ସଭା କରି ନିର୍ବାଚନୀ ପରିବେଶକୁ ଉଷ୍ମ କରିଦେଇଛନ୍ତି। ବିଜେପିର ଏହି ରଣନୀତି ଦେଖି ନିର୍ବାଚନୀ ମଇଦାନରେ ଫୁଙ୍କି ଫୁଙ୍କି ପାଦ ପକାଉଛନ୍ତି କେଜ୍ରିୱାଲ ଓ ତାଙ୍କ ଦଳ। ତେବେ ଫେବୃଆରୀ ୮ ତାରିଖ ଦିନ ଜଣା ପଡିବ ଏଥର ଦିଲ୍ଲୀ କାହାର।

**କେନ୍ଦ୍ରାପଡା**

# ହୋମ୍ ଲୋନ୍ ପାଇଁ ଚାର୍ଜ



**ଡକ୍ଟର ତପନ କୁମାର ପାଳ**

ଆମେ ଘରଟିଏ କରିବାର ସ୍ୱପ୍ନ ପୂରଣ ପାଇଁ ଟଙ୍କା ସଞ୍ଚୟ କରୁ। ଅନେକ ଲୋକଙ୍କର ଜୀବନରେ ବଡ଼ ପ୍ରାପ୍ତି ଓ ଆନନ୍ଦ ଥାଏ ଏକ ସ୍ୱପ୍ନର ଘର ତିଆରି କରିବା ପାଇଁ। ହେଲେ ଅନେକ ସମୟରେ ଟଙ୍କା ଅଭାବ ଯୋଗୁଁ ଗୃହଋଣ କରିବାକୁ ପଡ଼େ, ଯଦି ଆପଣ ଗୃହଋଣ ନେବା ବିଷୟରେ ଭାବୁଛନ୍ତି, ତେବେ ନିୟମ ଓ ସର୍ତ୍ତାବଳୀ ବ୍ୟତୀତ, ଋଣ ନେବା ସମୟରେ ଆପଣଙ୍କୁ କେଉଁ ଅତିରିକ୍ତ ଚାର୍ଜ ଗୁଡ଼ିକ ଦେବାକୁ ପଡ଼ିବ ଜାଣିବା ଆବଶ୍ୟକ।

ସର୍ବପ୍ରଥମେ ଜାଣନ୍ତୁ ଏ ନେଇ ଆପ୍ଲିକେସନ ଚାର୍ଜ ବ୍ୟବସ୍ଥାଟି କ'ଣ ? ଜଣେ ଋଣ ଆବେଦନ କରିବାବେଳେ ଆପଣଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ। ଋଣ ନ ମିଳିଲେ ବି ଏହି ଶୁଳ୍କ ଫେରସ୍ତଯୋଗ୍ୟ ନୁହେଁ। ତେଣୁ ଆବେଦନ ପୂର୍ବରୁ ଆପଣ କେଉଁ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାରୁ ଋଣ ନେବାକୁ ଚାହୁଁଛନ୍ତି, ତାହା ପ୍ରଥମେ ନିଶ୍ଚିନ୍ତ କରିବା ଉଚିତ। ସେହିପରି ବନ୍ଧକ ଚୁକ୍ତିନାମା ଶୁଳ୍କ ସମ୍ପର୍କରେ ଜାଣନ୍ତୁ। ଗୃହଋଣ ବାଛିବା ବେଳେ ମର୍ଟଗେଜ ଡିଡ ଚାର୍ଜ ବା ବନ୍ଧକ ଚୁକ୍ତିନାମା ଶୁଳ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ଗୃହଋଣର ପ୍ରତିଶତ ଆଧାରରେ ନିଆଯାଏ। ଅନେକ ବ୍ୟାଙ୍କ ଓ ଏନବିଏଫସି ଏହି ଶୁଳ୍କ ଛାଡ଼ କରନ୍ତି।

ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଉଛି ଲିଗାଲ ଫିସ ବ୍ୟବସ୍ଥା। ଆବେଦନ ପରେ ବ୍ୟାଙ୍କ କିମ୍ବା ସଂସ୍ଥା ଜଣେ ଓକିଲଙ୍କୁ ନିଯୁକ୍ତି କରନ୍ତି। ଓକିଲ ଋଣଗ୍ରହୀତାଙ୍କ ସମ୍ପତ୍ତି ଓ ଆଇନଗତ ସ୍ଥିତିର ଯାଞ୍ଚ କରନ୍ତି। ଏଥିପାଇଁ ଓକିଲଙ୍କ ଫିସ ଗ୍ରାହକ ନିଜେ ପ୍ରଦାନ କରନ୍ତି। ଯଦି ଆପଣ ଆଇନଗତ ଫି ସଞ୍ଚୟ କରିବାକୁ ଚାହାନ୍ତି, ତେବେ ଆପଣ ପୂର୍ବରୁ ଜାଣିବା ଉଚିତ ଯେ ଆପଣ ଯେଉଁ ପ୍ରକଳ୍ପରେ ନିବେଶ କରୁଛନ୍ତି ତାହା କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାଠୁ ଅନୁମୋଦନ ପାଇଛି



କି ନାହିଁ। ଅନେକ ହୁଏତ ଜାଣି ନଥିବେ ତେବେ ଏହି ହୋମଲୋନ ବ୍ୟବସ୍ଥାରେ ପ୍ରିପେମେଣ୍ଟ ଚାର୍ଜ ବ୍ୟବସ୍ଥା ବି ରହିଛି। କେବେକେବେ ଆମେ ଧାର୍ଯ୍ୟ ସମୟ ପୂର୍ବରୁ ଋଣ ପରିଶୋଧ କରିବା ପାଇଁ, ଋଣର ଏକ ଅଂଶ ପୈଠ କରିଥାଉ। ଏହାକୁ ପ୍ରିପେମେଣ୍ଟ କୁହାଯାଏ। ଏହି ପରିସ୍ଥିତିରେ ବ୍ୟାଙ୍କ ଏହାର ଖର୍ଚ୍ଚ ଓ ସୁଧ ହାର କ୍ଷତି ଭରଣା କରିବା ପାଇଁ ପ୍ରିପେମେଣ୍ଟ ଚାର୍ଜ କିମ୍ବା ଜରିମାନା ଆଦାୟ କରେ। ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନରେ ଏହି ଦେୟ ଭିନ୍ନ। ବ୍ୟାଙ୍କିଙ୍ଗ କ୍ଷେତ୍ରରେ କମିଟମେଣ୍ଟ ଫିସ ବ୍ୟବସ୍ଥା ରହିଛି। ଅନେକ ବ୍ୟାଙ୍କ ଗ୍ରାହକଙ୍କ ଠାରୁ କମିଟଣ୍ଟେ ଫିସ ଆଦାୟ କରନ୍ତି। ଗ୍ରାହକ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ ନକଲେ ଏହି ଶୁଳ୍କ ଆଦାୟ କରାଯାଏ।

ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ଯାହାକି ଋଣ ନେଉଥିବା ଲୋକମାନଙ୍କର ଅତ୍ୟନ୍ତ ଜରୁରୀ କଥା ତାହା ହେଉଛି ଆବେଦନ ପୂର୍ବରୁ ବିଭିନ୍ନ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନର ସୁଧହାର ଓ ଆର୍ଥିକ ସୁବିଧାଗୁଡ଼ିକୁ ତୁଳନା କରନ୍ତୁ। ବଜେଟ ଅନୁସାରେ ଋଣ ନିଅନ୍ତୁ। ଅଧିକ ଋଣ ନେଲେ ପରିଶୋଧରେ ଅସୁବିଧା ହୋଇପାରେ। ଆର୍ଥିକ ସମସ୍ୟା ଏଡ଼ାଇବା ପାଇଁ ଆବେଦନ ପୂର୍ବରୁ ସୁଧହାର ଓ ସଞ୍ଚୟ ଆଦି ହିସାବ କରନ୍ତୁ। ଋଣ ଚୁକ୍ତିନାମା ସ୍ୱାକ୍ଷର କରିବା ପୂର୍ବରୁ ଋଣର ନିୟମ ଓ ସର୍ତ୍ତାବଳୀକୁ ଭଲଭାବେ ପଢ଼ନ୍ତୁ ଓ ବୁଝନ୍ତୁ। ବ୍ୟାଙ୍କରୁ ଲୋନ ନେଲାବେଳେ ଉପରୋକ୍ତ ଦିଗ ଗୁଡ଼ିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ ଓ ଭଲ ଭାବେ ବୁଝନ୍ତୁ ଏବଂ ଏହାପରେ ଲୋନ ନେବା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତୁ। କୌଣସି ସୋସିଆଲ ମିଡ଼ିଆର ତଥ୍ୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନ ବୁଝି ନିଷ୍ପତ୍ତି ନିଅନ୍ତୁ ନାହିଁ। କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାରେ ପକାଇପାରେ। ଅନେକ ଲୋକ ବିଭ୍ରାନ୍ତର ଶିକାର ହୋଇ ପରବର୍ତ୍ତୀ ସମୟରେ ଅନେକ ଅସୁବିଧା ଓ ସମସ୍ୟାକୁ ସାମ୍ନା କରିଥାନ୍ତି। ତେଣୁ ହୋମଲୋନ ସମ୍ପର୍କରେ ଆପଣଙ୍କ ନିକଟସ୍ଥ ବ୍ୟାଙ୍କ ସହ ଭଲ ଭାବେ ବୁଝି ଏ କ୍ଷେତ୍ରରେ ନିଷ୍ପତ୍ତି ନେବା ଜରୁରୀ।


**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ**
**ଦେଉଳ ସାହି, ତୁଳସୀପୁର, କଟକ**


# ଜାତିର ଜୀବନବେଦ ଭାଗବତର ସ୍ରଷ୍ଟାଃ ଅତିବଡ଼ୀ ଜଗନ୍ନାଥ ଦାସ



**ପୁଷ୍ପମିତ୍ର ମହାପାତ୍ର**

ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର କବି ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଓ ଆଧାତ୍ମିକ ପୁରୁଷ। ସେ ଓଡ଼ିଆ ଜାତିର ଜୀବନବେଦ ଭାଗବତର ସ୍ରଷ୍ଟା। ତାଙ୍କ ଭାଗବତ, ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ। ଡ.ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତ, ମୂଳ ଭାଗବତ ଠାରୁ ଭିନ୍ନ। ସେ ସମକାଳୀନ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାଗବତ ରଚନା କରିଥିଲେ। ମୂଳଭାଗବତରେ ଯେଉଁଠି ସାମାଜିକ ମୂଲ୍ୟବୋଧ ନ ଥିବା ଅନୁଭବ କରିଥିଲେ, ସେହି ଅଂଶ ଯେ ପରିହାର କରିଥିଲେ। ସମାଜର ଉପକାର ପାଇଁ ସେ ଭାଗବତ ରଚନା କରିଥିଲେ। ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ସେ ଲେଖିଥିଲେ। ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ ଯଥାକ୍ରମେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ। ଏହି ଭାଗବତର ଅଧ୍ୟାୟ ତିନିଶହ ବୟାଳିଶ। କଥିତ ଅଛି ଜଗନ୍ନାଥ ଦାସଙ୍କ ମାତା ପୁରାଣ ଶୁଣିବା ପାଇଁ ଥରେ ମନ୍ଦିରକୁ ଯାଇଥିଲେ। ମାତ୍ର ଦକ୍ଷିଣା ଦେବାକୁ ସକ୍ଷମ ନଥିବାରୁ ପୁରାଣ ପଣ୍ଡା ଶୁଣାଇବାକୁ ମନା କରିଦେଇଥିଲେ। ମନ ଦୁଃଖରେ ଘରକୁ ଫେରି ପୁତ୍ରଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଉପଦେଶ ଦେଇଥିଲେ। ପୁଣି, ଏଥି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କୁ ନିର୍ଦ୍ଦେଶ ଦେଇଥିବା ରାମଦାସଙ୍କ ଦାଢର୍‌ୟତାଭକ୍ତି ରସାମୃତରେ ଉଲ୍ଲେଖିତ। ପ୍ରଭୁ ସ୍ୱପ୍ନରେ କହିଥିଲେ - ଭୟ ନକର ତୁମ୍ଭେ କିଛି, ଗୀତ ତୁ କର ମୁହିଁ ଅଛି। ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁରରେ ଜନ୍ମ ହୋଇଥିଲେ। କମ୍ ବୟସରେ ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ। ଉଣେଇଶ ବର୍ଷ ବୟସରେ ଶ୍ରୀକ୍ଷେତ୍ର ଆସି, ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଜିତ କରିଥିଲେ। ଶ୍ରୀ ଚୈତନ୍ୟ, ତାଙ୍କୁ ନିତ୍ୟ ସହଚର ଭାବେ ଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ହିଁ ତାଙ୍କୁ ଅତିବଡ଼ୀ ଉପାଧି ଦେଇଥିଲେ। ଜଗନ୍ନାଥ ଦାସଙ୍କ ଅନ୍ୟ ପ୍ରସିଦ୍ଧ ରଚନା ମଧ୍ୟରେ ଗୁପ୍ତ ଭାଗବତ, ଅର୍ଥକୋଇଲି, ଶୂନ୍ୟ ଭାଗବତ, ତୁଳାଭିଣା, ବ୍ରହ୍ମଗୀତା, ଭାଗବତ ସାର, ଦାରୁବ୍ରହ୍ମ ଗୀତା ଆଦି ପ୍ରଧାନ। ଫେବୃଆରୀ ୩ ତାରିଖ କିନ୍ତୁ ତିଥି ଓ ନକ୍ଷତ୍ର ଅନୁଯାୟୀ ମାଘ ସପ୍ତମୀ ଦିନ ଏହି କିମ୍ବଦନ୍ତୀ ଆଧାତ୍ମିକ ସାହିତ୍ୟ ସ୍ରଷ୍ଟାଙ୍କ ମହାପ୍ରୟାଣ ଘଟିଥିଲା।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**
**ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୬୮୯**


# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର



**ବାଦଲ ଭୂୟାଁ**

ଓଡ଼ିଆ ସାହିତ୍ୟର ରୀତି ଯୁଗୀୟ କବିମାନଙ୍କ ମଧ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର ଅନ୍ୟତମ। ତାଙ୍କ ପିତା ଥିଲେ ବାଲିଆର ଜମିଦାର। ତେଣୁ ସ୍ୱାଭାବିକ ଭାବେ ଅଭିମନ୍ୟୁଙ୍କ ବାଲ୍ୟ କାଳରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ସେ କାଳର ପ୍ରଥା ଅନୁଯାୟୀ ଅଭିମନ୍ୟୁ ସଂସ୍କୃତରେ ଅଳଙ୍କାର ବ୍ୟାକରଣ, ଅମରକୋଷ, ମେଦିନୀକୋଷ, ଗଣିତ, ଜ୍ୟୋତିଃଶାସ୍ତ୍ର, ବେଦ, ଉପନିଷଦ, ବ୍ରାହ୍ମଣ ସଂହିତା ଆଦି ଅଧ୍ୟୟନ କରିଥିଲେ। କୈଶୋରରେ ତାଙ୍କ ଗୁରୁ ଥିଲେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା। ସେ ଥିଲେ ବୈଷ୍ଣବ। ତେଣୁ ଅଭିମନ୍ୟୁଙ୍କୁ ଏହି ଧର୍ମରେ ଦୀକ୍ଷିତ କରାଇଥିଲେ। ଜମିଦାର ପୁତ୍ର ହୋଇଥିବାରୁ ବିଭିନ୍ନ ଶସ୍ତ୍ର ଚାଳନା, ଅଶ୍ୱାରୋହଣ ଆଦିରେ ସେ ତାଲିମ ପାଇଥିଲେ। ନିୟମିତ ଶିକାରକୁ ଯାଉଥିଲେ। ଥରେ ତାଙ୍କ ହାତରେ ଏକ ଚକ୍ରବାକର ପ୍ରାଣ ଯାଇଥିଲା। ଆଉ ଚକ୍ରବାକୀର କ୍ରନ୍ଦନ, ତାଙ୍କ ହୃଦୟକୁ ବିଗଳିତ କରିଥିଲା। ସେହି ଦିନ ଠାରୁ ସେ ଶିକାର ପରିହାର କରିଥିଲେ। ପୁଣି, ସେ ଥିଲେ ରସିକ ଚିତ୍ରକର। ଚଉଦ ବର୍ଷ ବୟସରେ ବିମଳା ଦେବୀଙ୍କ ସହ ତାଙ୍କର ବିବାହ ହୋଇଥିଲା। ବିମଳା ଦେବୀ ହିଁ ଥିଲେ କବିଙ୍କର ମୁଖ୍ୟ ପ୍ରେରଣାଦାୟିନୀ। ଜମିଦାରୀର ସମସ୍ତ କାର୍ଯ୍ୟ ତଦାରଖ କରୁଥିଲେ କବି-ପତ୍ନୀ ଏବଂ କବି କାବ୍ୟ-ଚର୍ଚ୍ଚାକୁ ପ୍ରାଧାନ୍ୟ ଦେଇଥିଲେ। କୈଶୋରରେ ଅଭିମନ୍ୟୁଙ୍କର କବି ପ୍ରତିଭାର ପରିଚୟ ମିଳିଥିଲା। ବାଘଗୀତ, ଚଢ଼େଇଗୀତ, ଆଦି ତାଙ୍କର କୈଶୋରର ସୃଷ୍ଟି। ଚଢ଼େଇଗୀତରେ ଚଢ଼େଇଙ୍କ ବର୍ଣ୍ଣନା ଅତୀବ ମନୋରମ। ଚକା ଚକୀ ପକ୍ଷୀ କାଇଆ ଜାତି, ବଳିତା ବେଲଣା କାଠ ଅକୃତି, ମୟୂର କଣ୍ଠିଆ ବଣି ମୁଣ୍ଡିଆ, ବୟସ ସହ ତାଙ୍କର ପାଣ୍ଡିତ୍ୟର ପୂର୍ଣ୍ଣ ପ୍ରକାଶ ଘଟିଥିଲା। ଯୌବନରେ ସେ ରଚନା କରିଥିଲେ ନିଜର ପ୍ରଥମ କାବ୍ୟ ରସକଳା। ତାହା ପରେ ରସବତୀ, ସୁଲକ୍ଷଣା, ପ୍ରେମ ଚିନ୍ତାମଣି, ବିଦ୍‌ଗଧ ଚିନ୍ତାମଣି ଆଦି। ତିନି ଫେବୃଆରୀ ଏହି ରୀତିଯୁଗୀୟ କବିଙ୍କ ଜନ୍ମ ଗ୍ରହଣ ହୋଇଥିଲା।


**୪ଜି, ପ୍ରତାପ ଆପାର୍ଟମେଣ୍ଟ**
**୭-ଏକ୍ସଟେନସନ ରୋଡ଼**
**ପୁରୁଣା ସୋନାରୀ, ଜାମସେଦପୁର**
**ମୋବାଇଲ୍: ୯୨୦୪୬୫୨୦୬୫**

# ଆଜି ଆଗତ ହେବ ୱାକଫ ବିଲ୍ ସଂକ୍ରାନ୍ତ ଜେପିସି ରିପୋର୍ଟ

**ନୂଆଦିଲ୍ଲୀ,୨।୨:** ୱାକଫ୍ (ସଂଶୋଧନ)ବିଲ୍‌ର ସମୀକ୍ଷା ପାଇଁ ଗଠିତ ସଂସଦର ମିଳିତ କମିଟି(ଜେପିସି)ର ରିପୋର୍ଟ ସୋମବାର ଲୋକସଭାରେ ଆଗତ କରାଯିବ। ସେଭଳି ପ୍ୟାନେଲରେ ଥିବା ବିରୋଧି ସାଂସଦଙ୍କ କହିବା ଅନୁସାରେ, ତାଙ୍କ ଅସହମତି ନୋଟ୍‌କୁ ବିନା କୌଣସି ସୂଚନାରେ ହଟାଇ ଦିଆଯାଇଛି। ଲୋକସଭା ସଚିବାଳୟ ଦ୍ୱାରା ଜାରି ବୁଲେଟିନ୍‌ରେ କୁହାଯାଇଛି କମିଟି ଅଧ୍ୟକ୍ଷ ଜଗଦାମ୍ବିକା ପାଲ୍ ଓ ସଦସ୍ୟ ସଞ୍ଜୟ ଜାସଓ୍ୱାଲ ସୋମବାର ଲୋକସଭାରେ ରିପୋର୍ଟ ଆଗତ କରିବେ। କମିଟି ଗୁରୁବାର ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ରିପୋର୍ଟ ଦେଇଥିଲେ। କମିଟି ବୁଧବାର ବହୁମତରେ ରିପୋର୍ଟ ସ୍ୱୀକାର କରିଛନ୍ତି। ଯେଉଁଥିରେ ଶାସକ ବିଜେପିର ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ସଂଶୋଧନରେ ସାମିଲ କରାଯାଇଥିଲା। ଏହାପରେ ବିରୋଧି ଦଳ ଏହି ପକ୍ରିୟାଙ୍କୁ ୱାକଫ୍ ବୋର୍ଡକୁ ନଷ୍ଟ କରିବାର ଚେଷ୍ଟା ବୋଲି କହିଛନ୍ତି। ୱାକଫ୍(ସଂଶୋଧନ) ବିଲ୍ ଉପରେ ସଂସଦର ମିଳିତ କମିଟି ଡ୍ରାଫ୍ଟ ଆଇନ ଉପରେ ରିପୋର୍ଟକୁ ୧୫-୧୧ ବହୁମତରେ ଗ୍ରହଣ କରିଛି। ବିରୋଧି ସଦସ୍ୟ ରିପୋର୍ଟ ଉପରେ ଅସହମତି ପ୍ରକାଶ କରିଛନ୍ତି। ବିଜେପି ସଦସ୍ୟ ଜୋର ଦେଇ କହିଛନ୍ତି, ଗତ ବର୍ଷ ଅଗଷ୍ଟରେ ଲୋକସଭାରେ ଆଗତ କରାଯାଇଥିବା ଏହି ବିଲ୍ ୱାକଫ୍ ସମ୍ପତ୍ତିର ମ୍ୟାନେଜମେଣ୍ଟରେ ଆଧୁନିକତା, ପାରଦର୍ଶିତା ଓ ଜବାବଦେହୀ ଆଣିବାର ବ୍ୟବସ୍ଥା କରିଥାଏ। ଅନ୍ୟପକ୍ଷେ ବିରୋଧି ଏହାକୁ ମୁସଲିମ୍ ସମ୍ପ୍ରଦାୟର ସମ୍ବିଧାନିକ ଅଧିକାର ଉପରେ ଆକ୍ରମଣ ଓ ୱାକଫ୍ ବୋର୍ଡରେ କାମରେ ହସ୍ତକ୍ଷେପ ବୋଲି ଘୋଷଣା କରିଛି।



# ବିଜେପି କର୍ମୀଙ୍କ ବିରୋଧରେ ଗୁଣ୍ଡାଗିରି ଅଭିଯୋଗ ଆଣିଲେ କେଜ୍ରିୱାଲ



**ନୂଆଦିଲ୍ଲୀ, ୨।୨:** ଦିଲ୍ଲୀରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ସମସ୍ତ ଦଳର ପ୍ରଚାର ଜୋରସୋରରେ ଚାଲିଛି। ଏହି ସମୟରେ, ଆମ ଆଦମୀ ପାର୍ଟି (ଆପ) ବିଜେପି ବିରୁଦ୍ଧରେ ଏକ ବଡ଼ ଅଭିଯୋଗ ଆଣିଛି ଏବଂ କହିଛି ଯେ ପ୍ରଚାର ସମୟରେ ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରରେ ସେମାନଙ୍କର ପ୍ରଚାର ଗାଡ଼ି ଭଙ୍ଗାଯାଇଥିଲା। ଆପର ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ସୋସିଆଲ ମିଡିଆରେ ଲେଖିଛନ୍ତି, "ଅମିତ ଶାହଙ୍କ ଗୁଣ୍ଡାମାନେ ଆମ କର୍ମୀମାନଙ୍କୁ ମଧ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି।" ସେ ସେହି ପୋଷ୍ଟକୁ ମଧ ଟ୍ୟାଗ୍ କରିଛନ୍ତି ଯେଉଁଥିରେ ଆପ ଲେଖିଥିଲା, "ପ୍ରଚାର ବନ୍ଦ କରିବା ପାଇଁ ବିଜେପି ଗୁଣ୍ଡାମାନେ ସମଗ୍ର ଦିଲ୍ଲୀରେ ହିଂସା କରୁଛନ୍ତି।" "ବିଜେପି ଗୁଣ୍ଡାମାନେ ସମଗ୍ର ଦିଲ୍ଲୀରେ ଆତଙ୍କ ସୃଷ୍ଟି କରୁଛନ୍ତି, ଆପ କର୍ମୀଙ୍କ ପ୍ରଚାର ସାମଗ୍ରୀ ଛଡ଼ାଇ ନେଉଛନ୍ତି, ଏଲଇଡି ସ୍କ୍ରିନ୍ ଥିବା ଗାଡି ଉପରେ ଆକ୍ରମଣ କରୁଛନ୍ତି।" ସେ ଆହୁରି ଅଭିଯୋଗ କରିଛନ୍ତି, "କିନ୍ତୁ ଦିଲ୍ଲୀ ପୁଲିସ ଏବଂ ନିର୍ବାଚନ କମିଶନ ଅମିତ ଶାହଙ୍କ ନିୟନ୍ତ୍ରଣରେ କାମ କରୁଛନ୍ତି। ଶାହାଙ୍କ ଇଙ୍ଗିତରେ, ସେମାନେ ଚୁପ୍ ବସିଛନ୍ତି ଏବଂ କେବଳ ଦର୍ଶକ ସାଜିଛନ୍ତି। ଦିଲ୍ଲୀର ଲୋକମାନେ ବିଜେପିକୁ ପରାସ୍ତ କରି ଏହି ଗୁଣ୍ଡାଗିରି ଏବଂ ହିଂସା ପାଇଁ ଏକ ଶିକ୍ଷା ଦେବେ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଅନ୍ୟ ଏକ ପୋଷ୍ଟରେ ଲେଖିଛନ୍ତି, "କେହି ଭାବି ନ ଥିଲେ ଯେ ଦିଲ୍ଲୀରେ ଏପରି ଖୁଲମଖୁଲା ଗୁଣ୍ଡାଗର୍ଦ୍ଦି ଦେଖିବାକୁ ମିଳିବ। ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶିଙ୍କ ପୋଷ୍ଟକୁ ମଧ ଟ୍ୟାଗ୍ କରିଛନ୍ତି। ଏହି ପୋଷ୍ଟରେ, ମୁଖ୍ୟମନ୍ତ୍ରୀ ଅତିଶି ଲେଖିଛନ୍ତି, "ଦିଲ୍ଲୀରେ ଗୁଣ୍ଡାଗିରି ତାର ସୀମାରେ ପହଞ୍ଚିଛି। ନିର୍ବାଚନରେ ପରାଜୟର ହତାଶା ଯୋଗୁଁ, ବିଜେପି କର୍ମୀମାନେ ଏବେ ପ୍ରତ୍ୟେକ ରାସ୍ତାରେ ଗୁଣ୍ଡାଗିରିରେ ଲିପ୍ତ ହେଉଛନ୍ତି। ଏହି ଭିଡିଓ ଦେଖନ୍ତୁ। ଗୋବିନ୍ଦପୁରୀରେ ଆମ ଆଦମୀ ପାର୍ଟି କର୍ମୀମାନଙ୍କ ସହିତ ହାତାହାତି ପରେ ସେମାନଙ୍କଠାରୁ ପାମ୍ଫଲେଟ୍ ଛଡ଼ାଇ ନିଆଯାଉଛି।"

# ବିଏସ୍ଏଫ୍‌ର ହସ୍ତକ୍ଷେପ ପରେ ସୀମାରେ ବନ୍ଧ ନିର୍ମାଣ କାର୍ଯ୍ୟ ବନ୍ଦ କଲା ବାଂଲାଦେଶ

**କୋଲକାତା, ୨।୨:** ବାଂଲାଦେଶ ପୁଣି ଥରେ ଭାରତ ସୀମା ନିକଟରେ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ତେବେ ବିଏସଏଫର କାର୍ଯ୍ୟାନୁଷ୍ଠାନ ପରେ ଏବେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି । ମିଳିଥିବା ସୂଚନା ଅନୁଯାୟୀ, ବାଂଲାଦେଶ ପକ୍ଷରୁ ସୀମାରେ ଜିରୋ ଲାଇନ୍ ନିକଟରେ ଥିବା ନଦୀରେ ଏକ ତଟବନ୍ଧ ନିର୍ମାଣ କରାଯାଉଛି। ଏହି ବନ୍ଧର ଏକ ଅଂଶ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ୍ ଅଞ୍ଚଳ ମଧ୍ୟରେ ରହିଛି। ଖବର ପାଇ ବିଏସଏଫ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରିଦେଇଥିଲା । ତ୍ରିପୁରା ସରକାର ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ମିଳିତ ନଦୀ ଆୟୋଗର ଆଗାମୀ ବୈଠକରେ ବାଂଲାଦେଶ ଦ୍ୱାରା ବନ୍ଧ ନିର୍ମାଣ ପ୍ରସଙ୍ଗ ଉଠାଇବେ । ଏହି ବନ୍ଧର କିଛି ଅଂଶ ଅନ୍ତର୍ଜାତୀୟ ସୀମାର 'ଜିରୋ ଲାଇନ୍'ରେ ରହିଛି। ସେ କହିଛନ୍ତି ଯେ ଅଲିନଗରର ତ୍ରିପୁରାର ମୌଲଭିବଜାର ଜିଲ୍ଲାର ରଙ୍ଗୌଟି ଅଞ୍ଚଳ ନିକଟରେ ବାଂଲାଦେଶ ଏକ ବୃହତ ତଟବନ୍ଧର ପୁନଃନିର୍ମାଣ କରୁଛି ଏବଂ ଏହାର କିଛି ଅଂଶ 'ଜିରୋ ଲାଇନ୍'ରେ ରହିଛି, ଯାହା ତ୍ରିପୁରାର ଉନାକୋଟି ଜିଲ୍ଲାର ସୀମାନ୍ତ ଉପଜିଲ୍ଲା କୈଳାସହରରେ ଲୋକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରୁଛି। ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ସୁଧାନ ଦେବବର୍ମା ଅଭିଯୋଗ କରିଛନ୍ତି ଯେ, ଜିରୋ ଲାଇନରେ ଥିବା ବନ୍ଧର କିଛି ଅଂଶର ପୁନଃନିର୍ମାଣ ପାଇଁ ବାଂଲାଦେଶ ସରକାର ଭାରତୀୟ କର୍ତ୍ତୃପକ୍ଷଙ୍କ ଠାରୁ ମଧ ସମ୍ମତି ଲୋଡ଼ିନାହାନ୍ତି।

# କଂଗ୍ରେସରେ ଯୋଗ ଦେଇପାରନ୍ତି ସଞ୍ଜୟ ରାଉତ



**ନୂଆଦିଲ୍ଲୀ, ୨।୨:** ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ବିଜେପି ବିଧାୟକ ନିତେଶ ରାଣେ ଆଜି ଦାବି କରିଛନ୍ତି ଯେ ଶିବସେନା-ୟୁବିଟି ସାଂସଦ ସଞ୍ଜୟ ରାଉତ ଦିଲ୍ଲୀରେ କଂଗ୍ରେସ ନେତାମାନଙ୍କ ସହ ବୈଠକ କରୁଛନ୍ତି। ସେ କଂଗ୍ରେସରେ ଯୋଗଦେବା ପାଇଁ ତାଙ୍କୁ ଭେଟିଛନ୍ତି। ନିତେଶ ରାଣେ କହିଛନ୍ତି ଯେ ସଞ୍ଜୟ ରାଉତଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି ଏବଂ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳ ପାଖରେ ତାଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ବିଧାୟକ ନାହାନ୍ତି। ନଭେମ୍ବରରେ ହୋଇଥିବା ନିର୍ବାଚନରେ ଶିବସେନା-ୟୁବିଟି ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରୁ ମାତ୍ର ୨୦ଟି ଆସନ ଜିତିଥିଲା। ନିତେଶ ରାଣେ କହିଛନ୍ତି ଯେ ସଞ୍ଜୟ ରାଉତ ଶିବସେନା-ୟୁବିଟି ମୁଖପତ୍ର ସାମ୍ନାରେ ଲେଖିବା ଉଚିତ ଯେ ସେ କେତେ ଦିନ ଦଳରେ ରହିବେ। ସେ କହିବା ଉଚିତ ଯେ କଂଗ୍ରେସରେ ଯୋଗଦେବା ପାଇଁ ସେ ଦିଲ୍ଲୀରେ କେଉଁ ନେତାଙ୍କ ସହ କଥା ହେଉଛନ୍ତି। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ନିତେଶ ରାଣେ କହିଛନ୍ତି ଯେ ସଞ୍ଜୟ ରାଉତ ଏ ସମ୍ପର୍କରେ ଏକ ବିବୃତ୍ତି ଜାରି କରିବା ଉଚିତ। ତଥାପି, ଯେତେବେଳେ ସାମ୍ବାଦିକମାନେ ଏ ସମ୍ପର୍କରେ ସଞ୍ଜୟ ରାଉତଙ୍କୁ ପ୍ରଶ୍ନ ପଚାରିବାକୁ ଚେଷ୍ଟା କରିଥିଲେ, ତାଙ୍କଠାରୁ କୌଣସି ଉତ୍ତର ମିଳିନଥିଲା। ନିତେଶ ରାଣେଙ୍କ ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସଞ୍ଜୟ ରାଉତ ଦାବି କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମଧ୍ୟରେ ଅସନ୍ତୋଷ ରାଜ୍ୟର ଶାସନକୁ ପ୍ରଭାବିତ କରୁଛି।

ରବିବାର ଦିନ 'ସାମନା'ରେ ପ୍ରକାଶିତ ତାଙ୍କ ସାପ୍ତାହିକ ସ୍ତମ୍ଭରେ, ସଞ୍ଜୟ ରାଉତ ଦେବେନ୍ଦ୍ର ଫଡନବୀସ ଏବଂ ଏକନାଥ ସିନ୍ଦେଙ୍କ ମଧ୍ୟରେ କିଛି ଠିକ ଚାଲିନଥିବା ଦାବି କରିଥିଲେ ଏବଂ କହିଥିଲେ ଯେ ଏହା ରାଜ୍ୟର ପ୍ରଗତିରେ ବାଧା ସୃଷ୍ଟି କରୁଛି।

# ଇନ୍ଦିରାଙ୍କ ଅମଳରେ ୧୨ ଲକ୍ଷ ଆୟରୁ ୧୦ ଲକ୍ଷ ଟିକସ ଦେବାକୁ ପଡୁଥିଲା: ମୋଦି



**ନୂଆଦିଲ୍ଲୀ, ୨।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ନୂଆଦିଲ୍ଲୀରେ ଏକ ନିର୍ବାଚନୀ ସଭାରେ କଂଗ୍ରେସକୁ ଶାଣିତ ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ସରକାର ଅମଳରେ ବିପୁଳ ପରିମାଣରେ ଟିକସ ଆଦାୟ କରାଯାଉଥିଲା। ନେହେରୁଙ୍କ ସମୟରେ ଆୟର ଏକ ଚତୁର୍ଥାଂଶ ଟିକସ ଦେବାକୁ ପଡୁଥିବାବେଳେ ଇନ୍ଦିରା ଗାନ୍ଧିଙ୍କ ସମୟରେ ସ୍ଥିତି ଏପରି ହୋଇଥିଲା ଯେ ଲୋକଙ୍କୁ ୯୭.୫ ପ୍ରତିଶତ ଟିକସ ଦେବାକୁ ପଡୁଥିଲା। ଐତିହାସିକ ତଥ୍ୟ ଅନୁସାରେ ୧୯୭୦ ମସିହାରେ ଇନ୍ଦିରା ସରକାର ଆୟକର ହାର ୯୩.୫ ପ୍ରତିଶତକୁ ବୃଦ୍ଧି କରିଥିଲେ। ୧୯୭୩-୭୪ ବେଳକୁ ତାହାକୁ ଆହୁରି ବୃଦ୍ଧି କରି ୯୭.୫ ପ୍ରତିଶତ କରିଦିଆଯାଇଥିଲା। ସେ କହିଛନ୍ତି ଯେ ତାଙ୍କ ସରକାର ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଆୟକର ସଂପୂର୍ଣ୍ଣ ଶୂନ କରିଦେଇଛନ୍ତି। ଏହା ଦ୍ୱାରା ମଧ୍ୟବିତ୍ତଙ୍କ ପକେଟକୁ ଅଧିକ ଅର୍ଥ ଆସିବ। କିନ୍ତୁ ପୂର୍ବରୁ ଯଦି ଆପଣ ନେହେରୁଙ୍କ ସମୟରେ ୧୨ ଲକ୍ଷ ଟଙ୍କା ଆୟ କରୁଥିଲେ ତେବେ ଆପଣଙ୍କୁ ଏକ ଚତୁର୍ଥାଂଶ ( ୩ ଲକ୍ଷ ଟଙ୍କା) ଦେବାକୁ ପଡୁଥିଲା। ପୁଣି ଇନ୍ଦିରା ଗାନ୍ଧିଙ୍କ ସମୟରେ ୧୨ ଲକ୍ଷ ଟଙ୍କା ଆୟ ଉପରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଦେବାକୁ ପଡୁଥିଲା। ଐତିହାସିକ ତଥ୍ୟ ଅନୁସାରେ ୧୯୭୦ ମସିହାରେ ଇନ୍ଦିରା ସରକାର ଆୟକର ହାର ୯୩.୫ ପ୍ରତିଶତକୁ ବୃଦ୍ଧି କରିଥିଲେ। ୧୯୭୩-୭୪ ବେଳକୁ ତାହାକୁ ଆହୁରି ବୃଦ୍ଧି କରି ୯୭.୫ ପ୍ରତିଶତ କରିଦିଆଯାଇଥିଲା। ଆୟ ଓ ସମ୍ପତ୍ତିରେ ସମାନତା ଲାଗି ଏପର କରାଯାଇଥିଲା ବୋଲି ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି କହୁଥିଲେ। କିନ୍ତୁ ବ୍ୟାପକ ଟିକସ ଚୋରି ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା।

# ଆଜି ବସନ୍ତ ପଞ୍ଚମୀ ଅମୃତ ସ୍ନାନ, 'ଜିରୋ ଏରର' ପାଇଁ ଯୋଗୀଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨।୨:** ଆସନ୍ତାକାଲି ମହାକୁମ୍ଭରେ ହେବାକୁ ଯାଉଛି ବସନ୍ତ ପଞ୍ଚମୀ ଅମୃତ ସ୍ନାନ। ଏଥିରେ କୋଟି କୋଟି ସାଧୁ,ସନ୍ଥ ଓ ଶ୍ରଦ୍ଧାଳୁ ଏହି ମାହାର୍ଘ୍ୟ ମୁହୂର୍ତ୍ତରେ ପବିତ୍ର ତ୍ରିବେଣୀ ସଙ୍ଗମରେ ସ୍ନାନ କରିବେ। ତେବେ ମୌନି ଅମାବାସ୍ୟାରେ ଘଟିଥିବା ଅଘଟଣର ପୁନରାବୃତ୍ତି ନହେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜେ ପ୍ରସ୍ତୁତି ସମୀକ୍ଷା କରିବା ସହ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ବ୍ୟବସ୍ଥା ନିଶ୍ଚିତ କରିବାକୁ ପ୍ରଶାସନକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଯୋଗୀ ଏନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଶ୍ରଦ୍ଧାଳୁଙ୍କ ସମ୍ଭାବିତ ଭିଡକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଅଧିକାରୀମାନଙ୍କ ଉପରେ ଭିନ୍ନ ଭିନ୍ନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଅମୃତ ସ୍ନାନ ପାଇଁ ଆଖାଡାଗୁଡିକର ଶୋଭାଯାତ୍ର ଯଥା ସମୟରେ ଓ ପାରମ୍ପରିକ ଭାବେ ଶେଷ କରିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ମଧ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି।ସେହିପରି ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରି ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ସ୍ଥାନ ଫାଙ୍କା ରଖିବାକୁ କୁହାଯାଇଛି। ଏହି ଅମୃତସ୍ନାନ ସମୟରେ କୁମ୍ଭ ନଗରୀର ଭିଆଇପି ପ୍ରୋଟୋକଲ ମଧ ବନ୍ଦ ରଖାଯିବ। ପର୍ଯ୍ୟାପ୍ତ ମାତ୍ରାରେ ପୋଲିସ୍ ଫୋର୍ସ, ସ୍ୱେଚ୍ଛାସେବୀ, ମେଡିକାଲ ଟିମ୍, ରାପିଡ ଆକ୍ସନ ଟିମ୍ ପ୍ରମୁଖ ମୁତୟନ ରହିବେ। ମୌନି ଅମାବାସ୍ୟା ପରି ସ୍ଥିତି ସୃଷ୍ଟି ନହେବା ପାଇଁ ସବୁସ୍ତରରେ ତ୍ରୁଟିଶୂନ୍ୟ ବ୍ୟବସ୍ଥା କରିବା ଓ ଏଥିରେ ସାମାନ୍ୟ ଅବହେଳା ନହେବା ପାଇଁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି।

# ମହାକୁମ୍ଭରୁ ଫେରୁଥିବା ବେଳେ ୨୦୦ ଫୁଟ ଖାଇକୁ ଖସିଲା ବସ୍, ୭ ମୃତ



**ପ୍ରୟାଗରାଜ, ୨।୨:** ମହାରାଷ୍ଟ୍ର ନାସିକ-ଗୁଜରାଟ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମହାକୁମ୍ଭରୁ ସ୍ନାନ କରି ଫେରୁଥିବା ଶ୍ରଦ୍ଧାଳୁଙ୍କ ବସ୍ ୨୦୦ ଫୁଟ ଗଭୀର ଖାଇକୁ ଖସିପଡିଛି। ଫଳରେ ୭ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ବସ୍ ସାପୁତାରାର ମାଲେଗାଁ ଘାଟି ନିକଟରେ ଓଲଟି ପଡିଛି।

ଖବର ମୁତାବକ, ଆଜି ଭୋର୍ ୫.୩୦ ମିନିଟରେ ନାସିକ-ସୁରତ ହାଇୱେରେ ସାପୁତାରା ଘାଟ ନିକଟରେ ଏକ ପ୍ରାଇଭେଟ ବସ୍ ୨୦୦ ଫୁଟ ଗଭୀର ଖାଇକୁ ଖସିପଡିଥିଲା। ବସ୍ ଯାତ୍ରୀ ମହାକୁମ୍ଭରୁ ସ୍ନାନ କରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାରେ ୭ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୧୫ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣାର ଶିକାର ହୋଇଥିବା ସମସ୍ତ ଯାତ୍ରୀ ମଧ୍ୟପ୍ରଦେଶର ବୋଲି ଜଣାପଡିଛି। ତେବେ ବସଟି ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡିଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି। ବସରେ ବସିଥିବା ଯାତ୍ରୀ ଦେବ ଦର୍ଶନ ପାଇଁ ଗୁଜରାଟ ଯାଉଥିଲେ। ସୂଚନାଯୋଗ୍ୟ, ଗତ ଦୁଇଦିନ ତଳେ ଉତ୍ତରପ୍ରଦେଶର ଗାଜିପୁରରେ ଭୀଷଣ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ୧୩ରୁ ଅଧିକ ଲୋକ ଆହତ ହୋଇଥିଲେ। ମହାକୁମ୍ଭରୁ ଯାତ୍ରୀମାନଙ୍କୁ ଧରି ଏକ ଗାଡ଼ି ଫେରୁଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଗାଜିପୁରର ନନ୍ଦଗଞ୍ଜ ଥାନା ଅଧୀନ କୁସମୀ କଳା ନିକଟରେ ଘଟିଥିଲା। ବାରାଣସୀ-ଗାଜିପୁର-ଗୋରଖପୁର ଫୋରଲେନ୍ ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ମହାକୁମ୍ଭରୁ ଫେରୁଥିବା ପିକଅପ୍ ଗାଡ଼ିକୁ ପଛପଟୁ ଏକ ଟ୍ରକ୍ ଜୋରରେ ଧକ୍କା ଦେଇଥିଲା। ଫଳରେ ପିକଅପ୍ ଗାଡ଼ିରେ ବସିଥିବା ଯାତ୍ରୀମାନେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏହାପରେ ଦ୍ରୁତ ଗତିରେ ଆସୁଥିବା ଟ୍ରକଟି ସେମାନଙ୍କ ଉପରେ ମାଡ଼ି ଯାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା।

# ଆମେରିକା ବିରୋଧରେ ବାଣିଜ୍ୟିକ ଯୁଦ୍ଧ: କାନାଡା-ଚୀନ୍-ମେକ୍ସିକୋ ଏକଜୁଟ



**ୱାଶିଂଟନ/ଅଟାୱା, ୨।୨:** ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଏବଂ ଚୀନ୍ ବିରୁଦ୍ଧରେ ଅଧିକ ଶୁଳ୍କ ଲାଗୁ କରିବା ପରେ ଏକ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ ହୋଇଛି। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ମଧ ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ଟ୍ରୁଡୋ କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଲାଗୁର ଜବାବରେ ତାଙ୍କ ସରକାର ୧୫୫ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବେ।

ଏହା ସହିତ, ଟ୍ରୁଡୋ କାନାଡାର ଲୋକଙ୍କୁ ସ୍ୱଦେଶୀ ଉତ୍ପାଦ କିଣି ଦେଶ ଭିତରେ ଛୁଟିଦିନ ପାଳନ କରିବାକୁ ନିବେଦନ କରିଛନ୍ତି। ବହୁ ସଂଖ୍ୟକ କାନାଡା ନାଗରିକ ଛୁଟିଦିନ ପାଳନ କରିବା ପାଇଁ ଆମେରିକା ଯାତ୍ରା କରିଥାନ୍ତି। ଯାହା ଆମେରିକା ପାଇଁ ଆୟ ସୃଷ୍ଟି କରିଥାଏ। ଏହି ସମୟରେ, ଚୀନ୍ ଶୁଳ୍କ ଲାଗୁ ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡ୍ଲିୟୁଟିଓ)କୁ ଯିବାକୁ ଧମକ ଦେଇଛି। ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ଏହାକୁ ନିୟମର ଉଲ୍ଲଂଘନ ବୋଲି କହିଛି। ମନ୍ତ୍ରଣାଳୟ କହିଛି ଯେ, ଆମେରିକାର ଏକପାଖିଆ ଶୁଳ୍କ ବୃଦ୍ଧି ବିଶ୍ୱ ବାଣିଜ୍ୟ ସଂଗଠନ ନିୟମର ଏକ ବଡ଼ ଧରଣର ଉଲ୍ଲଂଘନ। ଚୀନ୍ କହିଛି, ଏହି ପଦକ୍ଷେପ ଆମେରିକାର ନିଜସ୍ୱ ସମସ୍ୟାର ସମାଧାନ କରିବାରେ ବିଫଳ ହେବା ସହିତ ଚୀନ୍-ଆମେରିକାର ଅର୍ଥନୈତିକ ଏବଂ ବାଣିଜ୍ୟିକ ସହଯୋଗକୁ ମଧ ବାଧା ଦେବ। ଶନିବାର ଦିନ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାର ସବୁଠାରୁ ବଡ଼ ବାଣିଜ୍ୟିକ ସହଯୋଗୀ କାନାଡା, ମେକ୍ସିକୋ ଏବଂ ଚୀନ୍ ବିରୁଦ୍ଧରେ ଶୁଳ୍କ ଘୋଷଣା କରିଥିଲେ। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ସେ କାନାଡା ଏବଂ ମେକ୍ସିକୋ ବିରୁଦ୍ଧରେ ୨୫% ଶୁଳ୍କ ଏବଂ ଚୀନ ବିରୁଦ୍ଧରେ ଅତିରିକ୍ତ ୧୦% ଶୁଳ୍କ ଲାଗୁ କରିବେ। ଟ୍ରମ୍ପ ଏଥିପାଇଁ 'ଅବୈଧ ବିଦେଶୀ' ଏବଂ 'ଡ୍ରଗ୍ସ ଚାଲାଣ'ର ବିପଦକୁ ଉଲ୍ଲେଖ କରିଥିଲେ। ଟ୍ରମ୍ପଙ୍କ ଘୋଷଣା ପରେ, କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ କହିଛନ୍ତି, ମୁଁ ଘୋଷଣା କରୁଛି ଯେ, ଆମେ ୧୫୫ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇ ଆମେରିକାର ବାଣିଜ୍ୟ କାର୍ଯ୍ୟାନୁଷ୍ଠାନର ଜବାବ ଦେବୁ।

ସେ କହିଛନ୍ତି, ଆମେରିକାର ଶୁଳ୍କ ପରି, ଆମର ପ୍ରତିକ୍ରିୟା ସୁଦୂରପ୍ରସାରୀ ହେବ ଏବଂ ଏଥିରେ ଆମେରିକୀୟ ବିୟର, ମଦ ଏବଂ ବର୍ବନ୍, ଫଳ ଏବଂ ଫଳ ରସ, କମଳା ରସ ସହିତ ପନିପରିବା, ସୁଗନ୍ଧିତ ଦ୍ରବ୍ୟ, ପୋଷାକ ଏବଂ ଜୋତା ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ହେବ।ଏଥିରେ ଘରୋଇ ଉପକରଣ, ଫର୍ଣ୍ଣିଚର ଏବଂ କ୍ରୀଡା ଉପକରଣ ଭଳି ପ୍ରମୁଖ ଗ୍ରାହକ ଉତ୍ପାଦ, କାଠ ଏବଂ ପ୍ଲାଷ୍ଟିକ ଭଳି ସାମଗ୍ରୀ ଏବଂ ଅନ୍ୟାନ୍ୟ ଅନେକ ସାମଗ୍ରୀ ଅନ୍ତର୍ଭୁକ୍ତ ହେବ। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାନ ମଧ ଆମେରିକୀୟ ସାମଗ୍ରୀ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଘୋଷଣା କରିଛନ୍ତି। ତାଙ୍କ ପ୍ରଶାସନର ଅପରାଧିକ ସଂଗଠନ ସହିତ ସମ୍ପର୍କ ରହିଛି ବୋଲି ଆମେରିକାର ଅଭିଯୋଗକୁ ସେନବାନ ଖଣ୍ଡନ କରିଛନ୍ତି। ସେ ଆମେରିକାର ଅସ୍ତ୍ରଶସ୍ତ୍ର ବ୍ୟବସାୟୀମାନଙ୍କୁ ଅବୈଧ ଗୋଷ୍ଠୀଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଯୋଗାଣ କରୁଥିବା ଅଭିଯୋଗ କରିଥିଲେ। ସେନବାନ ଜୋର ଦେଇ କହିଛନ୍ତି ଯେ, ଯଦି କୌଣସି ସମ୍ପର୍କ ଅଛି, ତେବେ ତାହା ଯୁକ୍ତରାଷ୍ଟ୍ର ଅସ୍ତ୍ରଶସ୍ତ୍ର ଶିଳ୍ପରେ ଅଛି, ଯାହା ଏହି ଅପରାଧୀ ଗୋଷ୍ଠୀଗୁଡ଼ିକୁ ଉଚ୍ଚ-ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ବିକ୍ରି କରେ, ଯେପରି ଆମେରିକାର ନ୍ୟାୟ ବିଭାଗ ନିଜେ ଏହି ବର୍ଷ ଜାନୁଆରିରେ ନିଶ୍ଚିତ କରିଥିଲା।' ସେନବାନ ରବିବାର ଘୋଷଣା କରିଛନ୍ତି ଯେ, ସେ ତାଙ୍କ ଅର୍ଥନୀତି ମନ୍ତ୍ରୀଙ୍କୁ ଆମେରିକାର ଶୁଳ୍କର ପାଲଟା ଜବାବରେ ଶୁଳ୍କ ଏବଂ ଅଣ-ଶୁଳ୍କ ପଦକ୍ଷେପ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମହାକୁମ୍ଭ: ୨୧ ଦିନରେ ୩୪ କୋଟି ଶ୍ରଦ୍ଧାଳୁଙ୍କ ବୁଡ଼

**ନୂଆଦିଲ୍ଲୀ, ୨।୨:** ପ୍ରୟାଗରାଜରେ ଚାଲୁ ଥିବା ଦିବ୍ୟ-ଭବ୍ୟ ମହାକୁମ୍ଭର ଆଜି ୨୧ତମ ଦିନ। ଆଜି ସକାଳ ୧୦ଟା ସମୟ ସୁଦ୍ଧା ୭୨.୩୬ ଲକ୍ଷ ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ଦେଇଛନ୍ତି। ଏବେସୁଦ୍ଧା ୩୪.୩୩ କୋଟିରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ବୁଡ଼ ଦେଇ ସାରିଲେଣି। କହି ରଖୁଛି କି, ମହାକୁମ୍ଭର ଆରମ୍ଭରେ ୧୩ ଜାନୁଆରୀରୁ ହୋଇଥିଲା। ଆସନ୍ତାକାଲି ବସନ୍ତ ପଞ୍ଚମୀ ଅବସରରେ ୩ୟ ଅମୃତ ସ୍ନାନ ହେବ, ଯାହାକୁ ଦେଖି ଶାସନରୁ ନେଇ ପ୍ରଶାସନ ଯାଏ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ବସନ୍ତ ପଞ୍ଚମୀର ଅମୃତ ସ୍ନାନକୁ ଦେଖି ୨ରୁ ୪ଫେବ୍ରୁଆରୀ ଯାଏ ପ୍ରୟାଗରାଜ ସହରକୁ ବାହାରୁ ଯାନବାହନର ପ୍ରବେଶ ନିଷେଧ କରାଯାଇଛି। ଶ୍ରଦ୍ଧାଳୁଙ୍କୁ ନିଜର ଗାଡ଼ି ସହରର ବାହାରେ ପାର୍କିଂ କରିବାକୁ କୁହାଯାଇଛି। ପାର୍କିଂ ଠାରୁ ଲୋକେ ବସ୍ ବା ଚାଲି ଚାଲି ଘାଟ ଯାଏ ପହଞ୍ଚି ପାରିବେ। ବଡ ଓ ଛୋଟ ଛୋଟ ଗାଡ଼ି ପାଇଁ ଅଲଗା ଅଲଗା ପାର୍କିଂ ବ୍ୟବସ୍ଥା ହୋଇଛି। ସବୁ ରେଲୱେ ଷ୍ଟେସନରେ ୱାନ ୱେ ବ୍ୟବସ୍ଥା ଲାଗୁ କରି ଦିଆ ଯାଇଛି। ଅର୍ଥାତ୍ ଏକ ସାଇଡ୍‌ରୁ ଶ୍ରଦ୍ଧାଳୁ ଆସିବେ ଏବଂ ଅନ୍ୟପଟେ ପ୍ରସ୍ଥାନ ହେବ। ଶନିବାର ୧ଫେବୃଆରୀରେ ସିଏମ୍ ଯୋଗୀ ବସନ୍ତ ପଞ୍ଚମୀର ଅମୃତ ସ୍ନାନକୁ ନେଇ ସମୀକ୍ଷା ବୈଠକ କରିଛନ୍ତି। ସିଏମ୍ ଯୋଗୀ କହିଛନ୍ତି କି, ୨ ଓ ୩ ଫେବ୍ରୁଆରୀ ମହାକୁମ୍ଭ ପାଇଁ ଚ୍ୟାଲେଞ୍ଜିଂ ଅଛି। ମିଳିଥିବା ସୂଚନା ଆଧାରରେ, ସିଏମ୍ ଯୋଗୀ ଅଧିକାରୀଙ୍କ ସହ ବୈଠକରେ ସ୍ପଷ୍ଟ କହିଛନ୍ତି କି, ଏବେ କିଛି ବି ଭିଆଇପି ପ୍ରୋଟକଲ୍ ଲାଗୁ କରାଯିବ ନାହିଁ। କୌଣସି ମୂଲ୍ୟରେ ଲୋକଙ୍କ ଯାତାୟାତରେ ବାଧା ଦିଆଯିବ ନାହିଁ । ସିଏମ୍ ଯୋଗୀ ଅଧିକାରୀଙ୍କୁ କହିଛନ୍ତି, ଅମୃତ ସ୍ନାନର ଅବସରରେ ବା ମହାକୁମ୍ଭରେ କୌଣସି ବି ସନ୍ଥ , କଳ୍ପବାସୀ ବା ଦେଶ ବିଦେଶରୁ ଆସୁଥିବା ଯାତ୍ରୀଙ୍କର ସମସ୍ୟା ହେବା ଉଚିତ ନୁହେଁ ଏବଂ ସମସ୍ତଙ୍କର ସୁରକ୍ଷା ସୁନିଶ୍ଚିତ କରାଯିବା ଉଚିତ୍।

## ମା' ମୃତଦେହ ସହ ୧୦ ଦିନ ରହିଲେ ଦୁଇ ଭଉଣୀ

**ହାଇଦ୍ରାବାଦ, ୨।୨:** ମା'ର ଗଳିତ ମୃତଦେହ ପାଖେ ୧୦ ଦିନ ଏକ ବନ୍ଦ କୋଠରୀରେ ଦୁଇ ଝିଅ। ଆର୍ଥିକ ଅଭାବରୁ ମା'ର ଅନ୍ତିମ ସଂସ୍କାର ନ କରି ପାରି ଦୁଃଖରେ ଭାଙ୍ଗିପଡି ମା'ର ମୃତଦେହ ନିକଟରେ ଜଗି ରହିଲେ ଦୁଇ ଝିଅ। ତେବେ ଏନେଇ ପଡୋଶୀ ପୋଲିସକୁ ସୂଚନା ଦେବା ପରେ ମୃତଦେହକୁ ହସପିଟାଲ ନିଆଯାଇଥିଲା। ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଖବର ମୁତାବକ, ମା'ର ହଠାତ୍ ମୃତ୍ୟୁ ପରେ ଦୁଇ ଭଉଣୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଦୁଃଖରେ ଭାଙ୍ଗିପଡି ଘର ବନ୍ଦ କରି ସେମାନେ ମାଆର ମର ଶରୀର ସହିତ ପ୍ରାୟ ୧୦ ଦିନ ରହିଲେ। ମୃତଙ୍କ ଦୁଇ ଝିଅ ରାୱାଲିକା(୨୫) ଶାଢି ଦୋକାନରେ କାମ କରୁଥିବା ବେଳେ ଅଶ୍ୱିତା (୨୨) ଜଣେ ଇଭେଣ୍ଟ ପ୍ଲାନର। ଦୁହେଁ ନିଜ ମା'ର ମୃତଦେହକୁ ଅନ୍ତିମ ସଂସ୍କାର କରିବା ପାଇଁ ପଇସା ନଥିବାରୁ ଦୁହେଁ ମା'ର ମୃତଦେହ ସହିତ ଘରେ ରହିଥିଲେ। ୨୦୨୦ରେ ସେମାନଙ୍କ ବାପା ଛାଡି ଚାଲିଯାଇଥିଲେ। ତେବେ ମୃତଦେହରୁ ଦୁର୍ଗନ୍ଧ ବାହାରିବା ପରେ ପଡୋଶୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସୂଚନା ପାଇଁ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ହସପିଟାଲକୁ ପଠାଇଥିଲା। ପୋଲିସ ହସ୍ତକ୍ଷେପ ପୂର୍ବରୁ ବିଧାୟକ କ୍ୟାମ୍ପକୁ ଯାଇ ଏନେଇ ସୂଚନା ଦେଇଥିଲେ। ଜାନୁଆରୀ ୩୧ ତାରିଖରେ ଏହି ଦୁଇ ଭଉଣୀ ସ୍ଥାନୀୟ ବିଧାୟକଙ୍କ କ୍ୟାମ୍ପ କାର୍ଯ୍ୟାଳୟକୁ ଯାଇଥିଲେ ଯେ ଯେଉଁଠାରେ ସେମାନେ ନିବେଦନ କଲେ। ଟଙ୍କା ନଥିବାରୁ ଅନ୍ତିମ ସଂସ୍କାର କରିପାରୁ ନଥିବା କଥା କହିଥିଲେ। ହେଲେ ସେ କିଛି କରିପାରିବେ ନାହିଁ ଆଉ ପୋଲିସକୁ ସୂଚନା ଦେବାକୁ କହିଥିଲେ। ଶେଷରେ ନିରୂପାୟ ହୋଇ ଦୁଇ ଭଉଣୀ ମୃତଦେହ ନିକଟରେ ଜଗି ରହିଥିଲେ।

## ମନ୍ତ୍ରୀଙ୍କ ଉପରେ କଂଗ୍ରେସର ୧୦ ବିଧାୟକ ଅସନ୍ତୁଷ୍ଟ

### ରେଭନ୍ତ ରେଡ୍ଡୀ ଡକାଇଲେ ଜରୁରୀ ବୈଠକ

**ହାଇଦ୍ରାବାଦ,୨।୨:** ତେଲେଙ୍ଗାନାର ରେଭନ୍ତ ରେଡ୍ଡୀ ସରକାରଙ୍କ ଚିନ୍ତା ବଢ଼ିଛି। କଂଗ୍ରେସ ପାର୍ଟିର ୧୦ ଜଣ ବିଧାୟକ ଗୁପ୍ତ ବୈଠକ କରିଛନ୍ତି। ଏଭଳି କୁହାଯାଉଛି ଯେ, ତାଙ୍କ ଭିତରେ ଅସନ୍ତୋଷ ରହିଛି। ଏହି ସବୁ ବିଧାୟକ ମନ୍ତ୍ରୀ ପୋଙ୍ଗୁଲେଟି ଶ୍ରୀନିବାସଙ୍କ କଥିତ ମନମାନୀ ଦ୍ୱାରା ଅସନ୍ତୁଷ୍ଟ ଅଛନ୍ତି। ସେ ପାର୍ଟି ହାଇକମାଣ୍ଡଙ୍କୁ ମଧ୍ୟ ଏହାର ଅଭିଯୋଗ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆକ୍ସନରେ ଆସିଛନ୍ତି। ରେଭନ୍ତ ରେଡ୍ଡୀ ନିଜ ମନ୍ତ୍ରୀ ଶ୍ରୀନିବାସଙ୍କୁ ବୈଠକକୁ ଡକାଇଛନ୍ତି। ଏହି ବୈଠକରୁ ଅଧିକାରୀଙ୍କୁ ଦୂରେଇ ରହିବାକୁ ମଧ୍ୟ କୁହାଯାଇଛି। ଉଲ୍ଲେଖନୀୟ ଯେ, ନିକଟରେ ତେଲେଙ୍ଗାନାରେ ବିଧାନ ପରିଷଦ ଓ ସ୍ଥାନୀୟ ପୌର ନିର୍ବାଚନ ହେବାର ଅଛି। କଂଗ୍ରେସର ୧୦ ବିଧାୟକ ନୈନି ରାଜେନ୍ଦ୍ର ରେଡ୍ଡୀ, ଭୂପତି ରେଡ୍ଡୀ, ୟେନେମ୍ ଶ୍ରୀନିବାସ ରେଡ୍ଡୀ, ମୁରଲୀ ନାୟକ, କୁଚୁକୁଲ୍ଲା ରାଜେଶ ରେଡ୍ଡୀ, ସଞ୍ଜୀବ ରେଡ୍ଡୀ, ଅନିରୁଦ୍ଧ ରେଡ୍ଡୀ, ଲକ୍ଷ୍ମୀକାନ୍ତ, ଦାକ୍ତି ମାଧବ ରେଡ୍ଡୀ ଓ ବୀରଲା ଇଲ୍ଲେୟା ରହିଛନ୍ତି। ସେ କଂଗ୍ରେସ ନେତା ଅନିରୁଦ୍ଧ ରେଡ୍ଡୀଙ୍କ ଫାର୍ମ ହାଉସରେ ଏହି ବୈଠକ କରିଛନ୍ତି। ଉଲ୍ଲେଖନୀୟ ଯେ, ଯଦି ଏହି ୧୦ ବିଧାୟକ ବିଦ୍ରୋହ କରନ୍ତି, ତେବେ ରେଭନ୍ତ ରେଡ୍ଡୀ ସରକାର ସଂଖ୍ୟାଲଘୁ ହୋଇପାରେ। ବର୍ତ୍ତମାନ କଂଗ୍ରେସ ପାଖରେ ତେଲେଙ୍ଗାନାର ୬୪ ବିଧାୟକ ଅଛନ୍ତି। ବିଧାନସଭାରେ ଜରୁରୀ ବହୁମତରେ କେବଳ ୪ ଅଧିକ। ସେଭଳି ଭିଆରଏସ୍‌ର ୩୯ ବିଧାୟକ ଅଛନ୍ତି। ବିଜେପିର ୮ ଓ ଏଆଇଏମ୍ଆଇଏମ୍‌ର ୭ ବିଧାୟକ ଅଛନ୍ତି।

### ତ୍ରିପୁରାରେ ବିଏସ୍ଏଫ୍‌କୁ ସଫଳତା

## ଦୁଇ ଭାରତୀୟ ଗୁପ୍ତଚରଙ୍କ ସହ ୧୪ ବାଂଲାଦେଶୀ ଅଟକ

**ନୂଆଦିଲ୍ଲୀ, ୨।୨:** ଭାରତରେ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ବାଂଲାଦେଶୀଙ୍କ ବିରୋଧରେ ଏକ ନିରନ୍ତର ଅଭିଯାନ ଚାଲିଛି। ଏହାରି ଭିତରେ ତ୍ରିପୁରାରେ ସୀମା ସୁରକ୍ଷା ବଳ (ବିଏସଏଫ) ଜାନୁଆରୀ ୨୬ ଠାରୁ ୧୪ ଜଣ ବାଂଲାଦେଶୀଙ୍କୁ ଦେଶରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଧରିଛି। ରବିବାର ଦିନ ବିଏସଏଫର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଏହାରିଭିତରେ ଅନୁପ୍ରବେଶରେ ସାହାଯ୍ୟ କରିଥିବା ଦୁଇ ଭାରତୀୟ ଗୁପ୍ତଚରଙ୍କୁ ମଧ୍ୟ ଧରିଛି ବିଏସ୍ଏଫ୍। ସୀମା ସୁରକ୍ଷା ବଳ ବିପୁଳ ପରିମାଣର ଡ୍ରଗ୍ସ, ଚିନି, ଗାଇଗୋରୁ ଏବଂ ଅନ୍ୟାନ୍ୟ ଚୋରା ସାମଗ୍ରୀ ଜବତ କରିଛି। କୁହାଯାଉଛି ଯେ ଏହି ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ହେଉଛି ଅଢ଼େଇ କୋଟି ଟଙ୍କା। ଦ୍ୱିପାକ୍ଷିକ ସହଯୋଗ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରି ବିଏସ୍ଏଫ୍ ସୀମା ସୁରକ୍ଷା ବାଂଲାଦେଶ (ବିଜିବି) ସହିତ ଦୃଢ଼ ସମନ୍ୱୟ ରକ୍ଷା କରିଛି। ବିଏସ୍ଏଫ୍ ଅଧିକାରୀଙ୍କ କହିବାନୁସାରେ, ବିଏସ୍ଏଫ୍ ତ୍ରିପୁରା ଫ୍ରଣ୍ଟିୟରର ସଚେତନତା ବୃଦ୍ଧି କରିଛନ୍ତି ଏବଂ ଅନ୍ତର୍ଜାତୀୟ ସୀମାରେ ପାଟ୍ରୋଲିଂକୁ ମଜବୁତ କରିଛନ୍ତି। ଏହି କାରଣରୁ, ୨୬ ଜାନୁୟାରୀ ୨୦୨୫ ରୁ ବର୍ତ୍ତମାନ ପର୍ଯ୍ୟନ୍ତ, ବିଏସ୍ଏଫ୍ ସୈନିକମାନେ ସୀମା ପାର କରି ଅନୁପ୍ରବେଶ ଏବଂ ଚୋରା ଚାଲାଣର ଅନେକ ପ୍ରୟାସକୁ ଖଣ୍ଡନ କରିଛନ୍ତି। ସୁରକ୍ଷା ବାହିନୀ ପାଇଁ ଏହା ଏକ ବଡ଼ ସଫଳତା। ଅଧିକାରୀମାନେ କହିଛନ୍ତି ଯେ ବିଭିନ୍ନ ଅପରେସନରେ ୧୪ ଜଣ ବାଂଲାଦେଶୀ ନାଗରିକ ଏବଂ ଦୁଇ ଜଣ ଭାରତୀୟ ଗୁପ୍ତଚରଙ୍କୁ ବିଏସଏଫ ଦ୍ୱାରା ଧରାପଡ଼ିଛନ୍ତି।

### ଅନ୍ତିମ ଟି-୨୦ରେ ଇଂଲଣ୍ଡର ଶୋଚନୀୟ ପରାଜୟ

# ଅଭିଷେକଙ୍କ ୧୩୫ ; ୪-୧ରେ ସିରିଜ୍ ଜିତିଲା ଭାରତ



**ମୁମ୍ବାଇ,୨।୨:** ଚଳିତ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍‌କୁ ଜବରଦସ୍ତ ତରିକାରେ ଶେଷ କରିଛି ଭାରତ। ପୂର୍ବରୁ ସିରିଜ୍‌ରେ ଅପରାଜେୟ ଅଗ୍ରଣୀ ହାସଲ କରିସାରିଥିବା ଭାରତ ଆଜି ଅନ୍ତିମ ମ୍ୟାଚ୍‌କୁ ବୃହତ୍ ୧୫୦ ରନ୍‌ରେ ଜିତି ସିରିଜ୍‌କୁ ୪-୧ରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ ପାଇ ଭାରତ ୯ ୱିକେଟ୍‌ରେ ୨୪୭ର ବଳିଷ୍ଠ ସ୍କୋର୍ କରିଥିଲା। ଏଥିରେ ଓପନର ଅଭିଷେକ ଶର୍ମାଙ୍କ ଆକର୍ଷଣୀୟ ୧୩୫ ରନ୍ ରନ୍ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ପ୍ରଥମ ଥର ପାଇଁ ଟି-୨୦ରେ ଶତକ ହାସଲ କରିଥିବା ଏହି ବାମହାତୀ ବ୍ୟାଟ୍ସମ୍ୟାନ୍ ଜଣକ ଏଥିପାଇଁ ମାତ୍ର ୫୪ଟି ବଲ୍ ନେଇଥିଲେ। ତାଙ୍କର ଏହି ବିସ୍ଫୋରକ ଇନିଂସରେ ୭ଟି ଚୌକା ଓ ୧୩ଟି ଛକା ରହିଥିଲା। ଏଥିସହ ସେ ଭାରତ ପାଇଁ ପୁରୁଷ ଟି-୨୦ ଅନ୍ତର୍ଜାତୀୟରେ ଶୁବମାନ ଗିଲ୍ (୧୨୬*)ଙ୍କୁ ଟପି ସର୍ବାଧିକ ସ୍କୋରର୍ ହୋଇଥିଲେ। ଏହାଛଡ଼ା ଟି-୨୦ କ୍ରିକେଟ୍‌ରେ ପ୍ରଥମ ଭାରତୀୟ ଭାବେ ସେ ସର୍ବାଧିକ ୧୩ଟି ଛକା ଲଗାଇଛନ୍ତି। ଏହାଦ୍ୱାରା ସେ ରୋହିତ ଶର୍ମା, ସଞ୍ଜୁ ସାମ୍‌ସନ୍ ଓ ତିଲକ ବର୍ମା (୧୦ଟି ଲେଖାଏଁ)ଙ୍କୁ ଅତିକ୍ରମ କରିଛନ୍ତି। ଏହାଛଡ଼ା ସେ ୩୭ ବଲ୍‌ରେ ଶତକ କରିବା ସହ ରୋହିତ (୩୫ ବଲ୍)ଙ୍କ ପରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ଅଭିଷେକ ଦ୍ୱିତୀୟ ୱିକେଟ୍‌ରେ ତିଲକ ବର୍ମା (୨୪)ଙ୍କ ସହ ୧୧୫ ରନ୍‌ର ଭାଗୀଦାରୀ କରିଥିଲେ। ଶିବମ୍ ଦୁବେ ୩ଟି ଚୌକା ଓ ୨ଟି ଛକା ସହ ୩୦ ରନ୍ କରିଥିବା ବେଳେ ଭାରତ ଟି-୨୦ କ୍ରିକେଟ୍‌ରେ ନିଜର ଚତୁର୍ଥ ସର୍ବାଧିକ ସ୍କୋର୍ କରିଥିଲା। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ୍ କାର୍ସ ୩ଟି ଓ ମାର୍କ ଉଡ୍ ୨ଟି ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୦.୩ ଓଭର୍‌ରେ ୯୭ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଫିଲିପ୍ ସଲ୍ଟ ୭ଟି ଚୌକା ଓ ୩ଟି ଛକା ସହ ୫୫ ରନ୍ କରିଥିବା ବେଳେ ଜାକବ୍ ବେଥେଲ୍ ୧୦ ରନ୍ କରିଥିଲେ। ଅନ୍ୟ କେହି ୨ ଅଙ୍କ ବି ଛୁଇଁପାରିନଥିଲେ। ଭାରତ ପକ୍ଷରୁ ମହମ୍ମଦ ଶମି ୩ଟି ଏବଂ ବରୁନ୍ ଚକ୍ରବର୍ତ୍ତୀ, ଶିବମ୍ ଦୁବେ ଓ ଅଭିଷେକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅଭିଷେକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ବରୁନ୍ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

### ୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ଫାଇନାଲ

# ଦ. ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ୍

**ନୂଆଦିଲ୍ଲୀ,୨।୨:** ଭାରତୀୟ ମହିଳା କ୍ରିକେଟ ଦଳର ସାନଦାର.. ଦମଦାର ପ୍ରଦର୍ଶନ। ୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ଫାଇନାଲରେ ବାଜି ମାରି ନେଇଛି ଭାରତ। ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ଲଗାତାର ଦ୍ୱିତୀୟ ଥର ଟି-ଟ୍ୱେଣ୍ଟି ବିଶ୍ୱକପ ଚାମ୍ପିଅନ ହୋଇଛି ନିକି ପ୍ରସାଦଙ୍କ ନେତୃତ୍ୱାଧୀନ ଜୁନିୟର ଭାରତୀୟ ମହିଳା ଦଳ। ସର୍ବାଧିକ ୱିକେଟ୍ ଟେକର ହୋଇଛନ୍ତି ବୈଷ୍ଣବୀ ଶର୍ମା। ସେ ଟୁର୍ଣ୍ଣାମେଣ୍ଟରେ ୭ଟି ମ୍ୟାଚ ଖେଳି ୧୭ଟି ୱିକେଟ ଅକ୍ତିଆର କରିଛନ୍ତି। ତ୍ରିଷା ଗଙ୍ଗାଡି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେ ଫାଇନାଲ ମ୍ୟାଚରେ ୩ଟି ୱିକେଟ ସହ ଅପରାଜିତ ୪୪ରନ ସଂଗ୍ରହ କରିଥିଲେ।

୮୩ରନର ଛୋଟିଆ ବିଜୟ ଲକ୍ଷ୍ୟ ନେଇ ପାଳି ଆରମ୍ଭ କରିଥିଲା ଭାରତ। ଯାହାକୁ ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ୧୧.୩ ଓଭରରେ ଭାରତ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓପନର ଜି ତ୍ରିଷା ଅପରାଜିତ ୪୪ରନ କରିଥିଲେ। ୯ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଲଗାତାର ଦ୍ୱିତୀୟ ଥର ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିଛି ଭାରତ। ମ୍ୟାଚ ପରେ ସେଲିବ୍ରେସନ କରିଥିଲା ଦଳ। ଖେଳାଳିଙ୍କ ଆଖିରେ ବିଜୟର ଲୁହ ଦେଖିବାକୁ ମିଳିଥିଲା। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭାରତ ଦମଦାର ପ୍ରଦର୍ଶନ କରିଥିଲା। ଅପରାଜେୟ ରହିଥିଲା ଭାରତ। ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ ସମସ୍ତ ବିଭାଗରେ ଦଳ ଭଲ ପ୍ରଦର୍ଶନ କରିଥିଲା। ଦକ୍ଷିଣ ଆଫ୍ରିକା ଇନିଂସ-ଅଣ୍ଡର ୧୯ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ଫାଇନାଲ କୁଆଲାଲମ୍ପୁର ବୟୁମାସ ଓଵଲରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା। ଦକ୍ଷିଣ ଆଫ୍ରିକାର ଦଳୀୟ ସ୍କୋର ମାତ୍ର ୧୧ରନରେ ପ୍ରଥମ ୱିକେଟ ପଡିଥିଲା। ୪୪ ରନରେ ଦଳର ୫ଟି ୱିକେଟ ପତନ ହୋଇଥିଲା। ୬ୱିକେଟ ପତନରେ ୩୦ରନ ପାର୍ଟନରସିପ ହୋଇଥିଲା। ୨୦ ଓଭରରେ ଦକ୍ଷିଣ ଆଫ୍ରିକା ୮୨ରନ କରିଥିଲା। ଦଳ ପକ୍ଷରୁ ଏମ ଭାନ ଭୁସ୍ତ ସର୍ବାଧିକ ୨୩ ରନ କରିଥିଲେ। ଅନ୍ୟ ସମସ୍ତ ବ୍ୟାଟର ଫେଲ ମାରିଥିଲେ। ୧୦ ଓଭର ଖେଳ ଚାଲିଥିବା ମଧ୍ୟରେ ଦଳୀୟ ସ୍କୋର ୩୩ରେ ଦକ୍ଷିଣ ଆଫ୍ରିକା ୩ଟି ୱିକେଟ ହରାଇ ସାରିଥିଲା। ଭାରତ ପକ୍ଷରୁ ଜି ତ୍ରିଶା ୩ଟି, ପୁର୍ଣ୍ଣିମା ସିସୋଦିଆ ୨ଟି ଓ ସବନମ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଭାରତ ଆଗରେ ୮୩ରନର ଛୋଟିଆ ବିଜୟ ଲକ୍ଷ୍ୟ ରହିଥିଲା। ଯାହାକୁ ସହଜରେ ହାସଲ କରି ନେଇଥିଲା ନିକି ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ।



# ହକିର ପ୍ରଚାର କରୁଛନ୍ତି 'ଆଫ୍ରିକା ଟୋକା', ଇନ୍‌ଷ୍ଟାରେ ୩୮.୪ ହଜାରରୁ ଊର୍ଦ୍ଧ୍ୱ ଫଲୋଅର୍ସ



**ରାଉରକେଲା, ୨।୨:** ହକି ଇଣ୍ଡିଆ ଲିଗ୍‌ରେ ଜଣେ କୁନି ବିସ୍ମୟ ଟୁର୍ଣ୍ଣାମେଣ୍ଟର ପ୍ରଚାର ପ୍ରସାର ଦାୟିତ୍ୱରେ ରହିଥିଲେ। ତାଙ୍କୁ ହକି ଇଣ୍ଡିଆ ପକ୍ଷରୁ ବିଶେଷ ପାସ୍ ପ୍ରଦାନ କରାଯାଇଥିଲା। ସେ ହେଉଛନ୍ତି ୯ ବର୍ଷୀୟ ତର୍ସ ଲାଇଚେଟୀ। ବାପା ଦିନେଶ ଲାଇଚେଟୀ ହେଲେ ରାଉରକେଲାର ଅଧିବାସୀ। ମା' ଜଜେଲା ଆଫ୍ରିକୀୟ। ଆଙ୍ଗୋଲାରେ ତାଙ୍କ ଘର। ତର୍ସ ବାପାଙ୍କ ସହ ରାଉରକେଲା ବାସନ୍ତୀ କଲୋନୀରେ ରହୁଛନ୍ତି। ସେ ଦ୍ୱିତୀୟ ଶ୍ରେଣୀରେ ଏକ ଘରୋଇ ସ୍କୁଲରେ ପଢୁଛନ୍ତି। ତର୍ସଙ୍କ ବିଶେଷତ୍ୱ ହେଉଛି, ବାପା ଦିନେଶ ଓ ମା' ଜଜେଲା ତାଙ୍କ ନାମରେ ଇନଷ୍ଟାରେ ଏକ ଆକାଉଣ୍ଟ ଖୋଲିଛନ୍ତି। ଯାହାର ନାମ ରଖିଛନ୍ତି 'ଆଫ୍ରିକା ଟୋକା'। ଖୁବ ଅଳ୍ପ ଦିନରେ ତାଙ୍କର ୩୮.୪ ହଜାର ଅନୁଗାମୀ ହେଲେଣି। ତର୍ସ ୫ଟି ଭାଷା ଯଥା ଓଡ଼ିଆ, ଇଂରାଜୀ, ହିନ୍ଦୀ, ସ୍ପାନିଶ ଓ ପର୍ତ୍ତୁଗିଜ ବେଶ ପ୍ରାଞ୍ଜଳ ଭାବେ କହି ପାରୁଛନ୍ତି। ଦିନେଶ ଏବେ ଚୀନରେ ଚାକିରି କରନ୍ତି। ପିଲାମାନଙ୍କୁ ଏଠାରେ ରଖି ପାଠ ପଢ଼ାଉଛନ୍ତି। ସେ କହିଛନ୍ତି, 'ମୁଁ ରାଉରକେଲାର ଅଧିବାସୀ। ମୋ ବାପା ଏଠାରେ ଚାକିରି କରୁଥିଲେ। ମୁଁ ଜଜେଲାଙ୍କୁ ବିବାହ କରିବା ପରେ ଆମର ଦୁଇଟି ସନ୍ତାନ। ସେମାନେ ଏଠାରେ ପାଠ ପଢୁଛନ୍ତି।' ତର୍ସ ହକି, ଫୁଟବଲ ଖେଳକୁ ଭଲ ପାଆନ୍ତି। ଲିଓନେଲ ମେସି ତାଙ୍କର ପ୍ରିୟ ଖେଳାଳି। ସେ କହିଛନ୍ତି, 'ଫୁଟବଲ ମୋର ଅତି ପ୍ରିୟ। ହକି ମଧ୍ୟ ଖେଳିବାକୁ ଭଲ ପାଏ। ଇନ୍‌ଷ୍ଟାରେ ମୋର ୩୮.୪ ହଜାର ଅନୁଗାମୀ ଅଛନ୍ତି। ଏହାକୁ ୧ ମିଲିୟନ କରିବାକୁ ଚାହେଁ। ମେସି ହେଉଛନ୍ତି ମୋର ପ୍ରିୟ ଖେଳାଳି।' ଅନର୍ଗଳ ଓଡ଼ିଆ ଓ ହିନ୍ଦୀ ଦେଶାତ୍ମକ ଗୀତ ଗାନ କରିପାରୁଛନ୍ତି ତର୍ସ । 'ଏଇ ଦେଶ ଏଇ ମାଟି...' ଗାନ କରି ସେ ଶୁଣାଇଥିଲେ। 'ହକି ଇଣ୍ଡିଆ ମୋତେ ହକି ଇଣ୍ଡିଆ ଲିଗର ପ୍ରଚାର ପ୍ରସାର କରିବାକୁ ସୁଯୋଗ ଦେଇଥିବାରୁ ମୁଁ ଖୁସି ରହିଛି ବୋଲି ତର୍ସ କହିଛନ୍ତି।

● ୭ରୁ ଟିଲୋ କପ୍, ଚାମ୍ପିଅନ୍ ଟିମ୍ ପାଇଁ ୫ ଲକ୍ଷ ପୁରସ୍କାର

# ସଙ୍ଗୀତ ଓ ଟ୍ରଫି ଉନ୍ମୋଚିତ, ରନର୍ସ ପାଇବ ୨.୫ ଲକ୍ଷ



**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ସର୍ବପୁରାତନ କ୍ରିକେଟ୍ ପ୍ରତିଯୋଗିତା ଟିଲୋ କପ୍‌ର ୨୯ତମ ସଂସ୍କରଣ ଆସନ୍ତା ୭ରୁ ଆରମ୍ଭ ହେବ। ଆସନ୍ତା ୧୬ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ୩୫ ବର୍ଷର ପୁରୁଣା ପ୍ରତିଯୋଗିତାରେ ଏଥର ପ୍ରାୟ ୩୦ ଜଣ ଆଇପିଏଲ୍, ଇଣ୍ଡିଆ-ଏ' ଓ ରଣଜୀ ଟ୍ରଫି ଖେଳାଳି ଅଂଶଗ୍ରହଣ କରିବେ। ଭଦ୍ରକର ଟିଲୋସ୍ଥିତ ହନୁମାନ ଜୀଉ ମିନି ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟ୍ ଖେଳାଯିବାକୁ ଥିବା ବେଳେ ଏଥିରେ ୮ଟି ଟିମ୍ ଭାଗନେବେ। ଚାମ୍ପିଅନ୍ ଟିମ୍ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ ରନର୍ସଅପ୍ ଟିମ୍‌କୁ ଅଢ଼େଇ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ ବୋଲି ଆଜି ଏଠାରେ ଅନୁଷ୍ଠିତ ସଙ୍ଗୀତ ଓ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ତେବେ ଏହି ପ୍ରତିଯୋଗିତାର ଲାଇଭ୍ କଭରେଜ୍ ଓଟିଟି ପ୍ଲାଟଫର୍ମରେ ଫ୍ୟାନ୍‌କୋଡ୍ ପ୍ରସାର କରିବ। କ୍ରିକ୍‌ହିରୋଜ୍ ଏହାର ସ୍କୋରିଂ ପାର୍ଟନର୍ ରହିଛି ବୋଲି ଆୟୋଜକ ଟିଲୋ ଆଥଲେଟିକ୍ ଆସୋସିଏସନ୍‌ର ସଭାପତି ଲକି ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ତାଙ୍କ କହିବାନୁସାରେ, ଏହି ୧୦ଦିନିଆ ପ୍ରତିଯୋଗିତାରେ ଦୁଇ ଥରର ବିଜେତା କାନାରା ବ୍ୟାଙ୍କ୍ (ବେଙ୍ଗାଲୁରୁ) ସହ ଇଣ୍ଡିଆନ୍ ଅଏଲ୍ (ମୁମ୍ବାଇ), ୱାଣ୍ଡର ସିମେଣ୍ଟସ (ରାଜସ୍ଥାନ), ୟୁନିୟନ୍ ସ୍ପୋର୍ଟିଂ (କଟକ), ଏସ୍‌ପିଜେ କାର୍ଗୋ (ଦିଲ୍ଲୀ), ସାପିଏନ୍ସ (ଗୁରଗାଁଓ), ଜେପି ସ୍ପୋର୍ଟସ (ଉତ୍ତରପ୍ରଦେଶ), ଲାଇଟିଂ ଲିଜେଣ୍ଡ୍ସ (ଚଣ୍ଡୀଗଡ଼) ଅଂଶଗ୍ରହଣ କରିବେ। ଟିଲୋ କପ୍ କେବଳ ଏକ ପ୍ରତିଯୋଗିତା ନୁହେଁ, କ୍ରିକେଟପ୍ରେମୀଙ୍କ ପାଇଁ ଏକ ଉତ୍ସବ ବୋଲି ମାଷ୍ଟର୍ ସ୍ୱାଇଁ ପ୍ରକାଶ କରିଛନ୍ତି। ୨୦୦୨ ସଂସ୍କରଣରେ ଖଡ଼ଗପୁର ସେର୍‌ସା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମହେନ୍ଦ୍ର ସିଂହ ଧୋନିଙ୍କ ପାଇଁ ଏହି ଟ୍ରଫିକୁ ତାଙ୍କ ନାମରେ ନାମିତ କରାଯାଇଛି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ସମ୍ପାଦକ ସୁରେଶ ସ୍ୱାଇଁ ଟ୍ରଫି ଉନ୍ମୋଚନ କରିଥିବା ବଳେ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ରାଉଳ, ସଂଗ୍ରାମ ଜେନା, ଅଭିମନ୍ୟୁ ଲେଙ୍କା, ପ୍ରବୀଣ ଚୌଧୁରୀ, ଧରଣୀଧର ବିଶ୍ୱାଳ, ଇଂ ପ୍ରଶାନ୍ତ ପୃଷ୍ଟି ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

### ୩୮ ତମ ଜାତୀୟ କ୍ରୀଡା ପ୍ରତିଯୋଗିତା

# ଭାରୋତ୍ତଳନରେ ସୁରେଶଙ୍କୁ ମିଳିଛି କାଂସ୍ୟ ପଦକ




**ଡେରାଡୁନ୍, ୨।୨:** ୩୮ ତମ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସୁରେଶ ଯାଦବଙ୍କୁ କାଂସ୍ୟ ପଦକ ମିଳିଛି। ଖବର ମୁତାବକ, ୩୮ ତମ ଜାତୀୟ କ୍ରୀଡା ପ୍ରତିଯୋଗିତାର ଭାରୋତ୍ତଳନ ବିଭାଗର ପୁରୁଷ ୯୬ କେଜି ବିଭାଗରେ ଓଡ଼ିଶାର ସୁରେଶ କୁମାର ଯାଦବ ସ୍ନାଚରେ ୧୭୯ କେଜି ଓ କ୍ଲିନ ଏଣ୍ଡଜର୍କରେ ୧୭୩ କେଜି ଏବଂ ମୋଟ ୩୧୨ କେଜି ଉତ୍ତୋଳନ କରିଥିଲେ। ଯେଉଁଥିରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ବିଭାଗରେ ପଞ୍ଜାବର ଦିଲବାଗ ସିଂ ମୋଟ ୩୩୭ କେଜି ଓ ଉତ୍ତର ପ୍ରଦେଶର ପରଭ ଚୌଧୁରୀ ମୋଟ ୩୧୬ ଉତ୍ତୋଳନ କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଆଜି ସକାଳ ସମୟରେ ୮୨ କେଜି ପୁରୁଷ ବିଭାଗରେ ଓଡ଼ିଶାର ହୃଦାନନ୍ଦ ଦାସ ମୋଟ ୩୦୭ କେଜି ଉତ୍ତୋଳନ କରି ୪ର୍ଥ ସ୍ଥାନ ହାସଲ କରିଛନ୍ତି। ସେ ମାତ୍ର ୪ କେଜି ବ୍ୟବଧାନରେ କାଂସ୍ୟ ପଦକରୁ ବଂଚିତ ହୋଇଛନ୍ତି।ଉଭୟଖେଳାଳିଙ୍କୁଓଡ଼ିଶାଭାରୋତ୍ତଳସଂଘତରଫରୁଶୁଭେଚ୍ଛାଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗତବର୍ଷ...

(୪୧.୧୦ ପ୍ରତିଶତ), ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (୪୦.୮୯ ପ୍ରତିଶତ), ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ (୩୯.୦୧ ପ୍ରତିଶତ), ଉଚ୍ଚଶିକ୍ଷା ବିଭାଗ (୩୩.୯୪ ପ୍ରତିଶତ), ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ (୩୩.୬୭ ପ୍ରତିଶତ), ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (୩୩.୪୭ ପ୍ରତିଶତ) ଏବଂ ପାନୀୟ ଜଳ ଓ ପରିମଳ ବିଭାଗ (୩୧.୫୦ ପ୍ରତିଶତ)।

### ବଜାରକୁ...

ଏହାର ଲୋକପ୍ରିୟତା ଏଭଳି ବଢ଼ିଗଲା ଯେ ୧୮୯୫ରୁ ୧୯୦୧ ଭିତରେ ଏହାର ୮ଟି ସଂସ୍କରଣ ପ୍ରକାଶ ପାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଆମେ ସବୁ ଏହି 'ବର୍ଣ୍ଣବୋଧ'କୁ ପଢ଼ି ବଡ ହୋଇଛୁ। ଓଡ଼ିଆ ଭାଷାକୁ ଶିଖିଛୁ। ବର୍ଣ୍ଣବୋଧ ଆମ ମାଟି, ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରିଯାଇଛି। ଆମ ପାଇଁ 'ବର୍ଣ୍ଣବୋଧ' କହିଲେ 'ଛବିଳ ମଧୁ ବର୍ଣ୍ଣବୋଧ'କୁ ବୁଝାଉଥିଲା। ଓଡ଼ିଆ ଭାଷା ଶିକ୍ଷାଦାନରେ ବର୍ଣ୍ଣବୋଧର ବିକଳ୍ପ ନାହିଁ। ଶୁଦ୍ଧ ଓଡ଼ିଆ ପଢ଼ିବା ପାଇଁ ବର୍ଣ୍ଣବୋଧ ଅତ୍ୟନ୍ତ ଆବଶ୍ୟକ। ଆଜି ଆମ ଆଧୁନିକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଛି 'ଆନନ୍ଦମୟ ଶିକ୍ଷା' ଯାହାର ଲକ୍ଷ୍ୟ ହେଉଛି, ଚିତ୍ର, ଖେଳଣା, ଉଦାହରଣ ମାଧ୍ୟମରେ ଶିକ୍ଷାଦାନକୁ ଅଧିକ ବୋଧଗମ୍ୟ କରିବା। ବର୍ଣ୍ଣବୋଧ ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ।

୧୩୦ ବର୍ଷ ପରେ ମଧ୍ୟ ଏହାର ବିକଳ୍ପ ସାମ୍ନାକୁ ଆସିପାରିନାହିଁ। ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ବହିଟିର ନୂଆ ଶୋଭନ (ଇଲଷ୍ଟ୍ରେସନ୍) ସଂସ୍କରଣ ପାଇଁ ବିଶିଷ୍ଟ ଭାଷାବିତ୍ ଓ ସାହିତ୍ୟିକ କୈଳାଶ ଚନ୍ଦ୍ର ଟିକାୟତ ରାୟ, ଦାଶ ବେନହୁର, ବୈଷ୍ଣବ ଚରଣ ମହାନ୍ତି, ହରପ୍ରସାଦ ମିଶ୍ର ଓ ସନ୍ତୋଷ କୁମାର ରଥଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଏହି ନୂତନ ସଂସ୍କରଣଟି କୁନି କୁନି ପିଲାଙ୍କୁ ଓଡ଼ିଆ ଭାଷା ସହଜରେ ଶିଖିବା ଦିଗରେ ଯଥେଷ୍ଟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବର୍ଣ୍ଣବୋଧର ଡିଜିଟାଲ ସଂସ୍କରଣ, ଭାଷା ପ୍ରତିଷ୍ଠାନ ମୁଖପତ୍ର 'ଭାଷାପତ୍ର', ସତ୍ୟନାରାୟଣ ବହିଦାର ଓ ବାସୁଦେବ ସାହୁଙ୍କ ଜୀବନୀ ପୁସ୍ତକ ମଧ୍ୟ ଉନ୍ମୋଚନ କରିବା ସହ ଭକ୍ତକବିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଏବେ ସ୍ମାର୍ଟ କ୍ଲାସରୁମରେ ପିଲାଙ୍କୁ ଚିତ୍ର ମାଧ୍ୟମରେ ଶିକ୍ଷା ଦିଆଯାଉଛି। କିନ୍ତୁ ୧୮୫୩ରେ ଜନ୍ମିତ ଭକ୍ତକବି ପିଲାଙ୍କୁ ସେତେବେଳେ ସ୍ମାର୍ଟ ବହି ଧରାଇଥିଲେ। ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି ଏବଂ ଏଥିରେ ସମସ୍ତେ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂହ ଯୋଗଦେଇ ଆଜିର ପବିତ୍ର ଦିନ ସଂସ୍କୃତି, ସ୍ୱାଭିମାନ ଓ ଅସ୍ମିତାକୁ ବଜାୟ ରଖିବା ପାଇଁ ଏକ ସଂକଳ୍ପର ଦିନ ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

### ପ୍ରଫେସରଙ୍କ...

ବିଶ୍ୱବିଦ୍ୟାଳୟରେ ପହଞ୍ଚି ଖୋଳତାଡ଼ କରିଛନ୍ତି। ଦୀର୍ଘ ସମୟ ଧରି ଯାଞ୍ଚ ପରେ ଜ୍ୟୋତିବିହାର ପ୍ରଫେସର ଡକ୍ଟର ମହାରଣାଙ୍କୁ ଗିରଫ କରିବା ସହ ତାଙ୍କ ସରକାରୀ ବାସଭବନକୁ ସିଲ୍ କରାଯାଇଛି। ଏଥିସହ ତାଙ୍କ ଘରର ମୁଖ୍ୟ ଦରଜାରେ ଏକ ନୋଟିସ୍ ମଧ୍ୟ ସିବିଆଇ ଅଧିକାରୀମାନେ ଲଗାଇଛନ୍ତି।

ଶିକ୍ଷାନୁଷ୍ଠାନକୁ ନାକ୍ ମାନ୍ୟତା ଦେବା ପାଇଁ ଗଠିତ ୧୦ଜଣିଆ ଟିମର ସଦସ୍ୟ ଥିଲେ ଡ. ମହାରଣା। ଆନ୍ଧ୍ରର ଗୁଣ୍ଟୁରସ୍ଥିତ ଏକ ଶିକ୍ଷାନୁଷ୍ଠାନକୁ 'ଏ' ପ୍ଲସ୍ ପ୍ଲସ୍ ମାନ୍ୟତା ଦେଇଥିଲା କମିଟି। ଏହା ପଛରେ ବଡ଼ ଧରଣର ଲାଞ୍ଚ କାରବାର ନେଇ ଅଭିଯୋଗ ହୋଇଥିଲା। ସିବିଆଇ ଘଟଣାର ତଦନ୍ତ କରି ନଗଦ ୩୭ ଲକ୍ଷ ଟଙ୍କା ସହ ୬ଟି ଲାପଟପ୍, ସୁନା କଏନ୍ ଓ ଆଇ ଫୋନ୍ ଜବତ କରିଛି।

### ମଙ୍ଗଳବାର ...

ଏହି ଟିମ୍ କୋଣାର୍କ ପରିଦର୍ଶନରେ ଯିବେ। ଏଥିସହ କୋଣାର୍କ ନିକଟରେ ଥିବା ଗ୍ରାମପଞ୍ଚାୟତକୁ ମଧ୍ୟ ଟିମ୍‌ର ସଦସ୍ୟମାନେ ଗସ୍ତ କରିବେ। ଅପରାହ୍ନରେ ମେରାଇନ ଡ୍ରାଇଭ୍ ଦେଇ ଟିମ୍ ପୁରୀ ଅଭିମୁଖେ ଯିବେ। ପୁରୀ ରାଜଭବନରେ ମଧ୍ୟାହ୍ନଭୋଜନ କରିବା ସହ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିବେ। ସେଠାରେ ଟିମ୍ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ବ୍ଲୁ ଫ୍ଲାଗ ବିଚ୍ ବୁଲି ସନ୍ଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ କରି ଭୁବନେଶ୍ୱର ଫେରିଆସିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଗସ୍ତର ତୃତୀୟ ଦିନ ଅର୍ଥାତ ୬ ତାରିଖ ପୂର୍ବାହ୍ନରେ ଷୋଡ଼ଶ ଅର୍ଥ କମିଶନ ଓ ଟିମଙ୍କୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ଭେଟିବେ। ଅର୍ଥ କମିଶନଙ୍କୁ ରାଜ୍ୟ ସରକାର ନିଜର ଦାବିପତ୍ର ପ୍ରଦାନ କରିବେ। ପ୍ରାୟ ୫ ଘଣ୍ଟା ଧରି ରାଜ୍ୟ ସରକାର ଓ ଅର୍ଥ କମିଶନଙ୍କ ଟିମ ମଧ୍ୟରେ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆୟୋଜିତ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ଟିମ ସାମିଲ ହେବ। ଏହାପରେ ଅପରାହ୍ନରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ନିର୍ବାଚିତ ପ୍ରତିନିଧି, ତୃଣମୂଳ ସ୍ତରର ନିର୍ବାଚିତ ପ୍ରତିନିଧି, ଟ୍ରେଡ୍ ୟୁନିୟନ ସଦସ୍ୟଙ୍କ ସହ କମିଶନ ଆଲୋଚନା କରିବେ। ୭ ତାରିଖ ପୂର୍ବାହ୍ନରେ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରି ଟିମ୍ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ।

ଏହି ଗସ୍ତ ସମୟରେ ପାଞ୍ଚ ବର୍ଷର ଯୋଜନା ନେଇ ରାଜ୍ୟ ସରକାର କମିଶନଙ୍କ ନିକଟରେ ଦାବି ରଖିବେ। ଅର୍ଥ କମିଶନ ନିକଟରେ ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ରଖିବ ଓଡ଼ିଶା। ଏନେଇ ରାଜ୍ୟ କ୍ୟାବିନେଟରେ ଆସିଥିବା ପ୍ରସ୍ତାବ ଗୃହୀତ ହୋଇଛି। ଗତ ୨୨ ତାରିଖରେ କ୍ୟାବିନେଟ ବୈଠକ ପରେ ଏନେଇ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେହିପରି ଅର୍ଥ କମିଶନଙ୍କୁ ଭେଟି ବିଜେଡି ଏକ ଦାବିପତ୍ର ପ୍ରଦାନ କରିବ। ଏ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଛନ୍ତି। ନବୀନ ନିବାସରେ ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ଦୁଇ ପୂର୍ବତନ ଅର୍ଥ ମନ୍ତ୍ରୀ ଶଶୀଭୂଷଣ ବେହେରା ଓ ନିରଞ୍ଜନ ପୂଜାରୀଙ୍କ ସହ ନବୀନ ଆଲୋଚନା କରିଥିବା ଜଣାପଡ଼ିଛି।

### ବିଜେପି...

ପରେ ନିର୍ଦ୍ଦେଶକ ଭାବେ ଶ୍ରୀ ସାମଲ ୫-ଟି ଫର୍ମାଟରେ କାର୍ଯ୍ୟ କରି ସାମ୍ବାଦିକମାନଙ୍କୁ ଦୂର୍ ଦୂର୍ ମାର୍ ମାର୍ କରି ବିଜେପି ସରକାର ବିଶେଷକରି ବିଭାଗର ମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଅତ୍ୟନ୍ତ ଅପମାନଜନକ ସ୍ଥିତିରେ ପକାଉଛନ୍ତି।

ଏହାସତ୍ତ୍ୱେ ବି କିଛି ଅଫିସର ଓ ଆଉ କିଛି ବିଜେପି ନେତା ମିଶି ଅବସର ପରେ ଶ୍ରୀ ସାମଲଙ୍କୁ ରାଜ୍ୟର ସୂଚନା କମିଶନର ପଦବୀରେ ବସାଇବାକୁ ରାତିଦିନ ଏକ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଏହି ଖବର ଗୁଇନ୍ଦା ବାବୁମାନେ ଆଣିଛନ୍ତି କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବୃଦ୍ଧ ଦମ୍ପତିଙ୍କୁ...

ସହ ମୁଗାନ ମାଝୀଙ୍କ ଘର ବାହାରେ ଥିବା ହରଡ଼ ଡାଲିକୁ ଖାଇବା ସହ ଘର ଭାଙ୍ଗିଦେଇଥିଲେ। ଏଥିରେ ଭୟଭୀତ ହୋଇ ମୁଗାନ ଓ ତାଙ୍କ ପତ୍ନୀ ଗାଦ ମାଝୀ ଘର ଛାଡ଼ି ପଳାଇଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେମାନେ ଦୁର୍ଭାଗ୍ୟବଶତଃ ଗୋଟିଏ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଉକ୍ତ ବୃଦ୍ଧ ଦମ୍ପତିଙ୍କୁ ଦଳିଦେବା ସହ ଶରୀରକୁ ଖଣ୍ଡବିଖଣ୍ଡ କରି ଫିଙ୍ଗିଦେଇଥିଲା। ସକାଳୁ ସକାଳୁ ଗ୍ରାମବାସୀଙ୍କଠାରୁ ଖବର ପାଇ ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଜନୈକ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ଆଜି ହାତୀ ଆକ୍ରମଣରେ ଯେପରି ବୃଦ୍ଧ ଦମ୍ପତି ପ୍ରାଣ ହରାଇଲେ, ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ବନ ବିଭାଗ କର୍ମଚାରୀମାନେ ଦାୟୀ। କାରଣ ସେମାନେ ହାତୀଙ୍କ ଚଳପ୍ରଚଳ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ କୌଣସି ପ୍ରକାର ପ୍ରାକ୍ ସୂଚନା ଦେଉନାହାନ୍ତି। ହାତୀ ଲୋକଙ୍କ ଜୀବନ ନେଉଥିବା ସମୟରେ ପ୍ରଭାବିତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ବଡ଼ କଥା ନୁହେଁ। କାରଣ କାହା ଜୀବନର ମୂଲ୍ୟ କଦାପି ଟଙ୍କା ସହ ତୁଳନୀୟ ନୁହେଁ। ତେଣୁ ବନଖଣ୍ଡ ଅଧିକାରୀ ଠିକ୍ ଭାବେ ନିଜ ଦାୟିତ୍ୱ ତୁଲାଇଲେ, ହାତୀ କେଉଁ ବିଟ ଅଞ୍ଚଳରୁ କେଉଁ ବିଟ ଅଞ୍ଚଳକୁ ଯାଉଛନ୍ତି, ସେନେଇ ସ୍ଥାନୀୟ ବାସିନ୍ଦାମାନଙ୍କୁ ପୂର୍ବ ସୂଚନା ଦେଲେ, ଏପରି ଦୁର୍ଘଟଣା କମିପାରିବ ବୋଲି ଉକ୍ତ ବାସିନ୍ଦା ଜଣଙ୍କ କହିଛନ୍ତି।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଫରେଷ୍ଟର ଶ୍ରୀ ଶବର କହିଛନ୍ତି ଯେ ଗ୍ରାମବାସୀଙ୍କଠାରୁ ଖବର ପାଇବା ମାତ୍ରେ ଆମେ ଘଟଣାସ୍ଥଳକୁ ପହଞ୍ଚିଛୁ। ତଦନ୍ତ ଜାରି ରହିଛି। ଆଇନ ଅନୁସାରେ, ମୃତ ଦମ୍ପତିଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ମିଳିବ। ସ୍ଥାନୀୟ ଅଞ୍ଚଳରେ ଆମ ଟିମ୍ ସବୁବେଳେ ପାଟ୍ରୋଲିଂ ଚଳାଇଛନ୍ତି। ହାତୀ ଚଳପ୍ରଚଳ ନେଇ ମଧ୍ୟ ଲୋକଙ୍କୁ ଯଥେଷ୍ଟ ପୂର୍ବରୁ ସୂଚନା ଦିଆଯାଉଛି। ବର୍ତ୍ତମାନ ପୁଲିସ ମଧ୍ୟ ଏହି ଘଟଣାର ତଦନ୍ତ କରୁଥିବା ଶ୍ରୀ ଶବର କହିଛନ୍ତି।

### ବାବୁ ବଦଳିଲେ...

ବିଲ୍ ହୋଇଥିଲା। ପୂର୍ବରୁ ଯେତିକି ଟଙ୍କା ଖର୍ଚ୍ଚ ହେଉଥିଲା, ନୂଆ ଟେଣ୍ଡରରେ ତା'ଠାରୁ ଅଧିକ ଖର୍ଚ୍ଚ ହୋଇଥିଲା। ଟେଣ୍ଡରର ସର୍ତ୍ତକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇଥିଲା, ଯାହା ବେଆଇନ ବୋଲି ଅଭିଯୋଗ କରି ଟେଣ୍ଡର ବାତିଲ କରିବାକୁ କର୍ପୋରେସନ ନିଷ୍ପତ୍ତି ନେଇଥିଲା।

ନିଷ୍ପତ୍ତି ହେଲା ସିନା, ହେଲେ ଏହାକୁ ବାବୁ ମାନିଲେନି। ଏହାର ତଦନ୍ତ କରିବାକୁ କମିସନର ନିଷ୍ପତ୍ତି ନେଲେ। ତଦନ୍ତ କରିବାକୁ ବିଏମ୍‌ସିରେ ଅଳ୍ପ କିଛି ଦିନ ହେବ ନିଯୁକ୍ତି ପାଇଥିବା ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ତେବେ ତଦନ୍ତ ଆରମ୍ଭ ହେବା ପୂର୍ବରୁ ଅତିରିକ୍ତ ସହକାରୀ ଯନ୍ତ୍ରୀଙ୍କୁ ବିଏମ୍‌ସିରୁ ରାତିଅଧିଆ ବଦଳି କରାଗଲା। ତାହା ପୁଣି ସମସ୍ତ ନିୟମକାନୁନ୍‌କୁ ଜଳାଞ୍ଜଳି ଦେଇ। ନିୟମ ଅନୁସାରେ, ଯେଉଁ ସରକାରୀ କର୍ମଚାରୀଙ୍କର ୬ ମାସ ଚାକିରି ଥିବ, ସେମାନଙ୍କୁ ସମ୍ପୃକ୍ତ ଜାଗାରୁ ବଦଳି କରାଯିବ ନାହିଁ। ଯେଉଁ ଅଧିକାରୀଙ୍କୁ ବିନା କାରଣ ଦର୍ଶାଇ କମିସନର ବିଏମ୍‌ସିରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପଠାଇ ଦେଇଥିଲେ, ତାଙ୍କର ୬ ମାସରୁ କମ୍ ଦିନ ଚାକିରି ଥିଲା। ତାଙ୍କୁ ଏବେ ବିଭାଗରେ ଜାଗା ମିଳୁନି। ସେଠାରେ ଏହି ପଦବୀ ନାହିଁ। ଚାକିରି ୬ ମାସରୁ କମ୍ ଥିବାରୁ ତାଙ୍କୁ ମଧ୍ୟ ବିଭାଗ ଅନ୍ୟତ୍ର ପଠାଇ ପାରୁନାହିଁ। ଏଣୁ ସେ ଏବେ କୋର୍ଟ ଯିବାକୁ ସଜବାଜ ହେଉଛନ୍ତି। ଯାହା ବି ଆଦେଶ ଆସିବ, ସେଥିରେ ବିଏମ୍‌ସି କ୍ଷତିଗ୍ରସ୍ତ ହେବ। ଏସବୁ ପରିଣାମକୁ ଭ୍ରୂକ୍ଷେପ ନକରି ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ୍ ତାଙ୍କୁ ବଦଳି କରିଥିଲେ। ଏହି ଟେଣ୍ଡର କେଳେଙ୍କାରୀ ପଛରେ କମିସନରଙ୍କର ବି ହାତ ଥିବା ଏହି କାର୍‌ନାମାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ଏବେ ଅଶୋକ ଲେଙ୍କାଙ୍କର ସିଡିଏ ବଦଳି ହୋଇଥିଲେ ମଧ୍ୟ କମିସନର ରିଲିଭ୍ କରୁନାହାନ୍ତି। ମେୟର ବି ଚୁପ୍, କର୍ପୋରେଟରମାନେ ବି ନିରବ ଅଛନ୍ତି।

### ୮ରେ...

ବ୍ରାଞ୍ଚରେ ପହଞ୍ଚି ଏନ୍‌ପିସିଆଇ କରାଇନେବାକୁ ଉପମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁମାନଙ୍କ ପାଖକୁ ଫୋନକଲ୍ ବା ମେସେଜ ଆସିଛି, ସେମାନେ ବ୍ୟାଙ୍କକୁ ଯାଆନ୍ତୁ। ସମସ୍ତ ବ୍ୟାଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏନ୍‌ପିସିଆଇ ଫେଲ ହେବା ଯୋଗୁଁ ଯେଉଁମାନେ ଆସନ୍ତା ୮ରେ ଟଙ୍କା ପାଇବେ ନାହିଁ, ସେମାନେ ଆଦୌ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। କାରଣ ଏନ୍‌ପିସିଆଇ କ୍ଲିଅର୍ ହେବା ପରେ ସେମାନଙ୍କୁ ଆସନ୍ତା ମାର୍ଚ୍ଚରେ ଏକକାଳୀନ ଦୁଇଟି କିସ୍ତି ମିଳିପାରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।



## ମାର୍ଶାଘାଇ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସରସ୍ୱତୀଙ୍କ ପୂଜା

**ମାର୍ଶାଘାଇ, ୨।୨ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ବାଗଦେବୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ମାର୍ଶାଘାଇର ଥିବା କଲେଜ ପଶ୍ଚିମ ଗେଟ ନିକଟସ୍ଥ ରିଯୋନାନ୍ସ କୋଚିଂ ସେଣ୍ଟରର ଅଧ୍ୟାପକ ବିକ୍ରମ କୁମାର ପାଇଟାଳଙ୍କ ପୌରୋହିତ୍ୟରେ ମା ସରସ୍ୱତୀଙ୍କ ପୂଜା ଧୂମଧାମରେ ରବିବାର ପାଳିତ ହୋଇଛି । ଅଧ୍ୟାପକ ଉମାକାନ୍ତ ଦାସ,ଅଧ୍ୟାପକ ଜ୍ଞାନ ରଞ୍ଜନ ବସନ୍ତିଆ, ଅଧ୍ୟାପକ ତୁଷାର ଦାସ, ଅଧ୍ୟାପିକା ରୋଜାଲିନ ବିଶ୍ୱାଳ, ସୁଚିତ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀ ଚନ୍ଦନ କୁମାର ରଥ, ଛାତ୍ରୀ କଲ୍ପିତା ବେହେରା, ଗଙ୍ଗୋତ୍ରୀ ସାହୁ, ଛାତ୍ର କ୍ରିଷ୍ଣକାନ୍ତ ନାୟକ,ରାଜେଶ ଶତ୍ରୁ ସଲ୍ୟ, ସତ୍ୟ ରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ମାର୍ଶାଘାଇ ମହାବିଦ୍ୟାଳୟ, କରିଲୋପାଟଣା ମହାବିଦ୍ୟାଳୟ, ଅନ୍ତେଇ ବିଜୁପଟ୍ଟନାୟକ ମହାବିଦ୍ୟାଳୟ, ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଶିଳିପୁର ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ସମେତ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ମା ସରସ୍ୱତୀ ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ଗରଜଙ୍ଗାର ତାରିଣୀ ଶିକ୍ଷାନୁଷ୍ଠାନ ସମୂହ, ଜୁଣଛକର ରୟାଲ ଗାଇଡ଼ ଶିକ୍ଷାନୁଷ୍ଠାନ, ଜୁଣଛକସ୍ଥିତ ମାର୍ଶାଘାଇ ନର୍ସିଂ ସ୍କୁଲ, ଆର୍ଟ୍ସ ପଏଣ୍ଟ କୋଚିଂ ସେଣ୍ଟର ପ୍ରଭୃତି ବେସରକାରୀ ଶିକ୍ଷାନୁଷ୍ଠାନ ରେ ସରସ୍ୱତୀଙ୍କ ପୂଜା ହୋଇଯାଇଛି । ସେହିପରି ଉକ୍ତ ବରେଇ, ଗୋଧନ, ପେଣ୍ଠ, ଦରବଛା, ମାଣତିର, ଶିଳିପୁର, ଡଅଁରମୁଣ୍ଡ, ଦଶିପୁର ପ୍ରଭୃତି ଗ୍ରାମର ପୂଜାମଣ୍ଡପ ଏବଂ କ୍ଲବରେ ମା ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି ।

## ୪ରୁ ୮ ପର୍ଯ୍ୟନ୍ତ ହେବ ସୁକିନ୍ଦା ଶିଳ୍ପ ମହୋତ୍ସବ

**କଳିଙ୍ଗନଗର, ୨।୨ (ସଂଚାର ବ୍ୟୁରୋ) :** ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ତେଲିବାହାଳୀ ମହାପାଟ ପଡିଆ ଠାରେ ଅନୁଷ୍ଠିତ ହେବ ସୁକିନ୍ଦା ଶିଳ୍ପମହୋତ୍ସବ। ମହୋତ୍ସବ ପ୍ରଥମଦିବସ ଫେବୃଆରୀ ୪ ତାରିଖ ସକାଳ ସମୟରେ ମିଲିଟାରୀ ଛକଠାରୁ ଏକ ଶିଳ୍ପ ମହୋତ୍ସବ ମାରାଥନ ହେବ। ଏହି ମହୋତ୍ସବକୁ ସୁକିନ୍ଦା ଓ ଦାନଗଦିବାସୀ ନିଜର ଭାବି ସମସ୍ତେ ଯୋଗଦାନ କରିବା ପାଇଁ ମହୋତ୍ସବ କମିଟି ନିବେଦନ କରିଛି। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ପ୍ରତିଭାମାନଙ୍କୁ ମଞ୍ଚରେ ନିଜର କଳା ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦିଆଯିବ। ରାତିରେ ବଲିଉଡ ଓ ଓଲିଉଡ଼ କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ କରିବେ। ଓଡିଶୀ, ଆସମର ବିହୁ ନୃତ୍ୟ ସହ ନାମିଦାମୀ କମେଡିଆନଙ୍କର ଶୋ ଦେଖିବାକୁ ମିଳିବ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଶିଶୁ ଓ ମହିଳା, ପୁରୁଷ, ଯୁବକ ମାନଙ୍କୁ ଏ ମଞ୍ଚରେ ସମ୍ବର୍ଦ୍ଧନା କରାଯିବ। ବିଭିନ୍ନ ବିଦ୍ୟାଳୟ, କଲେଜ ମାନଙ୍କରେ ପ୍ରତିଭା ଚୟନ କରାଯିବ। ଏ ମହୋତ୍ସବରେ ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାମାନଙ୍କ ଷ୍ଟଲ, ଦୋକାନ ଖୋଲାଯିବ। ପ୍ରଥମ ଦିବସରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦଘାଟନ କରିବାକୁ ଥିବା ବେଳେ କେତେକ ବିଧାୟକ ଓ ଜିଲ୍ଲାପାଳ, ଏସ. ପି. ଅତିରିକ୍ତ ଜିଲ୍ଲାପାଳ, ସ୍ଥାନୀୟ ପ୍ରଶାସନ, କାରଖାନା କର୍ତ୍ତୃପକ୍ଷ ଯୋଗ ଦେବେ ବୋଲି ଆଜିଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମହୋତ୍ସବ କମିଟିର ସଭାପତି ପ୍ରଶାନ୍ତ କୁମାର ରାୟ।

## ଭିତରକନିକାରେ ଆର୍ଦ୍ରଭୂମି ଦିବସ ପାଳିତ




**ରାଜନଗର, ୨।୨ (ସଂଚାର ବ୍ୟୁରୋ) :** ବିଶ୍ୱ ଆଦ୍ରଭୂମିର ସରକ୍ଷଣ ଏବଂ ବିଶ୍ୱ ମାନବୀୟ ବ୍ୟବହାର ନିମନ୍ତେ ଓଡ଼ିଶାର ଦ୍ୱିତୀୟ ରାମସାର ସାଇଟର ମାନ୍ୟତା ପାଇଥିବା ଭିତରକନିକାର ଆଦ୍ରଭୂମିର ସୁରକ୍ଷା କ୍ଷେତ୍ରରେ କିଭଳି ଯତ୍ନବାନ ହୋଇପାରିବା ଏନେଇ ବିଶ୍ୱ ଆଦ୍ରଭୂମି ଦିବସରେ ଆଲୋଚନା କରାଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା। ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ଠାରେ ଆୟୋଜିତ ଆଦ୍ରଭୂମି ଦିବସ କାର୍ଯ୍ୟକ୍ରମ ରେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଂଜନ ବେଉରା ପୌରହିତ୍ୟ କରିଥିଲେ। ଏସିଏଫ ଗଗନ ବିହାରୀ ମଲ୍ଲିକ, ଏସିଏଫ ପୁନମ ହୀରା ହାଂସଦା, ଇଡିସି ସଭାପତି ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଦ୍ରଭୂମିର ଅବକ୍ଷୟ କ୍ଷେତ୍ରରେ କଳ କାରଖାନା ନିର୍ଗତ ବିଷାକ୍ତ ଜଳର ପ୍ରଭାବ ସହିତ ଚିଙ୍ଗୁଡି ଘେରୀ ଏହାର ବିପଦ ର ପ୍ରଧାନ କାରଣ ହୋଇଥିବାରୁ ଆଦ୍ରଭୂମି ସୀମା ମଧ୍ୟରେ ବସବାସ କରୁଥିବା ଲୋକମାନେ ଏ ଦିଗରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏସିଏଫ ମାନସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟଗାର୍ଡ ସୁନୀଲ ରଂଜନ ରାଉତରାୟଙ୍କ ସମେତ ବନ କର୍ମଚାରୀ ମାନେ ପରିଚାଳନା କରିଥିବା ବେଳେ ଡାଙ୍ଗମାଳ, ବାଙ୍କଆଳ ଗାଁର ଇଡିସି ସଦସ୍ୟ ମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ପାରିଲେନି ନବୀନ, ପାରିବେ ତ ସଞ୍ଜୟ ?

### ବ୍ରହ୍ମପୁର ବିଜେଡି କଳି





**ବ୍ରହ୍ମପୁର, ୨।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିଜେଡି କ୍ଷମତାଚ୍ୟୁତ ହୋଇଥିବା ବେଳେ ଗଞ୍ଜାମରେ ଦଳ ଶୋଚନୀୟ ଭାବେ ପରାଜୟ ବରଣ କରିଥିଲା। ହିଂଜିଳି ଏବଂ ସାନଖେମୁଣ୍ଡିକୁ ଛାଡିଦେଲେ ଅନ୍ୟ ସମସ୍ତ ଆସନ ଏବେ ପଦ୍ମ କ୍ୟାମ୍ପ କବଜାରେ ରହିଛି। ସାନଖେମୁଣ୍ଡିରେ କଂଗ୍ରେସ ଜିତିଛି। ମାତ୍ର ଅଳ୍ପ ସଂଖ୍ୟକ ଭୋଟ ବ୍ୟବଧାନରେ ହିଂଜିଳିରୁ ନବୀନ ପଟ୍ଟନାୟକଙ୍କ ବିଜୟ ବି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ଏପରି ସ୍ଥଳେ ରାଜ୍ୟ ଶଙ୍ଖ ଦଳର ୱାର୍ ରୁମ୍ କୁହାଯାଉଥିବା ଗଂଜାମ ଏବଂ ବ୍ରହ୍ମପୁରରେ ଦଳର ସ୍ଥିତି ଉପରେକୁ ନ ଦେଖାଯାଉଥିଲେ ବି ଭିତିରିଆ ସଙ୍ଗୀନ ରହିଛି। କିଏ ନେତୃତ୍ୱ ନେବ ତାକୁ ନେଇ ନିଜ ନିଜ ଗୋଷ୍ଠୀ ଜରିଆରେ ଦୁଇ ହେବିୱେଟ୍ ନେତା ପାୱାର୍ ଦେଖାଉଛନ୍ତି। ଯାହାର ସ୍ପଷ୍ଟ ଚିତ୍ର ଗତ ମହାନଗର ନିଗମ ସାଧାରଣ ପରିଷଦ ବୈଠକରେ ଦେଖିବାକୁ ମିଳିଥିଲା।

ସମ୍ପ୍ରତି, ରାଜ୍ୟରେ ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ଼ କରିବାକୁ କିଛି ଦଳୀୟ ହେବିୱେଟ୍‌ଙ୍କୁ ପାର୍ଟି ହାଇକମାଣ୍ଡ ଦାୟିତ୍ୱ ଦେଇଛନ୍ତି। ଏହି କ୍ରମରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କୁ ଗଞ୍ଜାମର ଅଧା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଜିଲ୍ଲାର ୪ ନିର୍ବାଚନ ମଣ୍ଡଳୀ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର ଓ ସାନଖେମୁଣ୍ଡି ଦାୟିତ୍ୱ ନେଇଛନ୍ତି ସଞ୍ଜୟ। କୁହାଯାଉଛି ସ୍ଥାନୀୟ ଶଙ୍ଖ ଶିବିରରେ ବର୍ତ୍ତମାନ ଭିତିରିଆ ବିଶୃଙ୍ଖଳା ସହ ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ଦଳର ଏହି ବରିଷ୍ଠ ନେତାଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇପାରେ।

ପ୍ରକାଶଯୋଗ୍ୟ ଯେ ପୂର୍ବରୁ ବ୍ରହ୍ମପୁରରେ ନେତାଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିବା ପରେ ଦଳୀୟ ତୁଙ୍ଗ ନେତା ଏହାର ସମାଧାନ କରିବାକୁ ଉଦ୍ୟମ କରି ଫେଲ୍ ମାରିଥିଲେ। ଖୋଦ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଏଥିରେ ହସ୍ତକ୍ଷେପ କରିବା ପରେ ବି ବିବାଦ ତୁଟିନଥିଲା। ଏବେ ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମାଙ୍କୁ ଏଠିକାର ସଂଗଠନର ଦାୟିତ୍ୱ ଦିଆଯାଇଥିବା ବେଳେ ଏଭଳି ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ସଭିଙ୍କୁ ଏକାଠି କରି ସଂଗଠନକୁ ସୁଦୃଢ଼ କରିବାରେ କିପରି ସଫଳ ହେବେ ତାହା ଆଗାମୀ ଦିନରେ ହିଁ ଜଣାପଡିବ।

## ପଟ୍ଟାମୁଣ୍ଡାଇର ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା

**ପଟ୍ଟାମୁଣ୍ଡାଇ, ୨।୨ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇର ବିଭିନ୍ନ ଅନୁଷ୍ଠାନରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ଉତ୍ସବ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ, ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମଦନପୁର ଯୁକେ ମହାବୀର ମହାବଦିଦ୍ୟାଳୟ, ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ.ଏନ ହାଇସ୍କୁଲ, ପଚାଂୟତ ହାଇସ୍କୁଲ କଷଣଅଂଟା, ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ, ବକ୍ତାରପୁର ହାଇସ୍କୁଲ, ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ, ଅଠରବାଟିଆ ବିଏମ ହାଇସ୍କୁଲ, ପିଏଲ ବିଦ୍ୟାପୀଠ ଚନ୍ଦନଗର, ମଣ୍ଡପଡା ହାଇସ୍କୁଲ, ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ମନ୍ଦିର, ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାଶ୍ରମ, ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ ସ୍କୁଲ, ଗ୍ଲୋବାଲ ବ୍ରିଲିଆଂଟ ସ୍କୁଲ, ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନ, ସବରେଜିଷ୍ଟ୍ରାର ଅଫିସ ଓ ପଟ୍ଟାମୁଣ୍ଡାଇ ପୌରାଚଂଳର ବିଭିନ୍ନ ସରସ୍ୱତୀ ପୂଜା କମିଟି ତରଫରୁ ବାଗଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ବୈଦିକ ରୀତିନୀତିରେ ମହାସମାରୋହରେ ପାଳିତ ହୋଇଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ କଷଣଅଂଟା ଗ୍ରାମର ମା ଜଞ୍ଜାଳୀ ପୂଜା କମିଟି ଏବଂ ପୋଖରୀଆପଡା ଗ୍ରାମର ପୋଖରୀଆପଡା ପୂଜା କମିଟି, ହରପାର୍ବତୀ ପୂଜା କମିଟି, ବେହେରା ସାହି ପୂଜା କମିଟି, ଯଙ୍ଗଷ୍ଟାର ପୂଜା କମିଟି, ବାଲିପଡା, ଆଦି ପୂଜା କମିଟି ପକ୍ଷରୁ ଧୁମଧାମରେ ପୂଜା ପାଳିତ ହୋଇଯାଇଛି ।

## ତନ୍ନାର ମଠରେ ସହିଦ ଦିବସ ପାଳିତ



**କେନ୍ଦ୍ରାପଡ଼ା, ୨।୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲାର କୋରୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତନାର ସ୍ଥିତ ଅନ୍ୟତମ ସୁପ୍ରସିଦ୍ଧ ଶ୍ରୀ ରାଧାମୋହନଜୀଉଙ୍କ ମଠ ପରିସରରେ ଶହୀଦ ଦିବସ ଏବଂ ବରଦ ଗଣେଶ ଚତୁର୍ଥୀ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଚୈତନ୍ୟ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା ମୁଖ୍ୟ ଅତିଥି ଭାବରେ ଯୋଗଦାନ ପୂର୍ବକ ଉଭୟ ଶହୀଦ ଦିବସ ଏବଂ ବରଦ ଗଣେଶ ଚତୁର୍ଥୀର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନ ଗାଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ମହ୍ଲାର ଅର୍କେଷ୍ଟ୍ରାର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଏବଂ ଭୁବନେଶ୍ୱରର ନବରଙ୍ଗ ଭଜନ ସନ୍ଧ୍ୟାର କଳାକାରମାନେ ସୁଗମ ସଙ୍ଗୀତ ଗାଇଥିଲେ । ନିରୁପମା ଜେନା ବୈଷ୍ଣବ ଜନତୋ ଗାଇବା ସହିତ ସିଦ୍ଧ ବଳଦେବଜୀଉଙ୍କ ଭଜନ ଗାଇଥିଲେ। ଉପେନ୍ଦ୍ର ପାଢ଼ୀ ଭଜନ ଓ ଦେଶ ବନ୍ଦନା ଗାଇଥିଲେ। ରଞ୍ଜନ ବରାଳ, ଅଜୟ ଜେନା, ବଳରାମ ମଲିକ,ତୋଫାନ ମଲିକ,ଦିଲ୍ଲୀପ ବାରିକ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ନିବେଦିତା ନାୟକ, କୁସୁମ ପଣ୍ଡା,ପ୍ରତୀକ୍ଷା ନାୟକ, ଅଙ୍କିତା ସାହୁ, ଅର୍ପିତା ସାହୁ ନୃତ୍ୟ ପରିବେଷଣ କରିଥିଲେ।

## ଧାର୍ମିକ ଆଲୋଚନା ଓ କବିତା ପାଠୋତ୍ସବ: ହୃଦୟର କଥା କହେ କବିତା



**କେନ୍ଦ୍ରାପଡ଼ା, ୨।୨ (ସଂଚାର ବ୍ୟୁରୋ) :** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଜଗନ୍ନାଥପୁର ରୁଦ୍ର ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଧାର୍ମିକ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜର ହିତ ପାଇଁ ଯଜ୍ଞର ଆବଶ୍ୟକତା ଶୀର୍ଷକ ଆଲୋଚନାରେ ଭାଗ ନେଇ ସମ୍ମାନିତ ଅତିଥି ଭାବେ ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ବରିଷ୍ଠ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ବେହେରା, ବିଶିଷ୍ଟ ବାସ୍ତୁବିତ ନାରାୟଣ ପତି ନିଜ ଅଭିଭାଷଣରେ ଯଜ୍ଞ ଭାଇଚାରା ସୃଷ୍ଟି କରିବା ସହ ଏହା ସମସ୍ତଙ୍କୁ ଆଧ୍ୟାତ୍ମିକ ଚେତନାରେ ବାନ୍ଧି ରଖେ । ଦୂରରେ ରହୁଥିବା ଲୋକମାନଙ୍କୁ ଗାଁକୁ ଟାଣି ଆଣି ଥାଏ । ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯଜ୍ଞ କମିଟିର ସମ୍ପାଦକ ନାରାୟଣ ଲେଙ୍କା ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଅଶୋକ କୁମାର ସାହୁ ଓ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନା ଅନୁଷ୍ଠିତ କବିତା ଆସରରେ ସର୍ବଶ୍ରୀ ଅଜୟ କୁମାର ପାତ୍ର, ରଞ୍ଜନ ବାଇ,ଗୀତାଞ୍ଜଳି ସାହୁ, ଗଗନ ବିହାରୀ ଜେନା, ସହଦେବ ଜେନା, ଅନନ୍ତ ଚରଣ ନାୟକ, ନକୁଳ ଚରଣ ପୃଷ୍ଟି, ଋତୁପର୍ଣ୍ଣା ନାୟକ, ନିରାକାର ମଲ୍ଲିକ, ଶରତ ଚନ୍ଦ୍ର ନାୟକ ପ୍ରମୁଖ ୩୦ ଜଣରୁ ଉର୍ଦ୍ଧ୍ୱ କବି କବିତା ଆବୃତ୍ତି କରିଥିଲେ। ଶେଷରେ କବି ଅଜୟ କୁମାର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

● ହାଇୱା ଧକ୍କାରେ ଅବସରପ୍ରାପ୍ତ ସମବାୟ ସମିତି କର୍ମଚାରୀଙ୍କ ମୃତ୍ୟୁ

## ଶବ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

**ବାଲିଅନ୍ତା, ୨।୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଜୟଦେବ ହାଇସ୍କୁଲ ନିକଟରେ ଆଜି ପୂର୍ବାହ୍ନ ୧୦ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।



ମୃତକ ହେଲେ ନୁଆସାହି ଗ୍ରାମର ପିତବାସ ପଣ୍ଡା (୭୦) । ଫିରିଙ୍ଗିରା ଅଭିମୁଖେ ଦ୍ରୁତବେଗରେ ଯାଉଥିବା ଏକ ହାଇୱା ନିୟନ୍ତ୍ରଣ ହରାଇ ପିତବାସଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ପିତବାସଙ୍କ ମୃତ୍ୟୁ ହୋଇଯାଇଥିଲା। ପିତବାସଙ୍କ ମୃତ୍ୟୁ ଖବର ପ୍ରଚାର ହୋଇଯିବା କ୍ଷଣି ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଘଟଣାସ୍ଥଳକୁ ଧାଇଁ ଆସିଥିଲେ । ଉତ୍ତ୍ୟକ୍ତ ଲୋକେ ମୃତଦେହ ରାସ୍ତାରେ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ । ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୨ ଘଣ୍ଟା ଧରି ରାସ୍ତାରୋକ କରାଯାଥିଲା । ଖବର ପାଇ ବାଲିଅନ୍ତା ଥାନା ଅଧିକାରୀ ରବିନ୍ଦ୍ର ନାଥ ମେହେର ଏବଂ ଜୋନ - ୪ ଏସିପି ମାନସ ରଞ୍ଜନ ଦେଓ ପୁଲିସ ଫୋର୍ସ ନେଇ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

● ଚାପି ରଖିଥିଲେ ସହକାରୀ ଯନ୍ତ୍ରୀଙ୍କ ବଦଳି ଆଦେଶ

## ଖବର ପ୍ରକାଶନ ପରେ ରିଲିଭ୍ କରାଗଲା

**ନବରଙ୍ଗପୁର/ରାଇଘର, ୨।୨ (ସଂଚାର ବ୍ୟୁରୋ) :** ଚାରିମାସ ଧରି ବାବୁଙ୍କ ବଦଳି ଆଦେଶକୁ ଚାପି ରଖିଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶର ଦିନକ ମଧ୍ୟରେ ଉଚ୍ଚକର୍ତ୍ତୃପକ୍ଷ ତତ୍ପର ହୋଇ ବାବୁଙ୍କୁ ରିଲିଭ୍ କରିଛନ୍ତି। ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ରାଇଘର ସହକାରୀ ଯନ୍ତ୍ରୀ ଗଣେଶଚନ୍ଦ୍ର ହେମ୍ବ୍ରମଙ୍କୁ ଶୁକ୍ରବାର ବିଭାଗୀୟ ନିର୍ବାହୀଯନ୍ତ୍ରୀ ତିଲୋତ୍ତମା ପ୍ରଧାନ ରିଲିଭ୍ କରି ଦେଇଛନ୍ତି । ତାଙ୍କୁ କଟକ ଜିଲ୍ଲା ଟାଙ୍ଗି-ଚୌଦ୍ୱାର ଆରଡି ଡିଭିଜନ୍-୧ରେ ଯୋଗଦେବା ଲାଗି ରିଲିଭ୍ କରାଯାଇଛି । ଏଥିସହ ରାଇଘର ସହକାରୀଯନ୍ତ୍ରୀ ଜୟପ୍ରକାଶ ସୋରେନଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉକି, ରାଇଘର ସହକାରୀ ଯନ୍ତ୍ରୀ ଶ୍ରୀ ହେମ୍ବ୍ରମଙ୍କୁ ଗତ ସେପ୍ଟେମ୍ବର ୨୭ରେ ବିଭାଗ ପକ୍ଷରୁ କଟକ ଜିଲ୍ଲା ଟାଙ୍ଗି-ଚୌଦ୍ୱାର ଆରଡି ଡିଭିଜନ୍-୧କୁ ବଦଳି କରାଯାଇଥିଲା। ବଦଳି ଆଦେଶର ୪ ମାସ ପରେ ମଧ୍ୟ ତାଙ୍କୁ ରିଲିଭ୍ କରାଯାଇ ନଥିଲା। ଏଭଳିକି ତାଙ୍କ ମୂଳ ଚାକରି ସ୍ଥାନ ରାଇଘର ସମେତ ୫ଟି ସବ୍‌ଡିଭିଜନର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଚାପି ରଖିଥିବା ବଦଳି ଆଦେଶକୁ ଶେଷରେ କାର୍ଯ୍ୟକାରୀ କରାଯାଇଛି ବୋଲି ଆଇନଜୀବୀ ସନ୍ତୋଷ ମିଶ୍ର କହିଛନ୍ତି।

## ଏପ୍ରିଲ ୧୧ରେ ମୁକ୍ତିଲାଭ କରିବ ପପୁ ପମ୍‌ପମ୍‌ଙ୍କ ଫିଲ୍ମ 'ଡଷ୍ଟବିନ୍'




**ଭୁବନେଶ୍ୱର, ୨।୨ (ସଂଚାର ବ୍ୟୁରୋ) :** ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅଭିନୟ ଧାରା ଆପଣେଇଛନ୍ତି ଅଭିନେତା ପପୁ ପମ୍‌ପମ୍। ପ୍ରଥମ ଥର ପାଇଁ ସୁଟିଂ ସେଟରେ କରାଯାଇଛି ଫିଲ୍ମର ଶୀର୍ଷକ ଘୋଷଣା। ପିକେ ଫିଲ୍ମ ବ୍ୟାନରରେ ସୁଟିଂ ଆରମ୍ଭ ହୋଇ ଯାଇଥିବା ପପୁଙ୍କ ଆଗାମୀ ଫିଲ୍ମର ଶୀର୍ଷକ ରହିଛି 'ଡଷ୍ଟବିନ'। ଏଥିରେ କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ ସହିତ ନିର୍ଦ୍ଦେଶନା ବି ଦେଉଛନ୍ତି ପପୁ। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ଡ ଦୀପକ ଜେନା ସଂଳାପ ରଚନା କରିଥିବା ବେଳେ କ୍ୟାମେରା ପରିଚାଳନା କରିଛନ୍ତି ଶୁଭମ। ଡ. ନିର୍ମଳ ନାୟକ, ଡ.ଦୀପକ ଜେନା ଓ ସାମ୍ପ୍ରତିକ ସମୟର ଆଗଧାଡିର ଗୀତିକାର ରଞ୍ଜନ ନାୟକଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଳଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି। ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ଫିଲ୍ମରେ ରହିଛି ଦମଦାର ଷ୍ଟାରକାଷ୍ଟ। ଅଳ୍ପ ଦିନର ବ୍ୟବଧାନ ପରେ ପପୁ ବଡ଼ପରଦାକୁ ଫେରୁଛନ୍ତି, ପୁଣି ଥରେ ନାୟକ ଭୂମିକାରେ। ଏଥିରେ ତାଙ୍କର ନାୟିକା ଅଛନ୍ତି ପ୍ରାଚୀ। ଦକ୍ଷିଣ ଭାରତୀୟ ଛବିରେ ଜଣେ ନବାଗତା ଭାବେ ପ୍ରାଚୀଙ୍କର ବେଶ ସୁନାମ ରହିଛି। ଆଜିକା ତାରିଖରେ ନେଟଫ୍ଲିକ୍ସ ଓ ହଟଷ୍ଟାର ଭଳି ଓଟିଟି ପ୍ଲାଟଫର୍ମରେ ବ୍ୟସ୍ତ ଥିବା ଓ ଚର୍ଚ୍ଚା ସାଉଁଟିଥିବା ଓଡ଼ିଆ ପୁଅ ସୁକୁମାର ଟୁଡୁଙ୍କୁ ଏକ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟାନ୍ୟ ଚରିତ୍ରରେ ଦମନ ଓ ପ୍ରତୀକ୍ଷା ଫେମ ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖ ନଜର ଆସିବେ। ନିଉ ଏଜ ସିନେମା କୁହାଯାଉଥିବା 'ଡଷ୍ଟବିନ' ଏକ ସସ୍ପେନ୍ସ ଥ୍ରୀଲର। ଏଥିରେ ଲଭ, ରୋମାନ୍ସ, ଆକ୍ସନ, ଇମୋସନ ସବୁକିଛି ଭରିରହିଛି। ସାଧାରଣ ପ୍ରେମ କାହାଣୀରେ ଡଷ୍ଟବିନ କେମିତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରେ ତାର ନିଆରା ନଜିର ରହିଛି ଏହି ଚଳଚ୍ଚିତ୍ରରେ। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏପ୍ରିଲ ୧୧ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପିକେ ଫିଲ୍ମ ପକ୍ଷରୁ ସୂଚନା ଦିଆଯାଇଛି।

# ନୟାଗଡ଼ରେ ବୃଦ୍ଧି ପାଉଛି ଚାନ୍ଦା ଆଦାୟ

### ବିଜେପିକୁ ବୁଡ଼ାଇବାକୁ ବସିଛନ୍ତି ଦଳଡିଆଁ ନେତା

**ନୟାଗଡ଼, ୨।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ଶାସନ ପ୍ରତିଷ୍ଠା ହୋଇଛି । ନୟାଗଡ଼ ଜିଲ୍ଲାରେ ଦୁଇ ଦୁଇ ଅନୁପାତରେ ସରକାର ଓ ବିରୋଧି ଦଳ ବିଧାୟକ ରହିଛନ୍ତି । ବିଧାୟକମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ଉତ୍ତମ ବୁଝାମଣା ପାଇଁ ଜିଲ୍ଲାରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି । ମାତ୍ର ଏବେ ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଭାଗ ଅଧିକାରୀ ଚାନ୍ଦା ଆଦାୟକାରୀଙ୍କ ଦ୍ୱାରା ଶୋଷିତ ହୋଇ ରାମ ରାମ ଡାକ ଛାଡୁଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲାର ଏକ ପଞ୍ଚାୟତରୁ ବିତାଡ଼ିତ ଜନପ୍ରତିନିଧି ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଧମକ ଚମକ ଦେଇ ଚାନ୍ଦା ମାଗୁଥିବା ନେଇ ଅନେକ ଅଭିଯୋଗ ସାମ୍ନାକୁ ଆସିଛି । ନିଜକୁ ରାଣୀମାଙ୍କ ପ୍ରମୁଖ ଏବଂ ବାଚସ୍ପତିଙ୍କ ଅଫିସିଆଲ ବୁଝୁଛି କହି ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ଚାନ୍ଦା ମଗାଯାଉଥିବା ଜଣାଯାଇଛି । ଏପରିକି ଅନେକ ସରକାରୀ କାର୍ଯ୍ୟାଳୟରେ ପଶି ଉକ୍ତ ବ୍ୟକ୍ତି ଜଣଙ୍କ ଆରଟିଆଇ ମାଗିବା ଆଳରେ ଧମକ ଦେଉଥିବା, ଏ ବାବଦରେ ଅର୍ଥ ଦାବି କରୁଥିବା ଅନେକ କର୍ମଚାରୀ ନାମ ଗୋପନ ସର୍ତ୍ତରେ କହିଛନ୍ତି ।

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ଅଧିନରେ ରହିଛି । ନୟାଗଡ଼ ଜିଲ୍ଲା ସଦରମହକୁମାର ସମସ୍ତ କାର୍ଯ୍ୟାଳୟ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅଧିନରେ ରହିଛି । ଯାହାକୁ ସୁଯୋଗ ବୋଲି ଭାବି ଏଭଳି କାରବାରକୁ ଜୋରଦାର କରାଯାଉଥିବା ଜଣାପଡ଼ିଛି । ନୟାଗଡ଼ ଜିଲ୍ଲାରେ ବିଜେପିର ଅନେକ ନେତୃତ୍ୱ ଦଳକୁ ସଂଗଠିତ କରି ଆଗକୁ ନେବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଏଭଳି ଜଣେ ହୀନ ବ୍ୟକ୍ତି ଦଳ ଭିତରେ ରହି ଟିଙ୍କ ସାଜିବା ଏବେ ଚିନ୍ତାର କାରଣ ପାଲଟିଛି । ପୂର୍ବରୁ ବିଜେଡି ଶରଣରେ ବସି ନିର୍ବାଚନ ଜିଣିଥିବା ବିଜେଡି ବିରୁଦ୍ଧରେ ଚକ୍ରାନ୍ତ କରିବା, ଏକ ହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ନୟାଗଡ଼କୁ ଲଜ୍ଜିତ କରାଇଥିବା ଏହି ବ୍ୟକ୍ତି ଏବେ ବିଜେପିକୁ ବଦନାମ କରୁଥିବା ଜଣାପଡ଼ିଛି।

ବିଜେପି ମୂଳ ନେତା ତଥା ପୁରାତନ ନେତାମାନେ ଏ ବିଷୟରେ ଜ୍ଞାତ ଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କୌଣସି ପ୍ରତିବନ୍ଧକ ଲଗାଇବାକୁ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ସରକାରୀ କଳ ଏବଂ ଲୋକଙ୍କ ମନରେ ଭାରତୀୟ ଜନତା ପାର୍ଟି ପ୍ରତି ଦିନକୁ ଦିନ ଘୃଣା ଭାବ ସୃଷ୍ଟି ହୋଇଛି। ଏମିତିକି ବର୍ତ୍ତମାନ ବିଜେପି ନେତା କହି ବୁଲୁଥିବା କିଛି ଦଳଡିଆଁ ନେତାଙ୍କ ଯୋଗୁଁ ନୟାଗଡ଼ ବିଜେପି ବୁଡ଼ାଇବାକୁ ବସିଛନ୍ତି ବୋଲି ଆଲୋଚନା କରାଯାଉଥିବା ଶୁଣିବାକୁ ମିଳିଛି । ଯଦି ରାଜ୍ୟ ବିଜେପି ମୁଖିଆ ଅମାନିଆ ନେତାଙ୍କୁ ସାବାଡ଼ ନକରନ୍ତି ତେବେ ଆଗାମୀ ଦିନରେ ନୟାଗଡ଼ ବିଜେପି ବୁଡିଯିବ ବୋଲି ଆଲୋଚନା ହେଉଛି।

### ମହାବୀର କ୍ରିକେଟ ମ୍ୟାଚ ଉଦଘାଟନ

## ଘଟଗାଁକୁ ହରାଇ ପୁରୁଷୋତ୍ତମପୁର କ୍ୱାର୍ଟରରେ



**କୁଜଙ୍ଗ, ୨।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳ ପଞ୍ଚାୟତ କୋଲଡିଆ ଠାରେ ୨୭ ତମ ମହାବୀର କ୍ରିକେଟ ମ୍ୟାଚ ପ୍ରତିଯୋଗିତା ଆଜି ଉଦଘାଟନ ହୋଇଯାଇଛି । ଏହି ମ୍ୟାଚରେ ୧୮ଟି ପଞ୍ଚାୟତକୁ ନେଇ ଖେଳ ହବ । ଆଜି ପ୍ରଥମ ମ୍ୟାଚ ଉଦୟବଟ କ୍ଲବ ଅନୁପଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଉଦୟବଟ ବିଜୟ ଲାଭ କରିଥିଲା । ଦ୍ୱିତୀୟ ମ୍ୟାଚ କେନ୍ଦୁଝର ଘଟଗାଁ ଓ ପୁରୁଷୋତ୍ତମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ପୁରୁଷୋତ୍ତମପୁର ବୋଲିଙ୍ଗର ନିଷ୍ପତ୍ତି ନେଇଥିଲା। ଅପରପକ୍ଷରେ ପ୍ରଥମେ ପୁରୁଷୋତ୍ତମପୁର ୧୨ ଓଭରରେ ୬ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କେନ୍ଦୁଝର ଘଟଗାଁ ସମସ୍ତ ୱିକେଟ ହରାଇ ୯୦ ରନ୍ କରି ପରାଜୟ ହୋଇଥିଲା। ଉଦଘାଟନ ମ୍ୟାଚରେ ଅତିଥି ଭାବେ ସମାଜସେବୀ ମନୋଜ କୁମାର ମହାନ୍ତି ଖେଳକୁ ଉଦଘାଟନ କରିଥିଲେ । ଖେଳ ପରିଚାଳନା କରିଥିଲେ ଚନ୍ଦନ ସାମଲ, ରାଜେନ୍ଦ୍ର ବେହେରା। ଖେଳକୁ ପରିଚାଳନା କରିଥିଲେ ତପନ ମହାପାତ୍ର, ସୁବ୍ରତ ପରିଡା, କୁନା ସାମଲ, ସ୍ୱାଧିନ ସାହୁ, ବବୁଲ ଦାଶ, ସରୋଜ ପରିଡା । ଆସନ୍ତାକାଲିର ମ୍ୟାଚ ନରେନ୍ଦ୍ରପୁର ସହିତ ଲୁହାଡି ମଧ୍ୟରେ ଅନୁଷ୍ଠିତ ହବ ବୋଲି କ୍ଲବର ମୁଖ୍ୟ ସତ୍ୟଶିବ ପରିଡା ସୂଚନା ଦେଇଛନ୍ତି ।




## ଫିଲ୍ମ ପଛରେ ଗୁଇନ୍ଦା ପୁଲିସ୍

ରାଜଧାନୀରେ ରାଜନେତାଙ୍କ ଠାରୁ ଶିଳ୍ପପତିମାନେ କଳାପତାକା ପ୍ରଦର୍ଶନର ସମ୍ମୁଖୀନ ହେଉଥିବାବେଳେ ଗୁଇନ୍ଦା ପୁଲିସ୍ ଏବେ ଫିଲ୍ମ ପଛରେ ପଡିଛି। ଗୋଟିଏ ଓଡିଆ ଫିଲ୍ମ ହଲରେ ଚାଲିଲେ କୁଆଡେ ଦଙ୍ଗା ହୋଇଯିବ ବୋଲି ଗୁଇନ୍ଦା ପୁଲିସ୍ ସୂଚନା ପାଇ ସରକାରଙ୍କୁ ଚିଠି ଲେଖିଛି। ହେଲେ ଫିଲ୍ମ ପ୍ରଯୋଜକ ଏହାକୁ ଖାତିର କରୁନାହାନ୍ତି କି ସରକାର ମୁହଁ ଖୋଲୁ ନାହାନ୍ତି। ଫିଲ୍ମ ପ୍ରଦର୍ଶନ ନେଇ ଗୁଇନ୍ଦା ସୂଚନା ପାଇଯାଉଥିବା ପୁଲିସ୍ କିଭଳି ମୋହନ ଭାଗବତ ଓ ଅନିଲ ଅଗ୍ରୱାଲଙ୍କ ଭଳି ବ୍ୟକ୍ତିଙ୍କୁ ରାସ୍ତାରେ କଳାପତାକା ଦେଖାଇବା ଭଳି ଖବର ପାଉନାହିଁ ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜଧାନୀରେ କେବଳ ଏହି ଦୁଇଟି ଘଟଣା ନୁହେଁ ଚୋରି ରାହାଜାନୀ ଠାରୁ ଆରମ୍ଭ କରି ନିଶା କାରବାର ବି ଜୋରସୋରରେ ଚାଲିଛି। ଏଥିପାଇଁ ପୁଲିସ୍‌କୁ ବାରମ୍ବାର ସମାଲୋଚନା ସହିତ ଗାଳି ଗୁଲଜର ବି ସାମ୍ନା କରିବାକୁ ପଡୁଛି। ହେଲେ ଏହାର ଟେର ପାଉନଥିବା ଗୁଇନ୍ଦା ବାବୁମାନେ କିଭଳି ଫିଲ୍ମ ମୁମ୍ବାଇରେ ସେନସର ହେବା ପୂର୍ବରୁ ଦଙ୍ଗା ଖବରଟି ପାଇଲେ ତାହା ପୁଲିସ୍ ହାକିମ ମାନେ ପ୍ରକାଶ କରିବା ଆବଶ୍ୟକ।



## ଶକ୍ତି ବିଭାଗରେ କନ୍ଦାକଟା

ନିକଟରେ ଶକ୍ତି ବିଭାଗରେ ଗୋଟିଏ ସମୀକ୍ଷା ବୈଠକ ଚାଲିଥିଲା। ବୈଠକରେ ତାପଜ ବିଦ୍ୟୁତ୍ କେନ୍ଦ୍ରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ହେଲେ ବୈଠକ ମଝିରେ ଖବର ପାଇଲେ ଯେ ତାଙ୍କର ଆଉ ଚାକିରି ନାହିଁ। ସେଇଠୁ ସିଏ ସିଧା ବିଭାଗକୁ ଆସି କଇଁ କଇଁ ହୋଇ କାନ୍ଦିଲେ। ତାଙ୍କର କାନ୍ଦ ଦେଖି ଜଣେ ମହିଳା ଅଧିକାରୀ ତାଙ୍କୁ ନେଇ ବିଭାଗୀୟ ମୁଖ୍ୟଙ୍କ ନିକଟକୁ ଗଲେ। ସେଠାରେ ବି ତାଙ୍କର କାନ୍ଦ ବନ୍ଦ ହେଲାନାହିଁ। ଶେଷରେ ମୁଖିଆ ବସାଇ ପାଣି ପିଆଇବା ସହିତ ଅଫିସ ଗାଡିରେ ଘରକୁ ପଠାଇଲେ। ଶକ୍ତି ବିଭାଗରେ ଏହି ଶକ୍ତିମାନ ବାବୁଙ୍କ କାନ୍ଦ ସଂକ୍ରାନ୍ତରେ ରୋଚକ ଆଲୋଚନାମାନ ହେଉଛି। କିଏ କହୁଛି ବାବୁ ମୋଟା ବେତନ ହରାଇ କାନ୍ଦୁଥିଲେ ଆଉ କିଏ କହୁଛି ବାବୁଙ୍କ ପାଉଁଶ ବେପାର ଅଧାରେ ରହିଥିବାରୁ ସେହି ଚିନ୍ତାରେ କାନ୍ଦି ପକାଇଲେ। ତେବେ ବାବୁଙ୍କ କାନ୍ଦ ଦେଖି ଜଣେ ବାବୁଆଣି ବି କୁଆଡେ ପଣତ କାନିରେ ଲୁହ ପୋଛୁଥିବା ନେଇ ଆଲୋଚନା ହେଉଛି।



## ପଦୁ ବାବୁଙ୍କ ବାଇଗଣ ଚିନ୍ତା



ସିମୁଳିଆ ବିଧାୟକ ବାବୁ ପଦ୍ମଲୋଚନା ପଣ୍ଡା ଓରଫ ପଦୁ ବାବୁଙ୍କୁ ଏବେ ବାଇଗଣ ଚିନ୍ତା ଘାରିଛି। ତାଙ୍କ ଅଞ୍ଚଳରେ ଛନ ଛନିଆ ବାଇଗଣ କିଲୋ ୪ ବୋଲି ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗଣମାଧମରେ କହିବାପରେ ପଦୁ ବାବୁ ଅଡୁଆରେ ପଡିଛନ୍ତି। କିଲୋ ୪୦/୫୦ ଟଙ୍କାରେ ବାଇଗଣ କିଣୁଥିବା ତାଙ୍କର ବନ୍ଧୁମାନେ ଏବେ ୪ଟଙ୍କିଆ ବାଇଗଣ ଦେବାକୁ ଅନୁରୋଧ କରୁଛନ୍ତି। ତେଣେ ସିମୁଳିଆର ଚାଷୀମାନେ ବାଇଗଣ ଦରକୁ ନେଇ ପଦୁ ବାବୁଙ୍କ ଗାଳି ଦେବାରେ ଲାଗିଛନ୍ତି। ବିଧାୟକ ସେମାନଙ୍କ ବେପାର ବୁଡାଇଦେବେ ବୋଲି କହୁଛନ୍ତି। ପଦୁ ବାବୁ ଦୁଇଆଡୁ ଅକଳରେ ପଡିବା ପରେ ଏବେ ନିଜ ଦଳର ମନ୍ତ୍ରୀଙ୍କୁ ମନେ ମନେ ଗାଳି ଦେଉଛନ୍ତି। କାରଣ ଯଦି ମନ୍ତ୍ରୀଙ୍କ ବିରୁଦ୍ଧରେ ଖୋଲାଖୋଲି କିଛି କହିବେ ତେବ ମନ୍ତ୍ରୀଙ୍କର ଯେଭଳି ବାଇଟ୍ ଦେବା ନିଶା ସିଏ ଯଦି ପୁଣ କ'ଣ କହିଦେବେ ତେବେ ପଦୁଙ୍କ ଭେଳା ବୁଡିବ। ତେବେ ବିଧାନସଭା ଭିତରେ ନିଜ ଦଳର ମନ୍ତ୍ରୀଙ୍କୁ କାଠଗଡାରେ ଛିଡା କରାଉଥିବା ପଦୁ ବାବୁ ଆସନ୍ତା ଅଧିବେଶନରେ ବାଇଗଣ ରାଗା ଶୁଝାଇବେ କି ନାହିଁ ତାକୁ ଅପେକ୍ଷା।

## ଜମି ଖୋଜା କାମରେ ଲାଗିଛନ୍ତି କଲେଜ ଅଧକ୍ଷ



ରାଜ୍ୟର ଏକ ନମ୍ବର ଶିକ୍ଷାନୁଷ୍ଠାନ ବିଜେବି କଲେଜ ଅଧକ୍ଷ ଏବେ ଜମି ଖୋଜା କାମରେ ଲାଗିଛନ୍ତି। କଥାଟି ବିଶ୍ୱାସ ନହେଲେ ବି ସତ। କଲେଜକୁ ମିଳିଥିବା ଜମିର ହିସାବ ସରକାର ଦେବାପରେ କଲେଜ କର୍ତ୍ତୃପକ୍ଷଙ୍କ ନିଦ ହଜିଛି। ଜମି ଚୋରଙ୍କୁ ଧରିବାପାଇଁ ଏବେ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଘଟଣାଟି ପଦାକୁ ସେତେବେଳେ ଆସିଲା ଯେତେବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ କୋଠା ନିର୍ମାଣ ପାଇଁ କଲେଜ କର୍ତ୍ତୃପକ୍ଷ ସରକାରଙ୍କୁ ଜମି ଦେବାପାଇଁ ଚିଠିଲେଖିଲେ। ସରକାର ଜଣାଇଲେ ଯେ କଲେଜକୁ ୨୭ ଏକର ଜମି ଦିଆଯାଇଛି। ତେଣୁ ସେହିଠାରେ ହିଁ ଘର ତିଆରି କର। ୨୭ଏକର ତାଲିକା ପାଇବାପରେ କଲେଜ କର୍ତ୍ତୃପକ୍ଷ ଏକ ପ୍ରକାର ଟେରା ହୋଇଯାଇଛନ୍ତି। ଏତେ ଜମି କିଏ ନେଲା ତାହାର ଖୋଳତାଡ ଆରମ୍ଭ କରିଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ଜମିକୁ ନେଇ ଆଉ କିଏ ନୁହେଁ, ଖୋଦ୍ ବିଏମ୍‌ସି ଜମି ମାଡିବସି ସେଠାରେ ବେପାର ଚଳାଇଥିବାରୁ କିପରି ଜମିକୁ ନିଜ ଅକ୍ତିଆରକୁ ଆସିବ ତାହା ଏବେ ବିଜେବି କଲେଜ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଲାଣି।

## ଏସ୍‌ପି-ବିଧାୟକ ଯୁଗଳ ବନ୍ଦୀ



ଏକଦା ଏସ୍‌ପି ବିଧାୟକ ପରସ୍ପରର ଶତ୍ରୁ ଥିଲେ। ହେଲେ ଏବେ ଦୁଇଜଣଙ୍କର ଯୁଗଳବନ୍ଦୀ ଅବସ୍ଥା। କେହି କାହାକୁ ନଦେଖିଲେ ରହିପାରୁ ନାହାନ୍ତି। ଦୁଇ ଜଣ ମିଶି କୁଆଡେ ଜୋରଦାର ବେପାର ଚଳାଇଛନ୍ତି। ଘଟଣାଟି ହେଉଛି ଗୋଟିଏ ଶିଳ୍ପ ସମୃଦ୍ଧ ଜିଲ୍ଲାରେ। ସେଠାରେ ବର୍ତ୍ତମାନର ବିଧାୟକଙ୍କ କୌଣସି ପ୍ରକାରେ ହରାଇବାପାଇଁ ଏସ୍‌ପି ଲାଗି ପଡିଥିଲେ। ହେଲେ ଧର୍ମ ବଳରୁ ହାରୁ ହାରୁ ବିଧାୟକ ଜଣଙ୍କ ଜିତିଗଲେ। ଏହାପରେ ଦୁଇ ଶତ୍ରୁ ମିତ୍ର ହୋଇଗଲେ। କାରଣ ଦୁହେଁ ଜାଣିଛନ୍ତି ଶତ୍ରୁତା ଆଚରଣ କଲେ ଦୁହେଁ କ୍ଷତିରେ ପଡିବେ। ତେଣୁ ଏବେ ଯୁଗଳବନ୍ଦୀ ସାଜି ବେପାର ଚଳାଇଛନ୍ତି। ସେହି ବେପାର ପାଇଁ ନିଟରେ ଏସ୍‌ପି ଜଣଙ୍କ ଅତ୍ୟନ୍ତ ଅପ୍ରୀତିକର ପରିସ୍ଥିତିରେ ପଡିଥିଲେ। ଜିଲ୍ଲାରେ ଖଣି ଓ ଅନ୍ୟାନ୍ୟ ବେପାର ଯୋଗୁଁ ସିଏ କୁଆଡେ ରାଜ୍ୟର କୁବେର ଏସ୍‌ପି ବୋଲି ତାଙ୍କର ବିଭାଗର ଖାକିବାବୁମାନେ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାନକୁ ବି କଥାଟା ଯାଇଛି। ତେବେ ବିଧାୟକ ତ ସେଫ୍ ଜୋନ୍‌ରେ ଅଛନ୍ତି, ଏସ୍‌ପିଙ୍କ ମୁଣ୍ଡରେ କେତେବେଳେ ଯେ ଭିଜିଲାନ୍ସ ଖଣ୍ଡା ନପଡିଯିବ ତାହା କହିହେବ ନାହିଁ ବୋଲି ପୁଲିସ୍ ମହଲରେ ଆଲୋଚନା ଚାଲିଛି।

# ୮ ବର୍ଷ ପରେ ବ୍ରାହ୍ମଣ ନିଯୋଗ କର୍ମକର୍ତ୍ତା ନିର୍ବାଚନ

- ନୂଆ ବୋର୍ଡର ନିଷ୍ପତ୍ତି: ଶ୍ରୀ ଲିଙ୍ଗରାଜଙ୍କ ନୀତିରେ ବିଭ୍ରାଟକୁ ପ୍ରଶ୍ରୟ ନାହିଁ
- ଶ୍ରୀ ଲିଙ୍ଗରାଜଙ୍କ ବିଜେ ପ୍ରତିମାଙ୍କ ପ୍ରଭାର ହେବ ରୁପା ଛାଉଣୀ



**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ଦୀର୍ଘ ଆଠ ବର୍ଷ ପରେ ଆଜି ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ବ୍ରାହ୍ମଣ ନିଯୋଗ ସମିତିର କର୍ମକର୍ତ୍ତା ନିର୍ବାଚନ ହୋଇଛି। ବିଧିବଦ୍ଧ ଭାବେ ନୂତନ ବୋର୍ଡ଼ ଗଠନ କରାଯାଇ କର୍ମକର୍ତ୍ତା ନିର୍ବାଚନ ହୋଇଛି। ନାରାୟଣ ମହାପାତ୍ର ବ୍ରାହ୍ମଣ ନିଯୋଗର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜୟଭୂଷଣ ମହାପାତ୍ର ଓ ସତ୍ୟନାରାୟଣ ମହାସୁପକାର ଉପସଭାପତି, ହିମାଦ୍ରୀଭୂଷଣ ମହାପାତ୍ର ସମ୍ପାଦକ, ପ୍ରଦୀପ ମହାପାତ୍ର କୋଷାଧକ୍ଷ ଏବଂ ବାବିନା ମହାପାତ୍ର, ଜିତେନ୍ ମହାପାତ୍ର ଓ ଦୁର୍ଗାପ୍ରସାଦ ମହାପାତ୍ର ଯୁଗ୍ମ ସମ୍ପାଦକ ଓ ବିଭୁତିଭୂଷଣ ପଣ୍ଡା ଅଡିଟର ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ନୀତିକାନ୍ତି ସୁପରିଚାଳନା ନିଯୋଗର ପ୍ରାଥମିକତା ରହିବ ବୋଲି ବୋର୍ଡ଼ର ପ୍ରଥମ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀ ଲିଙ୍ଗରାଜ, ଶ୍ରୀ ବାସୁଦେବ, ଦେବୀ ପାର୍ବତୀ ଓ ଦେବୀ ଭୁବନେଶ୍ୱରୀଙ୍କ ବିଜେ ପ୍ରତିମାର ପ୍ରଭାକୁ ରୁପା ଛାଉଣୀ କରାଯିବ। ଏଥିପାଇଁ ସ୍ୱର୍ଗତ ଗତିକୃଷ୍ଣ ପଣ୍ଡାଙ୍କ ପରିବାର ପକ୍ଷରୁ ମନ୍ଦିର ପ୍ରଶାସନକୁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ ଯେ ପ୍ରତି ଦୁଇ ବର୍ଷରେ ନିର୍ବାଚନ ପାଇଁ ବ୍ୟବସ୍ଥା ଥିବା ବେଳେ ୨୦୧୬ ପର ଠାରୁ ନିର୍ବାଚନ ହୋଇ ନଥିଲା। ଦୀର୍ଘ ଆଠ ବର୍ଷ ପରେ ଗତ ୨୮ ତାରିଖରେ ନିଯୋଗର ସାଧାରଣ ସଭା ଆହ୍ୱାନ କରାଯାଇ ପ୍ରତିନିଧିସଭା ନିର୍ବାଚନ କରାଯାଇଥିଲା।

## ଜଙ୍ଗଲରୁ ୧୦ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ

**ବୈପାରିଗୁଡ଼ା,୨।୨(ସଂଚାର ବ୍ୟୁରୋ):** ଫେଲ ମାରିଲା ଗଞ୍ଜେଇ ମାଫିଆଙ୍କ ନୂଆ ତରିକା। ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଜଙ୍ଗଲରେ ଗଚ୍ଛିତ ଗଞ୍ଜେଇକୁ ପୁଲିସ୍ ଜବତ କରିଛି। କୋରାପୁଟ ଜିଲ୍ଲା ବୈପାରୀଗୁଡାର ମାଝୀଗୁଡା ପଞ୍ଚାୟତର ଟିକରପଡା ଜଙ୍ଗଲରେ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ଜଣାପଡ଼ିଛି। ତେବେ ଗଞ୍ଜେଇ ମାଫିଆମାନେ ନୂଆ ତରିକାରେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚଲାଣ ପାଇଁ ଏଭଳି ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ରଖିଥିଲେ। କିନ୍ତୁ ବିଶେଷ ସୂତ୍ରରୁ ଖବର ପାଇ ବୈପାରିଗୁଡା ଥାନା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ଜଙ୍ଗଲରେ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ୩୮ଟି ଗଞ୍ଜେଇ ବସ୍ତା ଜବତ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୧୦ କ୍ୱିଣ୍ଟାଲ ଥିବା ଜଣାପଡ଼ିଛି।

## ମାଘରେ ରାଜଧାନୀ ପାରଦ ୩୪ ଟପିଲା

### ସପ୍ତାହକ ପର୍ଯ୍ୟନ୍ତ ନିସ୍ତାର ନାହିଁ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ରାଜଧାନୀ ପାଣିପାଗରେ ଚଳିତ ବର୍ଷ ଅସ୍ୱାଭାବିକତା ପରିଲକ୍ଷିତ ହୋଇଛି। ସାଧାରଣତଃ ମାଘ ମାସରେ ବାଘ ପରି ଶୀତ ମାଡ଼ିଆସିଥାଏ ବୋଲି ପ୍ରବାଦ ଅଛି। କିନ୍ତୁ ରାଜଧାନୀରେ ଏବେ ମାଘ ମାସ ସରି ନ ଥିଲେ ମଧ୍ୟ ଜନସାଧାରଣଙ୍କୁ ବୈଶାଖି ଟାଣ ଖରାର ତିକ୍ତ ଅନୁଭବ ମିଳିଲାଣି। କାରଣ ଆଜି ରାଜଧାନୀର ତାପମାତ୍ରା ୩୪ ଡିଗ୍ରୀ ଉପରେ ରହିଥିଲା। ଅପରାହ୍ନ ପ୍ରାୟ ୨ଟା ସମୟରେ ଭୁବନେଶ୍ୱର ପାରଦ ୩୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ଫେବ୍ରୁଆରୀ ଆରମ୍ଭରୁ ତାତି ଅନୁଭୂତ ହେଉଥିବାରୁ ଆଗାମୀ ଦିନରେ ସ୍ଥିତି ଅସମ୍ଭାଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଗତ କିଛି ବର୍ଷ ହେଲା ରାଜଧାନୀ ତାପମାତ୍ରା ସାଧାରଣତଃ ପୂର୍ବ ବର୍ଷ ତୁଳନାରେ ଅଧିକ ବଢ଼ିଥିବାର ନଜିର ରହିଥିବାରୁ ଏଥର ସ୍ଥିତି ଆହୁରି ଶୋଚନୀୟ ହେବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ରାଜଧାନୀ ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଧୀରେ ଧୀରେ ପାରଦ ଉପରମୁହାଁ ହେଉଛି। ଟାଇଁ ଟାଇଁ ଖରା ସହ ଅସ୍ୱାଭାବିକ ଗରମ ଅନୁଭୂତ ହେଉଛି। ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ସେଲସିୟସ ଅଧିକ ତାପମାତ୍ରା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଥିବା ବେଳେ ଆସନ୍ତା ସପ୍ତାହକ ମଧ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

● ବିରୋଧୀ ଦଳକୁ ଟାର୍ଗେଟ୍ କଲେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ

# ବଜେଟ୍‌କୁ ଅଭୂତପୂର୍ବ ଜନସମର୍ଥନରେ ବିଜେଡି ବିବ୍ରତ

- ଦୁଇ ଦଶନ୍ଧି ଧରି ଓଡ଼ିଶାକୁ ଅବହେଳା କରିଥିଲା ଦଳ
- ଡାଲି ଏବଂ କପା ମିଶନରୁ ଓଡ଼ିଶା କୃଷକ ଅଧିକ ଲାଭ ପାଇବେ
- କୃଷି, ନିବେଶ, ରପ୍ତାନୀ ଓ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାକୁ ଫାଇଦା
- ରାଜ୍ୟ ପର୍ଯ୍ୟଟନକୁ ନୂଆ ଦିଶା ମିଳିବ

**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ଗତକାଲି ସଂସଦରେ ଏକ ଐତିହାସିକ, ଲୋକକଲ୍ୟାଣକାରୀ ଓ ବିକାଶମୁଖୀ ବଜେଟ ଆଗତ କରାଯାଇଥିବାରୁ ଏହାକୁ ବିଭିନ୍ନ ମହଲରୁ ଅଭୂତପୂର୍ବ ଜନସମର୍ଥନ ମିଳିଛି। ଏଥିରେ ବିରୋଦୀ ବିଜେଡି ବ୍ୟସ୍ତବିବ୍ରତ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି।

ଡ. ମହାନ୍ତି କହିଛନ୍ତି ଯେ ଏହି ବଜେଟ୍ ଓଡ଼ିଶା ବିକାଶକୁ ତ୍ୱରାନ୍ୱିତ କରିବ। ଦେଶର ସବୁବର୍ଗର ଲୋକେ ସବୁ ଦିଗରୁ ଏହି ବଜେଟ୍‌ର ଲାଭ ପାଇବେ। ବଜେଟରେ କୃଷକ, ଗରିବ, ମଧ୍ୟବିତ୍ତ, ମହିଳା ଓ ଶିଶୁଙ୍କ ଶିକ୍ଷା, ପୁଷ୍ଟିସାର ଓ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଷ୍ଟାର୍ଟଅପ୍, ନବସୃଜନ ଓ ନିବେଶ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଏବେ ପ୍ରଧାନମନ୍ତ୍ରୀ ସବୁବେଳେ ଓଡ଼ିଶା ଉପରେ ପ୍ରାଧାନ୍ୟ ଦେଉଛନ୍ତି। କିନ୍ତୁ ରାଜ୍ୟରେ ବିଜେଡି ସରକାର ଅମଳରେ ବେପରୁଆ ମନୋଭାବ ଯୋଗୁଁ ମହିଳା ବିକାଶଠାରୁ ଆରମ୍ଭ କରି ପୋଷଣ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ର ଦୀର୍ଘ ଦୁଇ ଦଶନ୍ଧି ଧରି ଅବହେଳିତ ଅବସ୍ଥାରେ ରହିଥିଲା। ମାତ୍ର ଏବେ ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏସବୁ ଅସୁବିଧା ଦୂର କରି ରାଜ୍ୟକୁ ବିକାଶପଥରେ ଆଗେଇନେଉଛି। ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ହୋଇଥିବା ବେଳେ ବଜେଟରେ ପ୍ରଧାନମନ୍ତ୍ରୀ କୃଷକମାନଙ୍କୁ ପ୍ରାଧାନ୍ୟ ଦେଇଥିବାରୁ ଏହା ରାଜ୍ୟର କୃଷକମାନଙ୍କ ମନୋବଳ ବଢ଼ାଇଛି। 'ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା' ଆରମ୍ଭ କରାଯିବା ସହ କିଷାନ କ୍ରେଡିଟ୍ କାର୍ଡ ସୀମା ବୃଦ୍ଧି କୃଷକର ଆର୍ଥିକ ବିକାଶରେ ସହଯୋଗ କରିବ। ସେହିପରି ଜଳସେଚନ ବ୍ୟବସ୍ଥା ସହ ଡାଲି ଏବଂ କପା ମିଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଧିକ ଲାଭବାନ ହେବେ। ଯୁବକଯୁବତୀମାନଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ଲାଗି ବଜେଟ୍‌ରେ ନୂଆ ଇନୋଭେସନ ଉପରେ ଗୁରୁତ୍ୱ ଦିଆଯାଇଛି। ନୂଆ ଟେକ୍ନୋଲୋଜି ଜରିଆରେ ଯୁବକଯୁବତୀମାନଙ୍କୁ ରୋଜଗାରକ୍ଷମ କରାଇବା ନିମନ୍ତେ ଏବେଠାରୁ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଛି। ବଜେଟ୍‌ରେ ୪ଟି ମୌଳିକ ବିଷୟ କୃଷି, ନିବେଶ, ରପ୍ତାନୀ ଓ ଭିତ୍ତିଭୂମି ଉପରେ ପ୍ରାଧାନ୍ୟ ଦିଆଯାଇଥିବାରୁ ଓଡ଼ିଶା ଏଥିରୁ ସବୁଠାରୁ ଅଧିକ ଲାଭବାନ ହେବ। ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବଡ଼ ସମ୍ଭାବନା ରହିଛି ବୋଲି ପ୍ରଧାନମନ୍ତ୍ରୀ ଅନେକ ଥର କହିଛନ୍ତି। ଏହି ସମ୍ଭାବନାର ବିକାଶ ପାଇଁ କେନ୍ଦ୍ର ସରକାର ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ବୁଦ୍ଧିଷ୍ଟ ସର୍କିଟ ହେଉ ବା ଇକୋ ଟୁରିଜିମ, ସବୁ କ୍ଷେତ୍ରରେ ଓଡ଼ିଶା ସିଂହଭାଗ ପାଇବାର ବ୍ୟବସ୍ଥା ହୋଇଛି। ଏହା ରାଜ୍ୟର ବିକାଶକୁ ଦୃଢ଼ତା ପ୍ରଦାନ କରିବ ବୋଲି ଡ. ମହାନ୍ତି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଶା କରିଛନ୍ତି। ଡ. ମହାନ୍ତିଙ୍କ ସହ ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ସମ୍ବିତ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ।

# ଖାଇବା ଡେରି ହେବାରୁ ୱେଟର୍‌କୁ ଆକ୍ରମଣ



**ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ):** ରାଜଧାନୀରେ ଅଭାବନୀୟ ଘଟଣା। ଖାଇବା ପାଇଁ ପ୍ରାଣାନ୍ତକ ଆକ୍ରମଣ। ସମୟ ଅପରାହ୍ନ ସାଢ଼େ ୩ଟା ରୁ ୪ଟା। ହଠାତ୍ ନାକା ଗେଟ୍ ନିକଟରେ ଥିବା ଅଞ୍ଜଳି ହୋଟେଲକୁ ଆସିଲେ କିଛି ଯୁବକ ଆଉ ଏକାଧିକ ଆଇଟମ ଖାଇବାକୁ ଦେଲେ ଫରମାଇସ୍। ସାଲାଡ୍ ସହିତ ମାଗିଲେ ମାଛ ଝୋଳ। ଏକାଧିକ ଆଇଟମ ପ୍ରସ୍ତୁତ କରିବାକୁ ରୋଷେୟା ୨ମିନିଟ ବିଳମ୍ବ କରିଦେଇଥିଲେ। ସେତିକିରେ ହୋଟେଲକୁ ଆସିଥିବା କଷ୍ଟମରଙ୍କ ମୁଣ୍ଡକୁ ଚଢିଥିଲା ପିତ। ଆଉ ୱେଟରଙ୍କୁ କଲେ ସଂଘବଧ ଆକ୍ରମଣ। ଯେଉଁଥିରେ ଲହୁଲୁହାଣ ହୋଇଥିଲେ ହୋଟେଲରେ ୱେଟର ଭାବେ କାମ କରୁଥିବା ସତ୍ୟରଞ୍ଜନ ଦାସ। ସିସିଟିଭିରେ ପୂରା ଘଟଣା ହୋଇଛି କଏଦ।

ଭରତପୁର ଥାନା ଅଧୀନସ୍ଥ ଘାଟିକିଆ ନାକା ଗେଟ୍ ଗଛ ନିକଟରେ ଥିବା ଅଂଜଳି ହୋଟେଲରେ ଘଟିଛି ଏହି ଘଟଣା। ସେପଟେ ହୋଟେଲ ମାଲିକଙ୍କ ଅନୁପସ୍ଥିତିରେ ଏପରି ଘଟଣା ଘଟିଥିବାରୁ ନିଜେ ହୋଟେଲ ମାଲିକ ମଧ୍ୟ ଆଶ୍ଚର୍ଯ୍ୟ। ତେବେ ପ୍ରାଥମିକ ସ୍ତରରେ ଖାଇବାକୁ ଆସିଥିବା ଦୁର୍ବୃତ୍ତମାନେ ହୋଟେଲ ମାଲିକଙ୍କ ଜଣାଶୁଣା ଆଉ ସେମାନେ ହୋଟେଲକୁ ପୂର୍ବରୁ ଛତୁ ସପ୍ଲାଏ କରନ୍ତି ହେଲେ ସେମାନଙ୍କ ଠାରୁ ହୋଟେଲ ମାଲିକ ଆଉ ଛତୁ ଆଣିବା ବନ୍ଦ୍ କରିଦେଇଥିବାରୁ ସେମାନେ ଏପରି କାଣ୍ଡ ଭିଆଇ ଥିବା ଅନୁମାନ କରିଛନ୍ତି ହୋଟେଲ ମାଲିକ। ସେପଟେ ଘଟଣାର ସିସିଟିଭି ଫୁଟେଜ ଓ ସମସ୍ତ ତଥ୍ୟ ପୋଲିସର ହସ୍ତଗତ ହୋଇଛି। ଆକ୍ରମଣକାରୀ ଦୁର୍ବୃତ୍ତ ମାନେ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଭରତପୁର ଥାନା ପୋଲିସ ବିଭିନ୍ନ ଜାଗାରେ ଜୋରଦାର ଚଢ଼ାଉ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ।

ଗତ ଚାରି ମାସ ତଳେ ଡମଣା ଛକରେ ଥିବା ହୋଟେଲରେ ଠିକ୍ ଏହିପରି ଭାବେ ମାଛ ମୁଣ୍ଡ ଖାଇବାକୁ ନଦେବାରୁ ହତ୍ୟାକାଣ୍ଡ ହୋଇଥିଲା ଆଉ ଏବେ ପୁଣି ଖାଇବାକୁ ଦେବାରେ ଡେରି ହେବାରୁ ୱେଟରଙ୍କୁ ସଂଘବଦ୍ଧ ଆକ୍ରମଣ।

## ସରସ୍ୱତୀ ପୂଜାବେଳେ ମହୁମାଛି ଆକ୍ରମଣ, ୧୫ ଛାତ୍ରଛାତ୍ରୀ ଅସୁସ୍ଥ

**କଳାହାଣ୍ଡି,୨।୨(ସଂଚାର ବ୍ୟୁରୋ):** ଆଜି ବିଭିନ୍ନ ସ୍କୁଲ୍‌ରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ପାଳିତ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଦୁଆରସନିଠାରେ ଛାତ୍ରଛାତ୍ରୀମାନେ ମହୁମାଛି ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ମହୁମାଛି ଆକ୍ରମଣରେ ୧୫ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିବା ବେଳେ ସେମାନଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଏହି ଅଘଟଣ ଏଠାକାର ଏକ ଘରୋଇ ସ୍କୁଲରେ ସରସ୍ୱତୀ ପୂଜା ଚାଲିଥିବା ସମୟରେ ଘଟିଛି। ତେବେ ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ସମସ୍ତଙ୍କୁ ହସ୍ପିଟାଲ୍‌ରୁ ସେମାନଙ୍କ ଘରକୁ ପଠାଇଦିଆଯାଇଥିବା ଜଣାପଡ଼ିଛି।

## ସୁନ୍ଦରଗଡ଼ରେ ପୁଣି ଫୁଟିଲା ଗୁଳି, ଯୁବକ ଆହତ

**ସୁନ୍ଦରଗଡ଼୨।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ରେ ପୁଣି ଗୁଳି ଫୁଟିଛି। ସୁନ୍ଦରଗଡ଼ ସଦର ଥାନା କରମଡ଼ିହିରେ ଜଣୈକ ଯୁବକଙ୍କ ଉପରକୁ ଏହି ଗୁଳିମାଡ଼ ହୋଇଥିବା ବେଳେ ସେ ଆହତ ହୋଇଛନ୍ତି। ଏକ କଳା ରଙ୍ଗର ସ୍କର୍ପିଓରେ ଆସି କେତେକ ଦୁର୍ବୃତ୍ତ ୫ ରାଉଣ୍ଡ ଗୁଳି କରିଥିବା ବେଳେ ତାହା ଯୁବକଙ୍କ ପାଦରେ ବାଜିଥିଲା। ଗୁଳିକାଣ୍ଡ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଆହତ ଯୁବକଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଉକ୍ତ ଯୁବକଙ୍କ ପରିଚୟ ମିଳି ନଥିବା ବେଳେ କିଏ ଓ କାହିଁକି ଗୁଳିକାଣ୍ଡ ଘଟାଇଛି, ସେନେଇ କିଛି ବି ଜଣାପଡ଼ିନାହିଁ। ଏନେଇ ସ୍ଥାନୀୟ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଭକ୍ତକବିଙ୍କ ଜମି ନେଇଗଲେ ମାଫିଆ

**ଭୁବନେଶ୍ୱର,୨।୨(ତଥ୍ୟ):** ଭକ୍ତକବି ମଧୁସୂଦନ ରାଓଙ୍କ ଜମିକୁ ବି ଲୁଟେରା ଛାଡ଼ିନାହାନ୍ତି। ନିଜ ଉପାର୍ଜିତ ଅର୍ଥରେ ଭୁବନେଶ୍ୱରରେ ଭକ୍ତକବି କିଣିଥିବା ପ୍ରାୟ ୧୦ଏକର ଜମିକୁ ମାଫିଆମାନେ ଜାଲିଆତି କରି ବିକି ଦେଇଛନ୍ତି। ପ୍ରଶାସନ କିମ୍ବା କୌଣସି ବ୍ୟକ୍ତିବିଶେଷ ଏହି ଜମି ହଡ଼ପ ଘଟଣା ପ୍ରତି ଗୁରୁତ୍ୱ ଦେଉନଥିବାରୁ ଭକ୍ତକବିଙ୍କ ଉତ୍ତରାଧିକାରୀମାନେ ଉକ୍ତ ଜମିର ଦଖଲ ନେଇପାରୁନାହାନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ଓଡ଼ିଆ ଲିପି ସାହିତ୍ୟର ମୂଳଦୂଆ। ପିଢ଼ି ପରେ ପିଢ଼ି ବର୍ଣ୍ଣବୋଧ ପଢି ଓଡ଼ିଆ ଭାଷା ଶିଖିଛନ୍ତି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏକ ହାଇସ୍କୁଲକୁ ଭକ୍ତକବିଙ୍କ ନାମରେ ନାମିତ କରାଯାଇଛି। ତେବେ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଆ ଭାଷା ପ୍ରତିଷ୍ଠାନ ଭକ୍ତକବିଙ୍କ ବର୍ଣ୍ଣବୋଧକୁ ବିକୃତ କରି ଛାପିବା ପରେ ସାରା ରାଜ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଓ ହାଇକୋର୍ଟଙ୍କ ହସ୍ତକ୍ଷେପ ଯୋଗୁଁ ଏହି ତ୍ରୁଟିପୂର୍ଣ୍ଣ ବର୍ଣ୍ଣବୋଧ ବିତରଣ ଉପରେ ଅଙ୍କୁଶ ଲାଗିଥିଲା। ହାଇକୋର୍ଟରେ ମାମଲାର ବିଚାର ଶେଷ ହେବାର ପ୍ରାୟ ୭ ବର୍ଷ ପରେ ଆଜି ପୁଣି ମୂଳ ବର୍ଣ୍ଣବୋଧ ପ୍ରକାଶ ପାଇଛି।

ତେବେ ଭକ୍ତକବିଙ୍କ ଜଣେ ଉତ୍ତରାଧିକାରୀ କହିଛନ୍ତି ଯେ ଭୁବନେଶ୍ୱରର ଜାଗମରା ଅଞ୍ଚଳରେ ଏକଦା ଭକ୍ତକବି ପ୍ରାୟ ୧୦ ଏକର ଚାଷଜମି କିଣିଥିଲେ। ବହୁବର୍ଷ ଧରି ତାହା ଭାଗ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଜଣେ ମୃତ ବ୍ୟକ୍ତିଙ୍କ ନାମରେ ପାୱାର ଅଫ୍ ଆଟର୍ଣ୍ଣି କରାଯାଇ ଏହି ଜମିକୁ ଖଣ୍ଡ ଖଣ୍ଡ କରି ବିଭିନ୍ନ ଲୋକଙ୍କୁ କେତେକ ପ୍ରଭାବଶାଳୀ ଜମି ଦଲାଲ ବିକ୍ରି କରିଦେଇଛନ୍ତି। ଉକ୍ତ ଜମି ଉପରେ ମଧ୍ୟ ଅନେକ ବ୍ୟକ୍ତି ଘର କରିଛନ୍ତି। ଏମିତିକି ଇତି ମଧ୍ୟରେ ଏଥିରୁ କିଛି ଜମି ତିନି ଚାରି ଥର ବିକ୍ରି ହୋଇ ସାରିଲାଣି। ଓଡିଆ ଅସ୍ମିତା ସହ ଭକ୍ତକବି ମଧୁସୂଦନ ରାଓଙ୍କ ସମ୍ପର୍କ ଆବେଗିକ ଭାବେ ଜଡ଼ିତ। ଏହି ପରିପ୍ରେକ୍ଷୀରେ ଭକ୍ତକବିଙ୍କ ଜମିର ପୁନରୁଦ୍ଧାର କରି ତାହା ଉପରେ ଏକ ଭବ୍ୟ ଭାଷା ସ୍ମାରକ ନିର୍ମାଣ ପାଇଁ ତାଙ୍କର କେତେ ଉତ୍ତରାଧିକାରୀ ଦାବି କରିଛନ୍ତି।

କେବଳ ଭକ୍ତକବି ମଧୁସୂଦନ ରାଓ ନୁହନ୍ତି, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୈତୃକ ଗାଁ ଓ ଆଖପାଖରେ ପ୍ରାୟ ୧୬ ଏକର ଚାଷଜମିକୁ ମଧ୍ୟ ଅନ୍ୟମାନେ କବଜା କରିନେଇଥିବା ଅଭିଯୋଗ ହେଉଛି।ଏହି ପ୍ରସଙ୍ଗ ବାରମ୍ବାର ଉଠୁଥିଲେ ମଧ୍ୟ ହଡ଼ପ ଜମିକୁ ଫେରାଇ ଆଣିବା ଦିଗରେ ପ୍ରଶାସନିକ କର୍ତ୍ତୃପକ୍ଷ କୌଣସି ପ୍ରକାର ତତ୍ପରତା ପ୍ରକାଶ କରିନାହାନ୍ତି। ଏମିତିକି ଯେଉଁ ବ୍ୟକ୍ତି ଓ ସଂଗଠନମାନେ ମଧୁବାବୁଙ୍କ ପୈତୃକ ବାସଗୃହର ସଂରକ୍ଷଣ ପାଇଁ ଏହାକୁ ସରକାର ଦଖଲକୁ ନେବା ସପକ୍ଷରେ ବିବୃତ୍ତି ଜାରି କରୁଛନ୍ତି, ସେମାନେ ବି ହଡ଼ପ ହୋଇଥିବା ୧୬ ଏକର ଚାଷଜମିର ପୁନରୁଦ୍ଧାର ପ୍ରସଙ୍ଗରେ ରହସ୍ୟଜନକ ଭାବେ ନିରବ ରହୁଛନ୍ତି।

ଏହି ଦୁଇ ବରପୁତ୍ରଙ୍କ ଛଡ଼ା ଓଡ଼ିଶା ଇତିହାସ ସହ ଜଡ଼ିତ ଆହୁରି ଅନେକ ଯୁଗପୁରୁଷଙ୍କ ସମ୍ପତ୍ତି ମଧ୍ୟ ଜମି ମାଫିଅମାନେ ହଡ଼ପ କରିଥିବାର ବହୁ ଉଦାହରଣ ରହିଛି। କେବଳ ସେତିକି ନୁହେଁ, ଓଡ଼ିଆ ଜାତିର ଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସମେତ ଏକାମ୍ର କ୍ଷେତ୍ରର ପୀଠାଧିପତି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଲାଗି ରହିଥିବା ବ୍ୟାପକ ଜମି ଏବେ ବି ଜବରଦଖଲକାରୀଙ୍କ କବଳରେ ରହିଛି।

## ସଉଦା ବାହାନାରେ ଆସି ଝାମ୍ପିନେଲେ ସୁନାଚେନ୍

**ନବରଙ୍ଗପୁର,୨।୨(ସଂଚାର ବ୍ୟୁରୋ):** ଦିନ ଦ୍ୱିପ୍ରହରରେ ଲୁଟ୍ ହେବା ପରି ଅଘଟଣ ଘଟିଛି। ସଉଦା ନେବା ବାହାନାରେ ଆସି ଦୁଇ ଜଣ ଲୁଟେରା ଦୋକାନୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇଛନ୍ତି। ଆଜି ମଧ୍ୟାହ୍ନରେ ନବରଙ୍ଗପୁର ସଦର ଥାନା ଅଞ୍ଚଳରେ ଏହି ଲୁଟ୍ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ସଦର ଥାନା ଅନ୍ତର୍ଗତ ଡଙ୍ଗରଭେଜା ଗାଁରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ନିକଟରେ ପ୍ରଶାନ୍ତ ପାତ୍ରଙ୍କ ଦୋକାନ ରହିଛି। ତେବେ ଶ୍ରୀ ପାତ୍ର ସଉଦା ଆଣିବା ପାଇଁ ନବରଙ୍ଗପୁର ସଦର ମହକୁମା ଯାଇଥିଲେ। ତେଣୁ ତାଙ୍କ ପତ୍ନୀ ସରୋଜିନୀ ଦୋକାନରେ ବସି ବିକ୍ରିବଟା କରୁଥିଲେ। ତେବେ ମଧ୍ୟାହ୍ନରେ ଦୁଇ ଜଣ ଯୁବକ ବାଇକ୍‌ରେ ଆସି ସରୋଜିନୀଙ୍କ ଦୋକାନ ଆଗରେ ଛିଡ଼ା ହୋଇଥିଲେ। ସେମାନଙ୍କ ଭିତରୁ ଜଣେ ସଉଦା ନେବା ବାହାନାରେ ଦୋକାନକୁ ଆସିଥିବା ବେଳେ ଆଉ ଜଣେ ଗାଡ଼ି ଷ୍ଟାର୍ଟ କରି ତାକୁ ଅପେକ୍ଷା କରିଥିଲା। ସରୋଜିନୀଙ୍କ ପାଖକୁ ଆସିଥିବା ଯୁବକ ଜଣକ ତାଙ୍କୁ ପ୍ରଥମେ ସଉଦା ମାଗିଥିଲେ। ତେଣୁ ସରୋଜିନୀ ସଉଦା ଆଣିବା ପାଇଁ ଦୋକାନ ଭିତରକୁ ଯାଉଥିବା ସମୟରେ ଉକ୍ତ ଯୁବକ ଜଣକ ଅଚାନକ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ପଳାଇଯାଇଥିଲେ। ଉକ୍ତ ସୁନାଚେନ୍‌ର ଓଜନ ପ୍ରାୟ ୧୫ ଗ୍ରାମ ହେବ ବୋଲି ସରୋଜିନୀ କହିଛନ୍ତି। ପ୍ରଶାନ୍ତ ଘରକୁ ଫେରିବା ପରେ ପତ୍ନୀଙ୍କଠାରୁ ଏସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଡଙ୍ଗରଭେଜା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇପାରିନାହିଁ। ତେବେ ଏହି ଅଞ୍ଚଳରେ ପୂର୍ବରୁ ମଧ୍ୟ ଏପରି ଲୁଟ୍ ଘଟଣା ଘଟିଛି। ଏନେଇ ସ୍ଥାନୀୟ ପୁଲିସ୍ ନିକଟରେ ବାରମ୍ବାର ପାଟ୍ରୋଲିଂ ବଢ଼ାଇବା ସକାଶେ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ଆଦୌ ଧ୍ୟାନ ଦିଆଯାଉନଥିବାରୁ ଆଜି ସରୋଜିନୀଙ୍କୁ ଲୁଟ୍‌ର ଶିକାର ହେବାକୁ ପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୭ ହଜାର ୪୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୪ ହଜାର ୪୯୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୭, ୪୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୪ ,୪୯୦ ଟଙ୍କା ରହିଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୭,୪୫୦ ଟଙ୍କା ଓ ୮୪,୪୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୭, ୬୦୦ ଟଙ୍କା ଓ ୮୪, ୬୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୭,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୪, ୯୯୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୭,୪୫୦ ଟଙ୍କା ଓ ୮୪,୪୯୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୯,୫୦୦ ହଜାର ଟଙ୍କା ହୋଇଛି ।

## ଫେବୃୟାରୀ ୧୫ପରେ ହିତାଧିକାରୀମାନଙ୍କୁ ନୂଆ ରାସନ କାର୍ଡ



**ଭୁବନେଶ୍ୱର,୨।୨(ସଞ୍ଚାର ବ୍ୟୁରୋ) :** ରାଜ୍ୟ ସରକାର ରାସନ କାର୍ଡ ଇ-କେୱାଇସି ଯାଂଚ ଅବଧିକୁ ଆସନ୍ତା ଫେବୃୟାରୀ ମାସ ୧୫ତାରିଖ ପର୍ଯ୍ୟନ୍ତ ବଢ଼ାଇଛନ୍ତି । ଏହାସହିତ ଯେଉଁମାନେ ରାଜ୍ୟ ସରକାରରେ କଣ୍ଟ୍ରାକଚୁଆଲ ଚାକିରି କରି ମାସକୁ ୧୫ହଜାର ଟଙ୍କାରୁ କମ୍ ଦରମା ପାଉଥିବେ ସେମାନଙ୍କର ରାସନ କାର୍ଡ କଟିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଫେବୃୟାରୀ ୧୫ପରେ ହିତାଧିକାରୀମାନଙ୍କୁ ନୂଆ ରାସନ କାର୍ଡ ଦେବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, କଣ୍ଟ୍ରାକ୍ଟୁଆଲ ଚାକିରି କରି ମାସକୁ ୧୧-୧୨ହଜାର ଟଙ୍କା ଦରମା ପାଉଥିବା ସରକାରୀ ଚାକିରିଆଙ୍କ ରାସନ କାର୍ଡ କଟିବ ନାହିଁ । ସେମାନେ କାର୍ଡ ଫେରାଇ ଆବଶ୍ୟକ ନାହିଁ । ଭଲ ଚାକିରି ବା ଭଲ ଦରମା ପାଉଥିବା କର୍ମଚାରୀମାନେ ନିଜର ରାସନ କାର୍ଡ ଫେରାଇ ଦେବା ଉଚିତ୍। ଜାତୀୟ ଖାଦ୍ୟ ସୁରକ୍ଷା ନିୟମ ଅନୁସାରେ ଯାହାର ରୋଜଗାର ମାସକୁ ୧୫ହଜାର ଟଙ୍କାରୁ ଅଧିକ ଥିବ ସିଏ କାର୍ଡ ଫେରାଇବ। ସବୁ ଜିଲ୍ଲାରୁ କାର୍ଡ ଫେରାଇବା ପ୍ରକ୍ରିୟା ଜାରି ରହିଛି । ଦୁଇଦିନ ତଳେ ୧୨ହଜାର ସରକାରୀ ଚାକିରିଆ କାର୍ଡ ଫେରାଇଥିଲେ। ଆଜି ଏହା ୨୦ହଜାରରେ ପହଂଚଲାଣି। ଯେଉଁମାନେ ଭଲ ଚାକିରି କରିଛନ୍ତି ସେମାନେ କାର୍ଡ ଫେରାଇ ଦେବା ଉଚିତ୍ । ଯଦି ସେମାନେ ନଫେରାଇବେ ପଛରେ ଧରାପଡ଼ିଲେ ଆମେ ଆକ୍ସନ ନେବୁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି । ଏହାପୂର୍ବରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ବ୍ଲକରୁ ୨୦୦ରୁ ୩୦୦ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେଉଛନ୍ତି । ସରକାରୀ ଚାକିରିଆ ଓ ଆୟକରଦାତା ମଧ ରାସନକାର୍ଡ ନେଇଛନ୍ତି । ସେମାନଙ୍କୁ କାର୍ଡ ଫେରସ୍ତ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ସୋମବାର ସୂଚନା ଦେଇ କହିଥିଲେ ଯେ, ରାଜ୍ୟରେ ମୋଟ ୩କୋଟି ୩୫ଲକ୍ଷ ୫୭୦ଜଣ ହିତାଧିକାରୀଙ୍କ ମଧ୍ୟରୁ ୨କୋଟି ୯୫ଲକ୍ଷ ୮୯ହଜାର ୯୧୨ଜଣ ହିତାଧିକାରୀଙ୍କ କେୱାଇସି କରିସାରିଛନ୍ତି । ରାଜ୍ୟରେ ମୋଟ ୨.୯୪କୋଟି ଓ ରାଜ୍ୟ ବାହାରେ ୧.୩୦ଲକ୍ଷ ହିତାଧିକାରୀ ଇକେୱାଇସି କରିଛନ୍ତି। ଜାନୁୟାରୀ ୩୧ସୁଦ୍ଧା ଇକେୱାଇସି ସାରିବା ପାଇଁ ମନ୍ତ୍ରୀ ପୂର୍ବରୁ ସୂଚନା ଦେଇଥିଲେ,ମାତ୍ର ଏହାକୁ ପୁଣିଥରେ ସରକାର ଫେବୃୟାରୀ ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

# ଲଞ୍ଚ ହେଲା ନୂଆ ହୋଣ୍ଡା ଆକ୍ଟିଭା ୧୧୦



**ଭୁବନେଶ୍ୱର,୨।୨(ସଞ୍ଚାର ବ୍ୟୁରୋ) :** ନୂଆ ବର୍ଷ ୨୦୨୫ ଆରମ୍ଭରୁ, ହୋଣ୍ଡା ମୋଟରସାଇକେଲ୍ ଏବଂ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ଏହାର ପୋର୍ଟଫୋଲିଓ ଅପଡେଟ୍ କରିଛି । ବର୍ତ୍ତମାନ କମ୍ପାନୀ ଏହାର ଲୋକପ୍ରିୟ ସ୍କୁଟର ହୋଣ୍ଡା ଆକ୍ଟିଭା 110 କୁ ଅପଡେଟ୍ କରିଛି । ଏହି ସ୍କୁଟରକୁ ନୂଆ ଫିଚର୍ସ ସହିତ ଅପଡେଟ୍ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ, ହୋଣ୍ଡା ଡିଓ, CB650R, CBR650R ଏବଂ Livo କମ୍ପାନୀ ନିଜ ଗାଡ଼ିଗୁଡ଼ିକୁ ଅପଡେଟ୍ କରିଛନ୍ତି । ତେବେ ଏହି ଅପଡେଟ୍ ହୋଇଥିବା ହୋଣ୍ଡା ଆକ୍ଟିଭା 110 ରେ କେଉଁ ସବୁ ନୂଆ ଫିଚର୍ସ ପ୍ରଦାନ କରାଯାଇଛି ଆସନ୍ତୁ ଜାଣିବା ।

ଏହାର ଇଞ୍ଜିନରେ ଆବଶ୍ୟକୀୟ ଅପଡେଟ୍ କରାଯାଇଛି । ଏହାର 109.51cc, ସିଙ୍ଗଲ୍ ସିଲିଣ୍ଡର PGM-Fi ଇଞ୍ଜିନ୍ ପାଇଁ OBD2B ଅନୁପାଳନ ଅଛି । ଏହି ସେନ୍ସରଗୁଡ଼ିକ ଅନ୍-ବୋର୍ଡ ଡାଇଗ୍ନୋଷ୍ଟିକ୍ (OBD) ସିଷ୍ଟମର ଏକ ଅଂଶ । ଏହାର ଅପଡେଟ୍ ଇଞ୍ଜିନ୍ ବର୍ତ୍ତମାନ 8 PS ପାୱାର ଏବଂ 9.05 Nm ଟର୍କ ଜେନେରେଟ କରେ । ଏହା ପୂର୍ବ ଅପେକ୍ଷା ଭଲ ଫୁଏଲ୍ ଏଫିସିଏନ୍ସି ପ୍ରଦାନ କରିବ, କାରଣ ଏହାର ଇଞ୍ଜିନ୍ ବର୍ତ୍ତମାନ ଆଇଡଲିଂ ଇଞ୍ଜିନ୍ ଷ୍ଟପ୍ ସିଷ୍ଟମ୍ ସହିତ ଅପଡେଟ୍ ହୋଇଛି । ନୂଆ ୨୦୨୫ ହୋଣ୍ଡା ଆକ୍ଟିଭା 110ରେ ବ୍ଲୁଟୁଥ୍ କନେକ୍ଟିଭିଟି ସହିତ ଏକ ନୂଆ 4.2-ଇଞ୍ଚ୍ TFT ଡ଼ିସପ୍ଲେ ଦିଆଯାଇଛି । ଏହାର ରାଇଡର୍ସ ମାନେ କଲ୍, ଟେକ୍ସଟ୍ ଆଲର୍ଟ ଏବଂ ନେଭିଗେସନ୍ ପରି କନେକ୍ଟିଭିଟି ଫିଚର୍ସ ବିଷୟରେ ସୂଚନା ପାଇବେ।

ଏହା ସହିତ, ବର୍ତ୍ତମାନ ଅପଡେଟ୍ ହୋଇଥିବା ଟାଇପ୍-ସି USB ଚାର୍ଜିଂ ପୋର୍ଟ ମଧ ଏଥିରେ ସାମିଲ କରାଯାଇଛି । ବର୍ତ୍ତମାନ ଆଲୋୟ ହ୍ୱିଲଗୁଡିକ ଏହାର DLX ଭ୍ୟାରିଏଣ୍ଟରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ଷ୍ଟାଣ୍ଡାର୍ଡ ଭ୍ୟାରିଏଣ୍ଟରେ ହାଲୋଜେନ ହେଡଲ୍ୟାମ୍ପ ଅନ୍ତର୍ଭୁକ୍ତ । ଯେଉଁଠାରେ, ଏଲଇଡି ହେଡଲ୍ୟାମ୍ପ ଏହାର DLX ଏବଂ H- smart ଭ୍ୟାରିଏଣ୍ଟରେ ପ୍ରଦାନ କରାଯାଇଛି।

୨୦୨୫ ହୋଣ୍ଡା ଆକ୍ଟିଭାକୁ ୬ଟି ନୂଆ କଲରରେ ଅଣାଯାଇଛି, ସେଗୁଡ଼ିକ ହେଉଛି Pearl Precious White, Decent Blue Metallic, Pearl Igneous Black, Matte Axis Gray Metallic, Rebel Red Metallic ଏବଂ Pearl Siren Blue। ଏହାର OBD2B- ଅନୁକୂଳ ଇଞ୍ଜିନ୍ ବ୍ୟତୀତ, ବାକି ହାର୍ଡୱେର୍ ସ୍ପେସିଫିକେସନ୍ସରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ଏକ ବୋନ୍ ଫ୍ରେମ୍ ସହିତ ସୁସଜ୍ଜିତ ହୋଇଛି, ଯେଉଁଥିରେ ଟେଲିସ୍କୋପିକ୍ ଫ୍ରଣ୍ଟ ଫଙ୍କସ୍ ଏବଂ ୟୁନିଟ୍ ସୁଇଙ୍ଗ୍ 3-ଷ୍ଟେପ୍ ଆଡଜଷ୍ଟେବଲ୍ ରିଅର ସସପେନ୍ସନ୍ ରହିଛି । ୨୦୨୫ ହୋଣ୍ଡା ଆକ୍ଟିଭା ଅପଡେଟ୍ ସହିତ ଏହାର ମୂଲ୍ୟ ମଧ ସାମାନ୍ୟ ବୃଦ୍ଧି ପାଇଛି। ଏହାର ବେସ୍ ଭାରିଆଣ୍ଟର ମୂଲ୍ୟ ହେଉଛି ୮୦,୯୫୦ ଟଙ୍କା । ଯେତେବେଳେ କି ବର୍ତ୍ତମାନର ମୂଲ୍ୟ ହେଉଛି ୭୮,୬୮୪ ଟଙ୍କା । ଏହାର ଅର୍ଥ ହେଉଛି ହୋଣ୍ଡା ଆକ୍ଟିଭାର ମୂଲ୍ୟ ୨୨୬୬ ଟଙ୍କା ବୃଦ୍ଧି ପାଇଛି ।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ । ତେବେ ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି ।

# କ୍ରାଉନ ହୋଟେଲରେ ଆରମ୍ଭ ହେଲା 'ବ୍ରାଣ୍ଡେଡ୍ ସେଲ୍'



**ଭୁବନେଶ୍ୱର,୨।୨(ସଞ୍ଚାର ବ୍ୟୁରୋ) :** ପ୍ରଥମ ଥର ପାଇଁ ଭୁବନେଶ୍ୱରର କ୍ରାଉନ ହୋଟେଲରେ ଏକ ୪ ଦିନିଆ 'ବ୍ରାଣ୍ଡେଡ୍ ସେଲ୍'ର ଶୁଭାରମ୍ଭ କରାଯାଇଛି। ଶନିବାରଠାରୁ ଏହା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏହି ସେଲ୍ ୨୦୨୫ ଫେବୃଆରୀ ୪ ପର୍ଯ୍ୟନ୍ତ ଜାରି ରହିବ ଏବଂ ପ୍ରତିଦିନ ସକାଳ ୧୦ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଏହି ସେଲ୍ ଖୋଲା ରହିଛି। ଏପରିକି ଗାର୍ମେଣ୍ଟ ଉଦ୍ୟୋଗରେ ଚାଲିଥିବା ମାନ୍ଦାବସ୍ଥା କାରଣରୁ ଫ୍ୟାକ୍ଟ୍ରିରୁ ମୂଲ୍ୟବାନ୍ ଗାର୍ମେଣ୍ଟସ ଏବଂ ଜୋତାର ଆକର୍ଷଣୀୟ କଲେକ୍ସନ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ସେହିଭଳି ୨୦୨୪ର ବକ୍ସ ପ୍ୟାକ୍ କଲେକ୍ସନଗୁଡ଼ିକୁ ଗ୍ରାହକ ୮୦% ରିହାତି ଦରରେ ପାଇପାରିବେ। ଏପରିକି ୨୦୦୦ ରୁ ୯୦୦୦ ଟଙ୍କା ମୂଲ୍ୟର ମେନ୍ସ ଶାର୍ଟ ମାତ୍ର ୧୨୦୦ ଟଙ୍କାରେ ମିଳୁଥିଲାବେଳେ ୨୦୦୦ରୁ ୪୦୦୦ଟଙ୍କାର ଲେଡିଜ କୁର୍ତି ମାତ୍ର ୬୦୦ ଟଙ୍କା, ୧୫୦୦ରୁ ୨୦୦୦ ଟଙ୍କାର କିଡ୍ସ ଗାର୍ମେଣ୍ଟସ ୬୦୦ ଟଙ୍କା ମଧ୍ୟରେ ମିଳୁଛି। ସେହିପରି ୨୦୦୦ରୁ ୬୦୦୦ ଟଙ୍କାର ଲେଡିସ ମିକ୍ସ ଗାର୍ମେଣ୍ଟସ ମାତ୍ର ୩୦୦ରୁ ୬୦୦ ଟଙ୍କା, ୨୦୦୦ରୁ ୬୦୦୦ ଟଙ୍କାର ମେନ୍ସ ଟି-ଶାର୍ଟ ମାତ୍ର ୬୦୦ରୁ ୮୦୦ ଟଙ୍କା, ୩୯୦୦ରୁ ୯୮୦୦ ଟଙ୍କାର ମେନ୍ସ ବ୍ରାଣ୍ଡେଡ୍ ଜିନ୍ସ ମାତ୍ର ୧୫୦୦ ଟଙ୍କା ଏବଂ ୨୦୦୦ରୁ ୪୦୦୦ ଟଙ୍କାର ଲେଡିଜ ବ୍ରାଣ୍ଡେଡ୍ ଜିନ୍ସ ମାତ୍ର ୬୦୦ ଟଙ୍କାରେ ବିକ୍ରି ହେଉଛି। ଏପରିକି ସୁଲଭ ମୂଲ୍ୟରେ ୪୫ରୁ ଅଧିକ କାଉଣ୍ଟର ଜରିଆରେ ୩୦ ହଜାରରୁ ଅଧିକ ଗାର୍ମେଣ୍ଟସ ପ୍ରଦର୍ଶିତ ହେଉଛି। ଅପରପକ୍ଷରେ ପୁରୁଷଙ୍କ ପାଇଁ ବିଭିନ୍ନ ଭେରାଇଟିର ମିଶ୍ରିତ ବ୍ରାଣ୍ଡେଡ୍ ଜୋତା ମାତ୍ର ୧୮୦୦ ଟଙ୍କାରେ ମିଳୁଛି। ଏହାର ମୂଳ ମୂଲ୍ୟ ୨୦୦୦ରୁ ୧୨,୦୦୦ ଟଙ୍କା ଥିଲାବେଳେ ଏହି ସେଲ୍ ଜରିଆରେ ଗ୍ରାହକ କେବଳ ୮୦୦ରୁ ୧୮୦୦ ଟଙ୍କାରେ ପାଇପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶସ୍ତା ହେବ ଇମ୍ପୋର୍ଟେଡ୍ ବାଇକ୍



**ନୂଆଦିଲ୍ଲୀ,୨।୨(ସଞ୍ଚାର ବ୍ୟୁରୋ) :** ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ସବୁ ବର୍ଗଙ୍କ ହିତକୁ ଧାନ ଦିଆଯାଇଥିବାବେଳେ, ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଟ୍ୟାକ୍ସ ଛାଡ଼ ଚାକିରିଆଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଖାଲି ସେତିକି ନୁହେଁ ଜୀବନରକ୍ଷାକାରୀ ଔଷଧ ସମେତ ଅନେକ ସାମଗ୍ରୀ ଉପରୁ ମଧ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ଯେଉଁଥିରୁ ଗୋଟିଏ ହେଉଛି ଇମ୍ପୋର୍ଟେଡ ବାଇକ୍ ଉପରୁ ଆମଦାନୀ ଶୁଳ୍କ ହ୍ରାସ। ଯାହା ବାଇକ୍ ପ୍ରେମୀଙ୍କ ବେଶ୍ ଖୁସି କରାଇବ। ବଜେଟରେ ହୋଇଥିବା ଘୋଷଣା ଅନୁଯାୟୀ, ଆମଦାନୀ ହେଉଥିବା ଆମେରିକୀୟ ବାଇକ୍ ହାର୍ଲ-ଡେଭିଡସନ୍ ଭଳି ବାଇକ୍ ଶସ୍ତା ହୋଇପାରେ। କାରଣ ୨୦୨୫-୨୬ ବଜେଟରେ ଅର୍ଥମନ୍ତ୍ରୀ ନର୍ମଳା ସୀତାରମଣ ଆମଦାନୀ ହେଉଥିବା ମୋଟର ସାଇକେଲ ଉପରୁ ଆମଦାନୀ ଶୁଳ୍କ ହ୍ରାସ ନେଇ ଘୋଷଣା କରିଛନ୍ତି । ବିଶେଷ କରି ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନର। ଅର୍ଥମନ୍ତ୍ରୀ କହିଛନ୍ତି ସଂପୂର୍ଣ୍ଣ ଭାବରେ ଆମଦାନୀ ହେଉଥିବା ୧୬୦୦ ସିସି ପର୍ଯ୍ୟନ୍ତ ଇଞ୍ଜିନ ବିଶିଷ୍ଟ ମୋଟରସାଇକେଲ ଉପରେ ଲାଗୁଥିବା ଇମ୍ପୋର୍ଟ ଡ୍ୟୁଟିକୁ ୫୦ ପ୍ରତିଶରୁ ୪୦ ପ୍ରତିଶତକୁ କରାଯିବ। ଏହା ସହ ସେମି ନକ୍ଡ ଡାଉନ (ଏସ୍କେଡି) କିଟ୍ ଉପରେ ୨୫ ପ୍ରତିଶତରୁ ୨୦ ପ୍ରତିଶତ ଏବଂ ସଂପୂର୍ଣ୍ଣ କନ୍ଡ ଡାଉନ (ସିକେଡି) ୟୁନିଟ୍ ଉପରେ ଟ୍ୟାକ୍ସ ୧୦ ପ୍ରତିଶତ କରାଯାଇଛି, ଯାହା ପୂର୍ବରୁ ୧୫ ପ୍ରତିଶତ ରହିଥିଲା। ହାର୍ଲେ ଡେଭିଡସନ ଭଳି ବାଇକ ନିଜର ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନ ପାଇଁ ଲୋକପ୍ରିୟ। ତେବେ ଏହି ନିଷ୍ପତ୍ତି ଏଭଳି ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଭାରତ ଭଳି ଦେଶକୁ ଧମକ ଦେଇଥିଲେ। ଟ୍ରମ୍ପ କହିଥିଲେ, ଆମେରିକୀୟ ସାମଗ୍ରୀ ଉପରେ ଅଧିକ ଟାରିଫ୍ ଲଗାଉଥିବା ଦେଶଙ୍କ ଉପରେ ଆମେରିକା ମଧ ଅଧିକ ଟ୍ୟାକ୍ସ ଲଗାଇବ। ଟ୍ରମ୍ପ ଗତବର୍ଷ ଡିସେମ୍ବରରେ କହିଥିଲେ ଯେ, ଭାରତ ଅତ୍ୟଧିକ କର ଲଗାଉଛି।ସେ କହିଥିଲେ, ଯଦି ସେମାନେ ଆମେ ଉପରେ କର ଲଗାଉଛନ୍ତି, ତେବେ ଆମେ ମଧ ସେମାନଙ୍କ ଉପରେ ସେତିକି କର ଲଗାଇବୁ। ଏମିତିକି ରବିବାର ଡୋନାଲ୍ଡ ପ୍ରଥମ ପର୍ଯ୍ୟାୟରେ ଟାରିଫ୍‌ର ଘୋଷଣା କରିଥିଲେ। ଯେଉଁଥିରେ ମେକ୍ସିକୋ ଏବଂ କାନାଡା ଉପରେ ୨୫ ପ୍ରତିଶତ ଏବଂ ଚୀନ ଉପରେ ୧୦ ପ୍ରତିଶତ ଟାରିଫ୍ ବୃଦ୍ଧି କରାଯାଇଛି। ଅବଶ୍ୟ ଏଥିରେ ଭାରତର ନାଁ ନାହିଁ। ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ଭାରତ ଆମେରିକାର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ ଥିଲା। ଏମିତିରେ ବି ହାର୍ଲେ ଡେଭିଡସନ ଉପରେ ଟାରିଫ ଭାରତ ଏବଂ ଆମେରିକା ମଧ୍ୟରେ ଅନେକ ବର୍ଷରୁ ବିବାଦର ବିଷୟ ରହିଛି। ଟ୍ରମ୍ପ ଏହାକୁ କମ୍ କରିବା ପକ୍ଷରେ ଅଛନ୍ତି। ସୂଚନାଥାଉକି, ହାର୍ଲେ ଡେଭିଡସନ ଭାରତରେ ୧୦ଟି ଇମ୍ପୋର୍ଟେଡ ବାଇକ୍ ବିକ୍ରି କରୁଛି। ଯାହାର ମୂଲ୍ୟ ୧୩-୧୯ ଲକ୍ଷ । ହିରୋ ମୋଟୋକର୍ପ ସହ ସହଭାଗିତାରେ । ଟ୍ରାୟମ୍ଫ, ସୁଜକୀ, ଡୁକାଟି ଏବଂ କାୱାସାକୀ ମଧ ଭାରତରେ ପ୍ରିମିୟମ ବାଇକ୍ ବିକ୍ରି କରୁଛନ୍ତି।

## ହଟିଲା କଟକଣା, ଏଣିକି କିଣି ପାରିବେ ପୁରୁଣା ଆପାର୍ଟମେଣ୍ଟ

**ଭୁବନେଶ୍ୱର,୨।୨(ସଞ୍ଚାର ବ୍ୟୁରୋ) :** ରାଜ୍ୟରେ ଏଣିକି କିଣା ବିକା ହୋଇପାରିବ ପୁରୁଣା ଆପାର୍ଟମେଣ୍ଟ । ୨୦୧୭ ମସିହାରେ 'ଭୂସମ୍ପଦ (ନିୟାମକ ଓ ବିକାଶ) ଅଧିନିୟମ (ରେରା)' ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟ କିଣି ବିକାରେ କୌଣସି ପ୍ରତିବନ୍ଧକ ରହିବନାହିଁ । ନଗର ଉନ୍ନୟନ ବିଭାଗ ଏହି ପୂର୍ବ କଟକଣାକୁ ହଟାଇ ଦେଇଛି । ବିଭାଗ ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରିବା ସହ ରାଜ୍ୟସ୍ୱ ବିଭାଗକୁ ମଧ ଚିଠି ଲେଖି ଅବଗତ କରାଯାଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ମନ୍ତ୍ରୀ ମହାପାତ୍ର କହିଛନ୍ତି,"ରେରା ଆଇନ କାର୍ଯ୍ୟକାରିତାକୁ ଆସିବା ପୂର୍ବରୁ ତଥା ୨୦୧୭ ଫେବୃଆରୀ ୨୫ ତାରିଖ ପୂର୍ବରୁ ଯେଉଁ ସବୁ ଆପାର୍ଟମେଣ୍ଟର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି, ସେସବୁ ପଞ୍ଜିକରଣ ହୋଇପାରିବ । ଏନେଇ ନଗର ଉନ୍ନୟନ ବିଭାଗ ରାଜସ୍ୱ ବିଭାଗକୁ ଅବଗତ କରାଇଛି । ସବ-ରେଜିଷ୍ଟ୍ରାରଙ୍କୁ ଏ ବାବଦରେ ରାଜସ୍ୱ ବିଭାଗ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବାକୁ ଅନୁରୋଧ କରାଯାଇଛି । ଭୂସମ୍ପଦ (ନିୟାମକ ଓ ବିକାଶ) ଅଧିନିୟମ (ରେରା) ଆଇନ କାର୍ଯ୍ୟକାରୀ ଆସିବା ଆଗରୁ ଯେଉଁ ସବୁ ଆପାର୍ଟମେଣ୍ଟ ଚାଲିଥିଲା, ସେସବୁ ଉପରେ ପ୍ରତିବନ୍ଧକ ଲଗାଇବାର କୌଣସି କାରଣ ନଥିଲା ।'ରେରା' ପରିଧି ଭିତରକୁ ହିଁ ଏ ସବୁ ଆପାର୍ଟମେଣ୍ଟକୁ ଆଣିବାର କୌଣସି ଯଥାର୍ଥତା ନଥିଲା । ଏହାଦ୍ୱାରା ଉଭୟ କ୍ରେତା ଓ ବିକ୍ରେତା ହଇରାଣ ହେଉଥିଲେ । ବିଳମ୍ବର କ୍ଷତି ସହୁଥିଲେ। ସରକାରଙ୍କର ବି ରାଜସ୍ୱ ହାନୀ ମଧ ହେଉଥିଲା ।" ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି,"ପାର୍ଟ—ପ୍ଲଟ କିଣାବିକା ସମସ୍ୟାକୁ ବି ପୂର୍ବ ସରକାରର ଗୋଳିଆ କରି ରଖିଥିଲେ । ଜରୁରୀ ଆବଶ୍ୟକତା ବେଳେ କିଣା ବିକା ହୋଇପାରୁନଥିଲା । ଆଂଶିକ କିଣା ବିକା ଉପରୁ ଖୁବଶୀଘ୍ର ପ୍ରତିବନ୍ଧକ ହଟିବ ।

## ଏଣିକି ଗୋଟିଏ କ୍ଲିକ୍‌ରେ ନେଟଫ୍ଲିକ୍ସ




**ନୂଆଦିଲ୍ଲୀ,୨।୨:** ଏଣିକି ଗୋଟିଏ କ୍ଲିକ୍‌ରେ ନେଟଫ୍ଲିକ୍ସର ସମସ୍ତ ସିଜିନକୁ ଡାଉନଲୋଡ୍ କରିପାରବେ ଆଇଫୋନ ଓ ଆଇପ୍ୟାଡ୍ ୟୁଜର । ୟୁଜରଙ୍କ ଲାଗି ନୂଆ ଫିଚର ଆଣିଲା ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସ । ୨୦୧୧ରୁ ଏହି ସୁବିଧା କେବଳ ଆଣ୍ଡ୍ରଏଡ ୟୁଜରଙ୍କ ଲାଗି ଉପଲବ୍ଧ ଥିଲା । ପ୍ରାୟ ୩ବର୍ଷ ପରେ ଏହାକୁ iOS ୟୁଜରଙ୍କ ଲାଗି ମଧ ଉପଲବ୍ଧ କରାଯାଇଛି ନେଟଫ୍ଲିକ୍ସ ।

ପୂର୍ବରୁ ଆଇଫୋନ ଓ ଆଇପ୍ୟାଡ୍ ୟୁଜରମାନେ କୌଣସି ସିଜିନର ଏପିସୋଡ଼ଗୁଡିକୁ ଅଫଲାଇନ ମୋଡରେ ଦେଖିବାକୁ ହେଲେ ଅଲଗା ଅଲଗା ଭାବେ ପ୍ରତି ଏପିସୋଡକୁ ଡାଉନଲୋଡ କରୁଥିଲେ। କିନ୍ତୁ ଏବେ ମାତ୍ର ଗୋଟିଏ କ୍ଲିକରେ ଏହା ହୋଇପାରିବ । ଯାହାଦ୍ୱାରା ୟୁଜରଙ୍କୁ ଗୋଟିଏ ଏପିସୋଡ ଡାଉନଲୋଡ ହେବା ପର୍ଯ୍ୟନ୍ତ ଜଗି ରହିବାକୁ ପଡ଼ିବ ନାହିଁ । ଗୋଟିଏ କ୍ଲିକରେ ସମସ୍ତ ଏପିସୋଡ ଡାଉନଲୋଡ ହେଉଥିବାରୁ ୟୁଜରଙ୍କ ବହୁମୂଲ୍ୟ ସମୟ ମଧ ବଞ୍ଚିବ। ସେୟାର ବଟନ୍ ପାଖରେ ଥିବା ଡାଉନଲୋଡ ବଟନ୍‌କୁ ବ୍ୟବହାର ଦ୍ୱାରା ଏହା ସମ୍ଭବ ହେବ ।

ତେବେ ପ୍ରଥମେ ନିଜ ଆଇଫୋନ ଓ ଆଇପ୍ୟାଡ୍‌ରେ ନେଟଫ୍ଲିକ୍ସ ଆପ୍‌ର ଲାଟେଷ୍ଟ ଭର୍ସନକୁ ପ୍ରଥମେ ଡାଉନଲୋଡ୍ କରନ୍ତୁ । ଏହାପରେ ନେଟଫ୍ଲିକ୍ସ ଆପ୍‌କୁ ଖୋଲନ୍ତୁ ଓ ଆପଣ ଡାଉନଲୋଡ କରିବାକୁ ଚାହୁଁଥିବା ଟିଭି ଶୋ'କୁ ସର୍ଚ୍ଚ କରନ୍ତୁ ।ଏହାପରେ ଉକ୍ତ ଶୋ'ର ଯେଉଁ ସିଜିନକୁ ଆପଣ ଡାଉନଲୋଡ କରିବାକୁ ଚାହୁଁଛନ୍ତି ତାହାକୁ ଚୟନ କରନ୍ତୁ । ସେୟାର ଓ ରେଟ୍ ଅପସନ ପରେ ଥିବା 'Download Season' ଉପରେ କ୍ଲିକ କରନ୍ତୁ । ନଚେତ ଉକ୍ତ ଶୋ'ର ସିଜିନ ଟ୍ରେଲରର Play ବଟନ୍ ତଳେ ଥିବା ଡାଉନଲୋଡ ବଟନ୍‌କୁ ମଧ ୟୁଜର କ୍ଲିକ୍ କରି ପୂରା ସିଜିନକୁ ଡାଉନଲୋଡ କରିପାରିବେ । ପୂର୍ବରୁ ଏହା କରିବା ଦ୍ୱାରା ଉକ୍ତ ଏପିସୋଡ ଡାଉନଲୋଡ୍ ହେଉଥିଲା । ନେଟଫ୍ଲିକ୍ସ କିଛି ରାଷ୍ଟ୍ର ଯେପରିକି ଆମେରିକା, କାନାଡା, ଆର୍ଜେଣ୍ଟିନା ଓ ପର୍ତ୍ତୁଗାଲରେ ସବସ୍କ୍ରିପସନ ମୂଲ୍ୟ ବୃଦ୍ଧି କରିବା ପରେ ଏହି ଫିଚର ଆଣିଛି । କିନ୍ତୁ ଭାରତରେ ସବସ୍କ୍ରିପସନ ଦର ସମାନ ରହିଛି । ଭାରତରେ ମୋବାଇଲ ପ୍ଲାନ ପ୍ରତି ମାସ ପିଛା ଦର ୧୪୯ଟଙ୍କାରୁ ଆରମ୍ଭ ହେଉଛି । ବେସିକ୍ ପ୍ଲାନ ଲାଗି ୟୁଜରଙ୍କୁ୧୯୯ ଟଙ୍କା ରିଚାର୍ଜ କରିବାକୁ ପଡ଼ିବ, ଯେଉଁଥିରେ ମୋବାଇଲ ସହ ଲାପଟପ୍‌ରେ କଣ୍ଟେଣ୍ଟ ଦେଖିହେବ ।

# ବଜେଟ୍ ପରେ ବଦଳିଛି ୫ଟି ବଡ଼ ନିୟମ

**ନୂଆଦିଲ୍ଲୀ,୨।୨:** ସଂସଦରେ ନୂଆ ବଜେଟ୍ ଆଗତ ସହିତ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିୟମ ପରିବର୍ତ୍ତନ ହୋଇଛି। ଏଟିଏମ୍ ଟଙ୍କା ଉଠାଣ, ୟୁପିଆଇ କାରବାର, ବ୍ୟାଙ୍କିଂ ନିୟମ, ଗ୍ୟାସ ସିଲିଣ୍ଡର ମୂଲ୍ୟ ଏବଂ କାର ମୂଲ୍ୟ ସହିତ ଜଡିତ ନୂତନ ନିୟମ ଫେବୃଆରୀ ୧ ରୁ କାର୍ଯ୍ୟକାରୀ ହୋଇଛି। ଆସନ୍ତୁ ଜାଣିବା ସେହି ୫ଟି ବଡ଼ ପରିବର୍ତ୍ତନ ବିଷୟରେ, ଯାହା ସାଧାରଣ ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇବ:

ବ୍ୟାଙ୍କଗୁଡ଼ିକ ଏଟିଏମ୍ ରୁ ଟଙ୍କା ଉଠାଣ ପାଇଁ ଚାର୍ଜ ପରିବର୍ତ୍ତନ କରିଛନ୍ତି। ଏବେ ପ୍ରତି ମାସରେ କେବଳ ୩ ଥର ମାଗଣାରେ ଏଟିଏମ୍ ରୁ ଟଙ୍କା ଉଠାଯାଇପାରିବ। ଏହା ପରେ, ପ୍ରତ୍ୟେକ କାରବାର ଉପରେ ଏକ ଶୁଳ୍କ ନିଆଯିବ। ଆପଣଙ୍କ ନିଜ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ପ୍ରତି କାରବାର ପାଇଁ ୨୫ ଟଙ୍କା ଦେବାକୁ ପଡିବ (ପୂର୍ବରୁ ଏହା ୨୦ ଟଙ୍କା ଥିଲା), ଅନ୍ୟ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ପ୍ରତି କାରବାର ପାଇଁ ୩୦ ଟଙ୍କା ଦେବାକୁ ପଡିବ। ଗୋଟିଏ ଦିନରେ ସର୍ବାଧିକ ନଗଦ ଉଠାଣ ସୀମା ୫୦,୦୦୦ ଟଙ୍କା ସ୍ଥିର କରାଯାଇଛି।

ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆ) ୟୁପିଆଇ ଉପଭୋକ୍ତାଙ୍କ ପାଇଁ ନୂତନ ନିୟମ ଲାଗୁ କରିଛି। ଏବେ ଟ୍ରାଞ୍ଜାକ୍ସନ ଆଇଡିରେ ସ୍ୱତନ୍ତ୍ର ଅକ୍ଷର (@, #, $, ) ବ୍ୟବହାର କରାଯାଇପାରିବ ନାହିଁ। ବ୍ୟବହାରକାରୀଙ୍କ ପାଇଁ କେବଳ ଆଲଫାନ୍ୟୁମେରିକ (ଯଥା a-z ଏବଂ ୦-୯) ଆଇଡି ବୈଧ ହେବ। ଯଦି ଟ୍ରାଞ୍ଜାକ୍ସନ ଆଇଡିରେ ବିଶେଷ ଅକ୍ଷର ଥାଏ, ତେବେ ପେମେଣ୍ଟ ବିଫଳ ହେବ।

ବ୍ୟାଙ୍କର ନୂତନ ନିୟମ ବିଷୟରେ କହିବାକୁ ଗଲେ, ସଞ୍ଚୟ ଖାତା ଉପରେ ସୁଧ ହାର ବୃଦ୍ଧି କରାଯାଇଛି। ଏସ୍‌ବିଆଇ, ପିଏନ୍‌ବି ଏବଂ ଅନ୍ୟାନ୍ୟ ବ୍ୟାଙ୍କଗୁଡ଼ିକ ସୁଧ ହାରକୁ ୩% ରୁ ୩.୫%କୁ ବୃଦ୍ଧି କରିଛନ୍ତି। ଯେଉଁଠାରେ ବରିଷ୍ଠ ନାଗରିକମାନଙ୍କୁ ୦.୫% ଅତିରିକ୍ତ ସୁଧ ମିଳିବ। ଏହା ବ୍ୟତୀତ ସର୍ବନିମ୍ନ ବାଲାନ୍ସ ସୀମା ବୃଦ୍ଧି କରାଯାଇଛି। ଏବେ ଏସ୍‌ବିଆଇରେ ସର୍ବନିମ୍ନ ବାଲାନ୍ସ ୫୦୦୦ ଟଙ୍କା ପୂର୍ବରୁ ଏହା ୩୦୦୦ ଥିଲା, ପିଏନ୍‌ବିରେ ସର୍ବନିମ୍ନ ବାଲାନ୍ସ ୩୫୦୦ ଟଙ୍କା (ପୂର୍ବରୁ ଏହା ୧୦୦୦ ଟଙ୍କା ଥିଲା) ଏବଂ କାନାରା ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ୨୫୦୦ ଟଙ୍କା (ପୂର୍ବରୁ ଏହା ୧୦୦୦ ଟଙ୍କା ଥିଲା)। ଯଦି ଆକାଉଣ୍ଟଧାରୀମାନେ ଏହି ସର୍ବନିମ୍ନ ପରିମାଣଠାରୁ କମ୍ ପରିମାଣର ବାଲାନ୍ସ ରଖନ୍ତି, ତେବେ ସେମାନଙ୍କୁ ଜରିମାନା ଦେବାକୁ ପଡିବ।

ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୭ ଟଙ୍କା ହ୍ରାସ ପାଇଛି। ତଥାପି ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ଲଗାତାର ଦ୍ୱିତୀୟ ମାସ ଯେତେବେଳେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ହ୍ରାସ ପାଇଛି। ୧ ଫେବୃଆରୀ, ୨୦୨୫ ଠାରୁ କାର୍ଯ୍ୟକାରୀ ହୋଇଥିବା ନୂତନ ହାର ଅନୁସାରେ, ଆଜିଠାରୁ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ୭ ଟଙ୍କା ହ୍ରାସ ପାଇଛି। ଆଜିଠାରୁ ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଖୁଚୁରା ବିକ୍ରୟ ମୂଲ୍ୟ ୧୭୯୭ ଟଙ୍କା ହୋଇଛି। ମାରୁତି ସୁଜୁକି ଇଣ୍ଡିଆ (ଏମ୍ଏସ୍ଆଇଏଲ୍) ଫେବୃଆରୀ ୧ ରୁ ଏହାର ଯାନର ମୂଲ୍ୟ ବୃଦ୍ଧି କରିଛି। ମାରୁତି କାରର ମୂଲ୍ୟ ୩୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେଉଁ ମଡେଲଗୁଡ଼ିକର ମୂଲ୍ୟ ବୃଦ୍ଧି ହେବ ସେଗୁଡ଼ିକ ମଧ୍ୟରେ ଅଲ୍‌ଟୋ କେ ୧୦, ୱାଗନାର୍, ସ୍ୱିଫ୍ଟ, ଡିଜେଆର, ବ୍ରିଜା, ବାଲେନୋ, ସିଆଜ୍, ଏକ୍ସଏଲ୍୬, ଫ୍ରାନ୍‌କକ୍ସ, ଜିମ୍ନି, ଗ୍ରାଣ୍ଡ ଭିଟାରା ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି।

- ଏଟିଏମ୍‌ରୁ ଟଙ୍କା ଉଠାଇବା ମହଙ୍ଗା ହେଲା
- ୟୁପିଆଇ କାରବାରରେ ବଡ଼ ପରିବର୍ତ୍ତନ
- ବଦଳିଲାବ୍ୟାଙ୍କିଙ୍ଗ ନିୟମ: ସର୍ବନିମ୍ନ ଜମା ଏବଂ ସୁଧ ହାରରେ ସଂଶୋଧନ
- ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଶସ୍ତା



## ପରିଚାଳନାଗତ ତ୍ରୁଟି ପାଇଁ ଦଣ୍ଡ ଗଣିବ ରାଜ୍ୟ ସମବାୟ ବ୍ୟାଙ୍କ




**ଭୁବନେଶ୍ୱର,୨।୨(ସଞ୍ଚାର ବ୍ୟୁରୋ) :** ନିଜର ପରିଚାଳନାଗତ ତ୍ରୁଟି ପାଇଁ ବିଭିନ୍ନ ସମୟରେ ବିବାଦଘେରରେ ରହୁଥିବା ରାଜ୍ୟ ସମବାୟ ବ୍ୟାଙ୍କ ପୁଣିଥରେ ଚର୍ଚ୍ଚାରେ । ବ୍ୟାଙ୍କିଂ ନିୟମ ଅନୁପାଳନ କରିବାରେ ବିଫଳ ହୋଇଥିବା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଜୋରିମାନା ଧାର୍ଯ୍ୟ କରିଛନ୍ତି । ସୂତ୍ର ଅନୁସାରେ, ବ୍ୟାଙ୍କିଙ୍ଗ୍ ରେଗୁଲେସନ ଆକ୍ଟ-୧୯୪୯ର ଧାରା-୨୬(କ) ଓ ଧାରା ୯ରେ ପ୍ରାବଧାନକୁ ଅନୁପାଳନ କରିବାରେ ବିଫଳ ଥିବା ଯୋଗୁ ରାଜ୍ୟ ସମବାୟ ବ୍ୟାଙ୍କ ଉପରେ ୪ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ କରିଛନ୍ତି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ। ଶୁକ୍ରବାର ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ୨୦୨୩ ମାର୍ଚ୍ଚ ମାସରେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧାନିକ ନିରୀକ୍ଷଣବେଳେ ଏହି ଅସଙ୍ଗତି ଧରାପଡ଼ିଥିଲା । ସେହିସମୟରେ ନାବାର୍ଡ କର୍ତ୍ତୃପକ୍ଷ ମଧ ବୈଧାନିକ ନିରୀକ୍ଷଣ କରି ଏହି ଅସଙ୍ଗତି ଧରିଥିଲେ । ତେବେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏନେଇ ରାଜ୍ୟ ସମବାୟ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ୍ ମଧ ଜାରି କରିଥିଲା । କିନ୍ତୁ ନୋଟିସର ଜବାବ ପାଇବା ପରେ ସନ୍ତୋଷଜନକ ଉତ୍ତର ଦେଇନପାରିବା ଓ ଆବଶ୍ୟକ ଯାଂଚ କରି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଜୋରିମାନା ରୁଜୁ କରିଥିବା ଜଣାପଡ଼ିଛି । ନିର୍ଦ୍ଧାରିତ ଅବଧି ମଧ୍ୟରେ ଅଣବ୍ୟାଙ୍କିଙ୍ଗ ପରିସମ୍ପତ୍ତିର ସମାଧାନ ଓ ବ୍ୟାଙ୍କରେ ଜମା ଥିବା ଅଣଦାବିଦାର ପାଣ୍ଠିକୁ ଶିକ୍ଷା ଓ ସଚେତନତା ପାଣ୍ଠିକୁ ସ୍ଥାନାନ୍ତର କରିବାରେ ବିଫଳ ଥିବା ଯୋଗୁ ଏହି ଜୋରିମାନା ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ସଭାପତି ପଦବୀରେ ନିଯୁକ୍ତିରେ ଅନିୟମିତତା ଓ ବ୍ୟାଙ୍କ ପରିଚାଳନାରେ ବ୍ୟାପକ ତ୍ରୁଟିକୁ ନେଇ ବ୍ୟାଙ୍କ ଅନେକ ସମୟରେ ବିବାଦଘେରକୁ ଆସିଛି । ଏହି ଜୋରିମାନା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ମଧ ତାହା ସମ୍ଭବପର ହୋଇପାରିନି ।



## ୨୦ ବର୍ଷରେ ପଦାର୍ପଣ କଲା ଦୁବକଣ ସରସ୍ୱତୀ ପୂଜା

**ଦଶରଥପୁର, ୨|୨ (ସଂଚାର ବ୍ୟୁରୋ) :** ଦଶରଥପୁର ବ୍ଲକ କର୍ଯ୍ୟ ପଞ୍ଚାୟତସ୍ଥ ଦୁବକଣ ଗ୍ରାମର ରାଧା ମୋହନ ମନ୍ଦିର ପ୍ରାଙ୍ଗଣରେ ବୀଣାପାଣି ସରସ୍ୱତୀଙ୍କ ପୂଜା ବେଶ ଧୁମ ଧାମରେ ପାଳିତ ହୋଇଯାଇଛି। ଦିନ ପ୍ରାୟ ୧୨ ଟା ସମୟରେ ଗ୍ରାମର ସମସ୍ତ ଯୁବକ ଯୁବତୀମାନେ ବାଜା ବାଣ ରୋଶଣୀ ମାଧ୍ୟମରେ ଯାଇ ଗ୍ରାମର ବାବାଜି ପୋଖରୀରେ କଳସ ବୁଡାଇଥିଲେ। ଏହାପରେ ପୂଜକ ବିନୋଦ କୁମାର ପଣ୍ଡା ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରିଥିବା ବେଳେ ଗ୍ରାମର ନୀତିଶ କୁମାର ନାୟକ ସଂକଳ୍ପ କରିଥିଲେ। ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କୁନି କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ଅଭିନୟ ପ୍ରଦର୍ଶନ କରାଯିବା ସହ କୁନି କଳାକାର ମାନଙ୍କୁ ପୂଜା କମିଟି ପକ୍ଷରୁ ସାଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ୨ ଦିନ ଧରି ହେବାକୁ ଥିବା ଏହି ପୂଜା ପାଇଁ ଗ୍ରାମଟି ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ପୂଜାରେ ଗ୍ରାମର ଆବାଳ ବୃଦ୍ଧ ବନିତା ସାମିଲ ହୋଇଥିଲେ। ସୋମବାର ସନ୍ଧ୍ୟାରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

## ବିଭିନ୍ନ ବିଦ୍ୟାଳୟକୁ ଗଣେଶ ଓ ମା' ସରସ୍ୱତୀଙ୍କ ପ୍ରସ୍ତର ମୂର୍ତ୍ତି ପ୍ରଦାନ କଲେ ସମାଜସେବୀ



**ଜଗତସିଂହପୁର, ୨|୨ (ସଂଚାର ବ୍ୟୁରୋ) :** ସାରା ଜୀବନ ମାନବସେବା କାର୍ଯ୍ୟରେ ଲିପ୍ତଥିବା ଅଧ୍ୟାପକ ଡ. ପ୍ରଦୀପ ଶତପଥୀ, ସମାଜରେ ପ୍ରଦୂଷଣ ରୋକିବା ତଥା କୋମଳମତି ବାଳକ ବାଳିକା ମାନଙ୍କ ମନରେ ଆଧ୍ୟାତ୍ମିକତା ଭରିଦେବା ପାଇଁ ଗତ କିଛି ବର୍ଷଧରି ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ସଂପୂର୍ଣ୍ଣ ନିଜସ୍ୱ ଖର୍ଚ୍ଚରେ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କର ପ୍ରସ୍ତର ମୂର୍ତ୍ତି ପ୍ରତିଷ୍ଠା କରିଆସୁଛନ୍ତି । ଚଳିତ ବର୍ଷ ସରସ୍ୱତୀ ପୂଜାରେ ଡ. ଶତପଥୀ ବାଲିକୁଦା ବ୍ଲକ, ଇଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା କୃଷ୍ଣଦାସର ଦେବହତା ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଅଗ୍ରଦେବ ଗଣେଶ ଓ ପୁସ୍ତକଧାରିଣୀ ମା ସରସ୍ୱତୀଙ୍କ ପ୍ରସ୍ତର ମୂର୍ତ୍ତି ପ୍ରଦାନ କରିଛନ୍ତି । ଗତ ୩୦ ବର୍ଷ ଧରି ବିବିଧ ସମାଜକଲ୍ୟାଣ ଓ ଜନମଙ୍ଗଳ କାର୍ଯ୍ୟକ୍ରମ ପାଇଁ ସେ ଜଗତସିଂହପୁର ଜିଲ୍ଲାରେ ପ୍ରସଂସା ଭାଜନ ହୋଇପାରିଛନ୍ତି ।

## ସରସ୍ୱତୀ ପୂଜାରେ କୁନି ଚିତ୍ରଶିଳ୍ପୀଙ୍କ ପରିବେଶ ସୁରକ୍ଷାର ବାର୍ତ୍ତା

**ଭୁବନେଶ୍ୱର, ୨|୨ (ସଂଚାର ବ୍ୟୁରୋ) :** ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାକୁ ନିଆରା ଏବଂ ଭିନ୍ନ ଢ଼ଙ୍ଗରେ ପାଳନ କରିଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ। ସମ୍ପ୍ରତି ଜଳବାୟୁର ଜ୍ୱାଳା ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ପରିବେଶ ଅନୁକୂଳ ପୂଜା କରିଛନ୍ତି ଶାନ୍ତନୁ। ନିଜର



ପୁରୁଣା ଖାତାର ପ୍ରଚ୍ଛଦରୁ ବିଦ୍ୟାଦାତ୍ରୀଙ୍କ ଚିତ୍ର ସଂଗ୍ରହ କରି ସେଗୁଡ଼ିକୁ ଘରେ ସୁସଜ୍ଜିତ କରି ଶ୍ରଦ୍ଧା ଓ ଭକ୍ତିର ସହ ପୂଜା କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ପୂଜାରେ ନା କୌଣସି ରାସାୟନିକ ପ୍ରଲେପଯୁକ୍ତ ରଙ୍ଗ ଥିଲା, ନା ଥିଲା ପରିବେଶ ପ୍ରଦୂଷଣର ଭୟ। ଏହା ଦେଖିବାକୁ ଯେତିକି ଆକର୍ଷଣୀୟ ଥିଲା ସେତିକି ପରିବେଶ ଅନୁକୂଳ ମଧ୍ୟ ଥିଲା। ବିଭିନ୍ନ ରାସାୟନିକ ଯୁକ୍ତ ରଙ୍ଗରେ ପ୍ରସ୍ତୁତ ମୂର୍ତ୍ତିର ବିସର୍ଜନ ଜଳ ପ୍ରଦୂଷଣ କରିବା ସହ ଜଳଚର ଜୀବମାନଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ। ଏହା ପ୍ରତିହତ କରିବା ପାଇଁ ଏଭଳି ପୂଜା ଗତବର୍ଷ ଠାରୁ ଶାନ୍ତନୁ କରି ଆସୁଛନ୍ତି। ଶାନ୍ତନୁଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି। ଶାନ୍ତନୁ ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

# ଆୟକରଦାତାଙ୍କ ରାସନକାର୍ଡ ଯାଞ୍ଚ୍ କେବେ ?

## ଲୁଚି ରହିଯିବ କି ଚାରିଚକିଆ ଯାନ ଥିବା ବ୍ୟକ୍ତିଙ୍କ ରାସନ କାର୍ଡ ଯାଞ୍ଚ ?

**କାକଟପୁର/ଅସ୍ତରଙ୍ଗ, ୨|୨ (ସଂଚାର ବ୍ୟୁରୋ) :** କେବଳ ସରକାରୀ କର୍ମଚାରୀ ନୁହଁନ୍ତି, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଆୟକରଦାତା ଓ ଚାରିଚକିଆ ଯାନ ଚଢୁଥିବା ବ୍ୟକ୍ତି ବିଶେଷଙ୍କର ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ହାତେଇଛନ୍ତି ରାସନକାର୍ଡ। ବର୍ଷବର୍ଷ ଧରି ମାଗଣା ଚାଉଳ ନେଉଛନ୍ତି। ସରକାରୀ କର୍ମଚାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ଏହାର ଯାଞ୍ଚ ଚାଲିଛି। ଅଥଚ ଆଜିପର୍ଯ୍ୟନ୍ତ କେତେ ଆୟକରଦାତା ରାସନ କାର୍ଡ ହାତେଇଛନ୍ତି, ତାହାର ତଥ୍ୟ କାହା ପାଖରେ ନାହିଁ। ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କ ତାଲିକା ପ୍ରକାଶ ପାଇନି । କାର୍ଯ୍ୟାନୁଷ୍ଠାନ ଭୟରେ ଅଧିକାଂଶ ଆୟକରଦାତା ଇ-କେୱାଇସି ଭରି ନାହାନ୍ତି। ଆୟକର ବିଭାଗରୁ ତଥ୍ୟ ସଂଗ୍ରହ କରି କେଉଁ ମାନେ ରାସନ କାର୍ଡ ହାତେଇଛନ୍ତି, ତାହାର ଯାଞ୍ଚ କରିବାକୁ ଦାବି ହୋଇଛି ।



ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ କେତେଜଣ ପିଡିଏସ୍ ଡିଲର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାରୀ କର୍ମଚାରୀଙ୍କ ଭଳି ଅନେକ ଆୟକରଦାତା ରାସନକାର୍ଡ ହାସଲ କରିଛନ୍ତି। ଆୟକର ଦେଉଥିଲେ ବି ତହସିଲରୁ କମ୍ ଆୟର ପ୍ରମାଣପତ୍ର ସଂଗ୍ରହ କରିଛନ୍ତି। ତାକୁ ଦାଖଲ କରି କାର୍ଡ ପାଇଛନ୍ତି। ସେମାନଙ୍କ ପରିବାରରୁ ଜଣେ ଲେଖାଏଁ ସଦସ୍ୟ ଆସି ଖାଦ୍ୟ ସୁରକ୍ଷା ଯୋଜନା ଚାଉଳ ନେଉଛନ୍ତି। ଆୟକରଦାତା ଚିହ୍ନଟ ଲାଗି ଆଜିପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନି। ଗତ ଅଗଷ୍ଟ ମାସରୁ ପିଡିଏସ୍ କେନ୍ଦ୍ରରେ ଇ-କେୱାଇସି କରିବାକୁ କୁହାଯିବା ପରେ ଭୟରେ ଅନେକ ଆୟକରଦାତା ଆସୁ ନାହାନ୍ତି। ସରକାରଙ୍କ ପକ୍ଷରୁ ତାଲିକା ପ୍ରକାଶ ପାଇନଥିବାରୁ ଜିଲ୍ଲାରେ କେତେଜଣ ଆୟକରଦାତା ରହିଛନ୍ତି ତାହା ସ୍ପଷ୍ଟ ହେଉନି। ଯେହେତୁ ସରକାରଙ୍କ କୌଣସି ନିର୍ଦ୍ଦେଶ ନାହିଁ, ଆୟକରଦାତା ରାସନକାର୍ଡ ପାଇଥିଲେ ମଧ୍ୟ ପିଡିଏସ୍ ଡିଲର କିଛି କରି ପାରିବେ ନାହିଁ । ଯେଉଁ ଆୟକରଦାତା କାର୍ଯ୍ୟାନୁଷ୍ଠାନକୁ ଭୟ କରୁ ନାହାନ୍ତି ସେମାନେ କେ-ୱାଇସି କରିବା ସହ ମାଗଣା ଚାଉଳ ନେଉଛନ୍ତି ।

ଆୟକରଦାତାଙ୍କ ସମ୍ପର୍କରେ ବିଭାଗ ପାଖରେ କୌଣସି ତଥ୍ୟ ନାହିଁ ବୋଲି ଯାହା ସୂଚନା ମିଳିଛି। ସରକାରୀ କର୍ମଚାରୀଙ୍କ ଭଳି ରାସନକାର୍ଡ ହାତେଇଥିବା ଆୟକରଦାତାଙ୍କ ତାଲିକା ଆସିଲେ ଯାଞ୍ଚ କରାଯିବ। ସୂଚନାଥାଉକି, ଗତ ୩୦ ତାରିଖ ସୁଦ୍ଧା ଅସ୍ତରଙ୍ଗ ବ୍ଲକରେ ୬ହଜାର ୪ଶହ ୫୩ ଜଣ ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ଏଥିରେ ଅଧିକାଂଶ ଆୟକରଦାତା ଏବଂ ସରକାରୀ କର୍ମଚାରୀଙ୍କ ପରିବାର ଥାଇପାରନ୍ତି ବୋଲି ଆକଳନ କରାଯାଉଛି। ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ତୁରନ୍ତ ଯାଞ୍ଚ କରାଯାଉ।

## ଠାକୁରାଣୀଙ୍କ ସୁନା ଆଖି ଓ ମୁକୁଟ ଡାକି ନେଲେ ଦୁର୍ବୃତ୍ତ

**କଣାସ, ୨|୨ (ସଂଚାର ବ୍ୟୁରୋ) :** କଣାସ ଥାନା ଅନ୍ତର୍ଗତ ଗଡ଼ସାପୁଟ ଗ୍ରାମପଞ୍ଚାୟତର କଣ୍ଟାବଣିଆଗ୍ରାମର ନାରାୟଣୀ ଦେବୀ ମନ୍ଦିରରୁ କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ମନ୍ଦିର ଭିତରେ ପଶି ଠାକୁରାଣୀଙ୍କ ର ଦୁଇଟି ସୁନା ଆଖି ଡାକି ନେବା ସହ ରୁପାର ମୁକଟ ନେଇଯାଇଛନ୍ତି। ସେହିପରି ପାଖ ଗ୍ରାମ ଅଣ୍ଡା ଗ୍ରାମର ତାଳେଶ୍ୱର ମହାଦେବଙ୍କ ମନ୍ଦିର ମଧ୍ୟରେ ପଶି ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ନେଇଯାଇଥିବା ବେଳେ ତାର ନିକଟବର୍ତ୍ତୀ ଗ୍ରାମ ଷଢେଇଗଡ଼ ଗ୍ରାମର ଆରାଧ୍ୟ ଠାକୁର ଖରାଖିଆ ବୈଦ୍ୟନାଥ ମନ୍ଦିରର ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ନେଇଯାଇଛନ୍ତି। ଖବର ପାଇ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ କଣ୍ଟାବଣିଆଗ୍ରାମକୁ ଯାଇ ମନ୍ଦିରରୁ ଚୋରି ଯାଇଥିବା ସୁନା ଆଖି ଓ କିରଟି ସମ୍ପର୍କରେ ତଦନ୍ତ କରି ଆସିଥିଲେ ମଧ୍ୟ କେହି ଥାନାରେ ଏତଲା ଦେଇନଥିବା ଶ୍ରୀ ଜୁଝାରସିଂହଙ୍କ ଠାରୁ ପ୍ରକାଶ। ଅଣ୍ଡା ଏବଂ ଷଢେଇଗଡ଼ ଗ୍ରାମ ଦୁଇଟି ଖୋର୍ଦ୍ଧା ଥାନା ପରିସରଭୁକ୍ତ ହୋଇଥିବାରୁ ଖୋର୍ଦ୍ଧା ପୁଲିସ ଦୁର୍ବୃତ୍ତକୁ ଧରିବା ପାଇଁ ତଦନ୍ତ ଚଳାଇଛନ୍ତି।

## ସାମ୍ବାଦିକ ଭବନର ନୂତନ ସଭା ଗୃହ ପ୍ରତିଷ୍ଠା

**ନୟାଗଡ଼, ୨|୨ (ସଂଚାର ବ୍ୟୁରୋ) :** ପବିତ୍ର ସରସ୍ୱତୀ ପୂଜା । ଏହି ଅବସରରେ ଆଜି ନୟାଗଡ଼ ସାମ୍ବାଦିକ ଭବନର ନୂତନ ସଭା ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ବୈଦିକ ରୀତି ନୀତି ଅନୁଯାୟୀ ଏହି ଉତ୍ସବ ପାଳନ କରାଯାଇଛି । ହୋମ ଯଜ୍ଞ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଛି । ନୟାଗଡ଼ ସାମ୍ବାଦିକ ଭବନର ସଭାପତି ବୈଦ୍ୟଭୁଷଣ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡାଙ୍କ ସମେତ ଭବନର ସମସ୍ତ ସଭ୍ୟମାନେ ଉପସ୍ଥିତ ରହିଥିଲେ । ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କର୍ତ୍ତା ଭାବେ ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ, ପ୍ରଶାନ୍ତ ଜେନା, ଅନୱର ଅଲ୍ଲୀ, ଅମିତ ପଟ୍ଟନାୟକ, ଦେବବ୍ରତ ନାୟକ, ଅଶୋକ ସାଥୁଆ, ବିଶ୍ୱଭୁଷଣ ମହାପାତ୍ର, ଜନ୍ମେଜୟ ମହାନ୍ତି, ପ୍ରଭାତ ମହାପାତ୍ର, ଭାସ୍କର ସ୍ୱାଇଁ, ଗଗନ ମହାପାତ୍ର, ବିଶ୍ୱନାଥ ବେହେରା, ସୁମନ ସାହୁ, କୈଳାଶ ଚନ୍ଦ୍ର ସିଅ, ବିଭୁତି ଭୁଷଣ ସ୍ୱାଇଁ, ଧୀରେନ୍ଦ୍ର ପଟ୍ଟନାୟକ, ରସାନନ୍ଦ ସ୍ୱାଇଁ, ବିଶ୍ୱଜିତ ନାୟକ, ନିହାର ରଞ୍ଜନ ପଟ୍ଟନାୟକ, ରଜତ ପଟ୍ଟନାୟକ, ରବିନ୍ଦ୍ର ଦାସ, ଦୀନମଣି ମହାନ୍ତି, ଜୟନ୍ତ ମିଶ୍ର, ସ୍ୱରୁପ କୁମାର ପଟ୍ଟନାୟକ, ନବକିଶୋର ମିଶ୍ର, ମହେଶ ମିଶ୍ର, ଚନ୍ଦ୍ର ବିଜୟୀ ମିଶ୍ର, ଉଦିତ ନାରାୟଣ ଦାସ, ମାନସ ସାହୁ, କ୍ଷୀରୋଦ ପଟ୍ଟନାୟକ, ସୁଭାଶିଷ ପଟ୍ଟନାୟକ, ବିଷ୍ଣୁ ଚରଣ ପଟ୍ଟନାୟକ ଓ ସଞ୍ଜୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ ।



## ଅରଣ୍ୟ ନଗର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ

**ସୁନ୍ଦରଗଡ, ୨|୨ (ସଂଚାର ବ୍ୟୁରୋ) :** ରବିବାର ସୁନ୍ଦରଗଡ ଅରଣ୍ୟ ନଗର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉଦଘାଟନୀ ଉତ୍ସବରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୌରଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ଏହି ଅବକାଶରେ ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନର ଆୟୋଜନ କରାଯାଇଥିଲା। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସନ୍ତା ଶିକ୍ଷାବର୍ଷ ୨୦୨୫ ମସିହା ଠାରୁ ୧୨୮ଟି ସିଟରେ ବିଜ୍ଞାନ ବିଭାଗ ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏହି ଅନୁଷ୍ଠାନରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତ ପାଠ୍ୟକ୍ରମ ଅନୁଯାଇ ଶିକ୍ଷାଦାନ କରାଯିବ, ତା ସହିତ ମେଡିକାଲ ଓ ଇଞ୍ଜିନିୟରିଙ୍ଗ ପ୍ରସ୍ତୁତି ପାଇଁ ଅଭିଜ୍ଞ ଶିକ୍ଷକ ମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯିବ। ଛାତ୍ର ଛାତ୍ରୀ ନିବାସ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି ବୋଲି ବିଦ୍ୟାଳୟ ସେକ୍ରେଟାରୀ ସୂଚନା ଦେଇଛନ୍ତି

## ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରତା ଦିବସ ପାଳିତ




**ବେତନଟୀ, ୨|୨ (ସଂଚାର ବ୍ୟୁରୋ) :** ବଡ଼ସାହି ବ୍ଲକ ଶାଳଗାଁ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ବିଶ୍ୱ ଅର୍ଦ୍ରତା ଦିବସ ପାଳିତ ହେବା ସହିତ ମା' ବାଗଦେବି ସରସ୍ୱତୀଙ୍କର ପୂଜା ଅନଷ୍ଠିତ ହୋଇଥିଲା। ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ତୋଷ କୁମାର ବେହେରା ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଶ୍ରୀହର ମହାନ୍ତି ପରିବେଶବିତ, ମୁଖ୍ୟ ବକ୍ତା ପ୍ରଭାସ କୁମାର ନାୟକ ଓଷ୍ଟାର ଜିଲ୍ଲା ଯୁଗ୍ମ ସମ୍ପାଦକ, ସମ୍ମାନୀୟ ଅତିଥି ଭାବରେ ଉମାକାନ୍ତ ସାସମଲ ଯୋଗଦେଇ ପରିବେଶର ସୁରକ୍ଷା, ସନ୍ତସନ୍ତିଆ ସ୍ଥାନ, କେତେକ ବୃକ୍ଷଲତା ଜୀବଜନ୍ତୁ ଲୋପ ପାଇ ଯାଉଛନ୍ତି ତାର ସୁରକ୍ଷା କରିବା ଆମର ଦାୟିତ୍ୱ ଆଟେ ବୋଲି କହିଥିଲେ। ପ୍ରତ୍ୟେକ ଛାତ୍ର ଛାତ୍ରୀ ଆଜି ଦିନରେ ନିଜ ଜମିରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ସହିତ ଆଦ୍ରଭୂମିର ସୁରକ୍ଷା ନେବା ପାଇଁ ଶପଥ ନେଇଥିଲେ ପରିବାରର ଜନ୍ମ , ବିବାହ , ମୃତ୍ୟୁ ଓ ଅନ୍ୟ କାର୍ଯ୍ୟକ୍ରମରେ ଗୋଟିଏ ଗଛ ଉପହାର ଦେବା ପାଇଁ ଅତିଥି ବୃନ୍ଦ ମତାମତ ଦେଇଥିଲେ।

# ଅନୁସୂଚିତ ଜାତି-ଜନଜାତି ତହବିଲ ଦୁରୁପଯୋଗ ଅଭିଯୋଗ

**ରାୟଗଡା, ୨|୨ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲାପାଳ ପାରୁଲ ପାଟୱାରୀ ନିଜର ସ୍ୱାର୍ଥ ସାଧନ ସକାଶେ ଯେଉଁ ଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ନେଇ ଚିନ୍ତିତ ଜିଲ୍ଲାର ବୁଦ୍ଧିଜୀବି । କିଛି ଦିନ ପୂର୍ବରୁ ଏହିଭଳି ଜଣେ ଡି ଡବ୍ଲ୍ୟୁଓ ବଦଳି ଆଶ୍ଚର୍ଯ୍ୟଚକିତ କରିଥିଲା । ସେହିଁଭଳି ଏହି କିଛି ଦିନ ହେବ ରାୟଗଡ଼ ଜିଲ୍ଲାପାଳଙ୍କ ଏବଂ ଡି ଡବ୍ଲ୍ୟୁଓ ଙ୍କ ଭିତରେ ଥିବା ଅନ୍ତଃକଳହ ଗୁମର ଖୋଲି ଦେଇଛନ୍ତି ନିଜେ ଡି ଡବ୍ଲ୍ୟୁ ଅସୀମା ରାଓ ।

ସୂଚନା ମୁତାବକ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧିକାରୀଣି ରାଓ ୧୧ ଡ଼ିସେମ୍ବର ୨୦୨୪ରେ ଡି ଡବ୍ଲ୍ୟୁ ଓ ଭାବେ ରାୟଗଡ଼ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟରେ ଯୋଗଦେଇଥିଲେ । ଯୋଗ ଦେବା ଦିନ ଠାରୁ ଅସୀମାଙ୍କ ଉପରେ ଜିଲ୍ଲାପାଳଙ୍କ ନିର୍ଯାତନା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ଠାରୁ ପଛରେ ବୁଲିବା ପରେ ରାତି ୧୦.୩୦ ସମୟରେ କାର୍ଯ୍ୟରେ ଯୋଗଦେବା ଅନୁମତି ପତ୍ର ଜିଲ୍ଲାପାଳ ଗ୍ରହଣ କରିଥିଲେ। ଯୋଗ ଦେବାର ସଙ୍ଗେ ସଙ୍ଗେ ୧କୋଟି ୩୧ଲକ୍ଷ ୪୪ ହଜାର ୪ଶହ ଟଙ୍କାର କାର୍ଯ୍ୟାଦେଶ ସମ୍ପର୍କିତ ଫାଇଲ ଆଣିବା ପାଇଁ କହିଥିଲେ । ଯାହାକି ସେ ସମୟରେ ନିଜେ ଶ୍ରୀମତୀ ରାଓ ଜାଣିନଥିବା ପ୍ରକାଶ କରିଛନ୍ତି। ଉକ୍ତ ଫାଇଲରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସେବାଶ୍ରମ ଗୁଡିକରେ ବିଭିନ୍ନ ଉପକରଣ ଯୋଗାଇବା ପାଇଁ ଆସିଥିବା ଅର୍ଥକୁ ନେଇ ଜିଲ୍ଲାପାଳଙ୍କ ଚକ୍ରାନ୍ତ ରହିଥିଲା । ଉପକରଣ ଗୁଡ଼ିକର ଦର ଓଡ଼ିଶା ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶକଙ୍କ ସୀମିତ ଦର ଠାରୁ ପ୍ରାୟ ଦୁଇଗୁଣ ରହିଥିବା ଜଣାପଡିଛି । ଏହି କାର୍ଯ୍ୟାଦେଶକୁ ସମ୍ମତି ନଦେବାରୁ ଜିଲ୍ଲାପାଳ ଶ୍ରୀମତୀ ରାଓଙ୍କୁ କାର୍ଯ୍ୟରେ ଯୋଗଦେବାର ୩ ଦିନ ଭିତରେ କାରଣ ଦର୍ଶାଓ ନୋଟିସ ଦେଇଥିଲେ । ଯାହାକି ଉକ୍ତ ସମୟରେ ଶ୍ରୀମତୀ ରାଓ ନିଜର ଦେହ ଅସୁସ୍ଥତା କାରଣରୁ ଛୁଟିରେ ରହିଥିବା ଓ ଯେଉଁ ବୈଠକରେ ସେ ଅନୁପସ୍ଥିତ ଥିଲେ ସେହି ବୈଠକରେ ତାଙ୍କ କାର୍ଯ୍ୟାଳୟ ତରଫରୁ ଏ ଡି ଡବ୍ଲ୍ୟୁ ଓ ଯୋଗ ଦେଇଥିବା କଥା ମଧ୍ୟ କହିଛନ୍ତି। ଜିଲ୍ଲାପାଳ ଯେଉଁ ଭଳି ଢ଼ଙ୍ଗରେ କାର୍ଯ୍ୟ କରୁଛନ୍ତି ତାହା ନିଶ୍ଚିତ ଚିନ୍ତାଜନକ କାରଣ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଯେଉଁ ଫାଇଲ ଗୁଡ଼ିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛି ତାକୁ ଜିଲ୍ଲାପାଳ ଫେରସ୍ତ କରିବା ସହ ପୁନର୍ବାର ସମୀକ୍ଷା ପାଇଁ ଡାକି ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଦେଇ ମାନସିକ ନିର୍ଯାତନା କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ରାଓ ।

ଏହି ପରିପ୍ରେକ୍ଷୀରେ ସର୍କିଟ ହାଉସ ଦାୟିତ୍ୱରେ ରହିଥିବା କର୍ମଚାରୀ ରାମଚନ୍ଦ୍ର ସାହୁଙ୍କୁ ନିଜର ବିଶ୍ୱାସୀ ଭାବେ ରଖିଥିବା ବେଳେ ତାଙ୍କ ଦ୍ୱାରା ଜିଲ୍ଲାର ଏକ ବିଭିନ୍ନ କାର୍ଯ୍ୟାଳୟ ଓ ଏଜେନ୍ସୀ ମାନଙ୍କଠାରୁ ମାସିକ ଆୟ ସଂଗ୍ରହ କରୁଥିବା ଭଳି ଘଟଣା ଜିଲ୍ଲାବାସୀଙ୍କୁ ସ୍ତବ୍ଧ କରିଦେଇଛି । ଜିଲ୍ଲାପାଳଙ୍କ ସ୍ୱାମୀ ଜଣେ ଜଣାଶୁଣା ଠିକାଦାର ଭାବେ ପରିଗଣିତ ହେଉଥିବା ଚର୍ଚ୍ଚା ମଧ୍ୟ ଜିଲ୍ଲାରେ ଏକ ଗୁଞ୍ଜରଣ ସୃଷ୍ଟି କରିଛି । ଏହି କ୍ରମ ଜାରି ରହିଲେ ଜିଲ୍ଲା ବିକାଶ ନୁହେଁ ବିନାଶ ଆଗକୁ ମୁହାଁଇବ । ନୂଆ ସରକାରଙ୍କ ମୁଖ ମଳିନ ପଡିବ ବୋଲି ଆଲୋଚନା ହେଉଛି । ଅସୀମା ଆଣିଥିବା ଅଭିଯୋଗରେ ଯଦି ସତ୍ୟତା ରହିଛି ତାହା ହେଲେ ଏହା ଜିଲ୍ଲା ପାଇଁ ଏକ ଘଡିସନ୍ଧି ମୂହୁର୍ତ୍ତ ବୋଲି ବାଟଘାଟରେ ଆଲୋଚନା ହେଉଛି । ଏନେଇ ଜିଲ୍ଲାପାଳଙ୍କ ମତାମତ ହସ୍ତଗତ ହୋଇପାରିନାହିଁ ।

## ୧୭ତମ ଭୈରବୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଧଣ୍ଡାମୁଣ୍ଡା ଚାମ୍ପିୟନ, ବାନ୍ଦେପଦର ରନର୍ସଅପ୍




**ଖପ୍ରାଖୋଲ, ୨|୨ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଠାରେ ଚାଲିଥିବା ୧୭ତମ ଭୈରବୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳ ଧଣ୍ଡାମୁଣ୍ଡା ଓ ବନ୍ଦେପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନ୍ଦେପଦର ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୬ ଓଭରରେ ୮ ୱିକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଧଣ୍ଡାମୁଣ୍ଡା ଦଳ ୧୨.୪ ଓଭର ରେ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରି ନେଇଥିଲା । ଯାହା ଫଳରେ ଧଣ୍ଡାମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା ।

ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୈରବୀ କ୍ରିକେଟ୍ କ୍ଲବ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ପୂର୍ବତନ ବିଧାୟକ ସରୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଟଣାଗଡ ଏନ୍ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ ମେହେର, ଭାନପୁର ସରପଞ୍ଚ ରୀନା ଜାଲ, ଅମିତ୍ ସୁନା, ଡିଲେଶ୍ୱର ଜାଲ, ଶୋଭନମୟ ମିଶ୍ର, ତୁର୍ଲା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲା, ବୃନ୍ଦାବନ ସେଠ୍, ଗୋପାଳ ପାତ୍ର, ବ୍ରହ୍ମା ନନ୍ଦ ସାହୁ, ଟିକେଲାଲ ପାତ୍ର ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧୦୧୧ ଟଙ୍କା ଏବଂ ରନର୍ସ ଅପ ଦଳ କୁ ଟ୍ରଫି ସହ ୭୦୭୦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପାୟାର ରୁପେ ନିକୁ ଶବର ଓ ଆଶିଷ ପାଣିଗ୍ରାହୀ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ରୁପେ ପ୍ରଶାନ୍ତ ମେହେର ଦାୟିତ୍ୱ ତୁଲାଇଥିଲେ । ସୁଦାମ ସାହୁ ଓ ରଞ୍ଜିତ ମେହେର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟଟି ଆଠ ଦିନ ଧରି ଚାଲିଥିବା ବେଳେ ୧୬ଟି ଦଳ ଭାଗ ନେଇଥିଲେ ।

## ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ

**ସୁନ୍ଦରଗଡ, ୨|୨ (ସଂଚାର ବ୍ୟୁରୋ) :** ସୁନ୍ଦରଗଡ ସାଇ ବିହାର ରୋଡ଼ରେ ଆଜି ସରସ୍ୱତୀ ପୂଜା ଦିବସରେ ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ମାନୀତ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ବରିଷ୍ଠ ଆଇନଜୀବୀ ନିମାଇ ଚରଣ ନାଏକ, ବରିଷ୍ଠ ଆଇନଜିଓ୍ୱୀ ଅଶୋକ ଦାଶ, ବିଶିଷ୍ଟ ଶିକ୍ଷାବିତ ତଥା ସୁନ୍ଦରଗଡ ଏଜୁକେସନାଲ ଟ୍ରଷ୍ଟ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ନାଗରିକ ତଥା ରାମଜୀ ମନ୍ଦିର ଟ୍ରଷ୍ଟର ସଭାପତି ବେଣୁମାଧବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏପରି ଏକ ସଂଘର ନିହାତି ଆବଶ୍ୟକତା ଥିଲା ବୋଲି ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିମାନେ କହିଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଦାୟିତ୍ୱ ନିଭାଉ ଥିବା ଏହି ସାମ୍ବାଦିକ ବା ସଂଘ ପ୍ରତି ଆମର ସବୁବେଳେ ଶୁଭେଚ୍ଛା ଓ ସହଯୋଗ ରହିବ ବୋଲି ଅତିଥି ମାନେ କହିଥିଲେ।




## କୁଲଡିହାରେ ଶିକାରୀ ମୁକ୍ତ ପାଇଁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି

**ନୀଳଗିରି, ୨|୨ (ସଂଚାର ବ୍ୟୁରୋ) :** ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟର ଆରମ୍ଭ ହୋଇଛି ଶିକାରୀ ମୁକ୍ତ ଅଭିଯାନ କଡ଼ାକଡ଼ି। ଶନିବିର ଠାରୁ ୪ଟି ଦଳରେ ୧୦୦ ବନକର୍ମଚାରୀ ପୂର୍ବ ବର୍ଷରେ ଜେଉଁ ଜେଉଁ ସ୍ଥାନରେ ଅଧିକ ଶିକାରୀ କରୁଥିଲେ ସହି ସବୁ ସ୍ଥାନରେ ଶିକାରୀ ସନ୍ଧାନରେ କୁଲଡିହା ଅଭୟାରଣ୍ୟରେ ଆଭ୍ୟନ୍ତର ଅଞ୍ଚଳର ପହରା ଦେଉଛନ୍ତି। ଏହି ଅଭିଯାନରେ ଅବସରପ୍ରାପ୍ତ ସେନା କର୍ମଚାରୀ, ବନପାଳ, ଗାର୍ଡ, ସବୁଜ ବାହିନୀ, ଗଜସାଥୀ କର୍ମଚାରୀମାନେ ସାମିଲ ହୋଇଛନ୍ତି। ବନ୍ୟ ଜନ୍ତୁଙ୍କ ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ନେଇ କୁଲଡିହା ଅଭୟାରଣ୍ୟରେ ଅବସରପ୍ରାପ୍ତ ସେନା ଯବାନ କର୍ମଚାରୀଙ୍କୁ ୧୫ଟି ବନ୍ଧୁକ ମଧ୍ୟ ପ୍ରଦାନ



କରାଯାଇଛି। ଏହି କର୍ମଚାରୀମାନେ ଜଙ୍ଗଲ ଭିତରେ ଶିକାରୀଙ୍କ ମୁକାବିଲା ଲାଗି ସବୁ ସମୟରେ ପାଟ୍ରୋଲିଂ କରିବେ। ଶିକାରୀଙ୍କ ମୁକାବିଲା ନେଇ ସରକାରଙ୍କ କଠୋର ଆଭିମୁଖ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଖୁବ୍‌ଶୀଘ୍ର କୁଲଡିହା ଶିକାରୀମୁକ୍ତ ହେବ ବୋଲି ଏସିଏଫ୍‌ଓ ତଥା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ସୁବ୍ରତ ବେହେରା କହିଛନ୍ତି।

## ଭାଟକୁମରଡ଼ା କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ବ୍ରହ୍ମପୁର, ୨|୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ବ୍ଲକର ଭାଟକୁମରଡ଼ା କ୍ଲଷ୍ଟର ପକ୍ଷରୁ ସୁନାଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ସିଆରସିସି ଏସ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୭ ନମ୍ବର ଜୋନର ଜିଲ୍ଲା ପରିଷଦ ରଂଜିତ କୁମାର ବେହେରା, ସମିତିସଭ୍ୟା ନମିତା ବସନ୍ତିଆ, ସ୍ଥାନୀୟ ସରପଞ୍ଚ ଅନିଲ କୁମାର ନାହାକ, ୱାର୍ଡ ମେମ୍ବର ଅରୁଣ ଚନ୍ଦ୍ର ପ୍ରଧାନ,ଏବିଇଓ ସିମାଞ୍ଚଳ ରଥ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭ୍ୟ ସୁବାଷ ଚନ୍ଦ୍ର ବେହେରା,ସୁନାଥର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାତ୍ରଙ୍କ ସହ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୪୦ ଜଣ ଛାତ୍ରଛାତ୍ରୀ, ୮୦ଜଣ ଅଭିଭାବକ ଯୋଗଦେଇ ସାକ୍ଷରତା ଷ୍ଟଲ, ସଂଖ୍ୟାଜ୍ଞାନ ଷ୍ଟଲ, ସୃଜନାତ୍ମକ କାର୍ଯ୍ୟ କଳାପ ଷ୍ଟଲ ବୁଲି ଦେଖିବା ସହ ପିଲାମାନଙ୍କ ଚିତ୍ର, ନାଚ, ଗୀତ, ଗଳ୍ପ ଆଦି ପ୍ରତିଯୋଗିତା ଉପଭୋଗ କରିଥଲେ। ପରେ ସମସ୍ତଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅତିଥିମାନେ ଯୋଜନାର ଲକ୍ଷ୍ୟ ଓ ଶିକ୍ଷାର ମାନ ଉପରେ ଗୁରୁତ୍ୱାରୋପ କରି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହ ଅଂଶ ଗ୍ରହଣ କରିଥିବା ସମସ୍ତ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।